
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୨୫ ମାର୍ଚ୍ଚ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 25 MARCH 2023
Vol.No. 34 ■ No. 79 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ମାନହାନୀ ମାମଲାରେ ରାହୁଲ ସାଂସଦ ପଦରୁ ଅଯୋଗ୍ୟ

### ଦେଶର ସ୍ୱର ସାଜିବା ପାଇଁ ଜାରି ରହିବ ଲଢ଼େଇ : ରାହୁଲ



ନୂଆଦିଲ୍ଲୀ, ୨୪/୦୩ : ରାହୁଲଙ୍କ ସଭ୍ୟ ପଦ ଯିବା ପରେ, ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । କଂଗ୍ରେସର ଶୀର୍ଷ ନେତୃତ୍ୱ ତୁହାକୁ ତୁହା ବୈଠକ କରି ଆଗାମୀ ରଣନୀତି ପ୍ରସ୍ତୁତ କରୁଥିବାବେଳେ ରାସ୍ତାକୁ ଓହ୍ଲାଇ ପ୍ରତିବାଦ କରିଛନ୍ତି କଂଗ୍ରେସ କର୍ମୀ । ମୋଦୀ ସରକାର ବିରୋଧରେ ବିକ୍ଷୋଭ କରିଛନ୍ତି । କିନ୍ତୁ ରାହୁଲଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ଐତିହାସିକ କହିବା ସହ ସ୍ୱାଗତ କରିଛି ବିଜେପି । ଆଦାନୀ ମାମଲାର ଜେପିସି ତଦନ୍ତ ଦାବି, କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କୁ ସଂସଦରେ କହିବାକୁ ଅନୁମତି ଭଳି ଦାବି ନେଇ ରାସ୍ତାକୁ ଓହ୍ଲାଇଛି କଂଗ୍ରେସ । ସଂସଦ ଭବନରୁ ବିଜୟ ଚୌକ ଯାଏଁ ବରିଷ୍ଠ କଂଗ୍ରେସ ନେତା ଓ ଏକାଧିକ ବିରୋଧୀ ଦଳର ନେତା ବିରୋଧ ପ୍ରଦର୍ଶନ କରିଛନ୍ତି । ଏହାର କିଛି ସମୟ ପରେ ସାଂସଦ ରାହୁଲ ଗାନ୍ଧୀଙ୍କ ସଦସ୍ୟତା ରଦ୍ଦ ଖବର ଆସିଥିଲା । ଆଉ କଂଗ୍ରେସର ସର୍ବୋଚ୍ଚ ନେତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନର ପ୍ରତିବାଦ ଦେଶର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳିଛି । ମୁମ୍ବାଇ, ରାୟପୁର, ଲକ୍ଷ୍ନୌ, ପାଟନାରେ କଂଗ୍ରେସ କର୍ମୀ ରାହୁଲଙ୍କ ସଦସ୍ୟତା ରଦ୍ଦକୁ ନେଇ ବିଜେପି ବିରୋଧରେ ଜୋରଦାର ବିରୋଧ ପ୍ରଦର୍ଶନ କରିଛନ୍ତି । ରାହୁଲ ଗାନ୍ଧୀଙ୍କ ସଦସ୍ୟତା ରଦ୍ଦ ନେଇ ଲୋକସଭା ସଚିବାଳୟର ବିଜ୍ଞପ୍ତି ପରେ ଜାତୀୟ ରାଜନୀତିରେ ହଲଚଲ ଦେଖା ଦେଇଛି । ସାମ୍ବାଦିକ ସମ୍ମିଳନୀ କରି କେନ୍ଦ୍ର ଉପରେ ବର୍ଷିଛନ୍ତି କଂଗ୍ରେସ ନେତା । ଆଗକୁ ବିଜେପିର ଷଡଯନ୍ତ୍ର ବିରୋଧରେ ଆଇନଗତ ଓ ରାଜନୈତିକ ଲଢେଇ ଲଢିବା ପାଇଁ ପ୍ରସ୍ତୁତ ବୋଲି କଂଗ୍ରେସ ନେତା ଅଭିଷେକ ମନୁସିଂଘଭୀ ଓ ଜୟରାମ ରମେଶ କହିଛନ୍ତି । ତେବେ ବିଜେପି ନେତା ରାହୁଲଙ୍କ ସଦସ୍ୟତା ରଦ୍ଦକୁ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ କହୁଥିବା ବେଳେ ରାଜନୈତିକ ପ୍ରତିଶୋଧ ବୋଲି କଂଗ୍ରେସ କହିଛି ।

### ଆମେରିକୀୟ ପେମେଂଟ କମ୍ପାନୀ ବ୍ଲକ୍-ଇଙ୍କୁ ରିସର୍ଚ୍ଚ ଫାର୍ମ ହିଣ୍ଡେନବର୍ଗର ଝଟ୍କା

## କମ୍ପାନୀ ବିରୋଧରେ ଦୁର୍ନୀତି ଅଭିଯୋଗ ଆସିବା ପରେ ୨୦ ପ୍ରତିଶତ ଖସିଲା ସେୟାର



ନୂଆଦିଲ୍ଲୀ, ୨୪/୦୩ : ଦୁର୍ନିତିର ରିପୋର୍ଟ ଜାରି କରି ଭାରତୀୟ ଶିଳ୍ପପତି ଗୌତମ ଆଦାନୀଙ୍କୁ ତଳିତଳାନ୍ତ କରିଥିବା ଆମେରିକା ରିସର୍ଚ୍ଚ ଫାର୍ମ ହିଣ୍ଡନବର୍ଗ ଟାର୍ଗେଟରେ ଏବେ ଆଉ ଏକ କମ୍ପାନୀ ଆସିଛି । ଜାନୁଆରୀ ୨୪ରେ ଆଦାନୀଙ୍କ ବିରୋଧରେ ରିପୋର୍ଟ ପ୍ରକାଶ କରିବା ଠିକ ୨ମାସ ପରେ ଆମେରିକାର ଟେକ୍ନୋ ଫାର୍ମ କମ୍ପାନୀ ବ୍ଲକ ଇଙ୍କ ଉପରେ ସଂଗୀନ ଅଭିଯୋଗ ଆଣିଛି । କମ୍ପାନୀ ମୁଖ୍ୟ ଫର୍ଜୀ କରି ନିଜର ୟୁଜରର୍ସଙ୍କ ସଂଖ୍ୟା ବୃଦ୍ଧି କରିଥିବା ହିଣ୍ଡନବର୍ଗ ରିପୋର୍ଟରେ କୁହାଯାଇଛି । କମ୍ପାନୀର ଅନ୍ୟତମ ବରିଷ୍ଠ ଅଧିକାରୀ ତଥା ସିଏଫଓ ଭାରତୀୟ ବଂଶୋଦ୍ଭବ ଅମୃତା ଆହୁତଜାଙ୍କ ଉପରେ ମଧ୍ୟ ରିପାର୍ଟରେ ଅଭିଯୋଗ ରହିଛି । ରିପୋର୍ଟ ପ୍ରକାଶ ପାଇବା ପରେ କମ୍ପାନୀର ସେୟରରେ ୨୦ତଳକୁ ଖସିଛି । ମୋବାଇଲ ପେମେଂଟ କମ୍ପାନୀ ଅଟେ ବ୍ଲକ-ଇଙ୍କ । ଦୁଇବର୍ଷ ହେବ ଏହି କମ୍ପାନୀ ପଛରେ ଗୁଇନ୍ଦାଗିରି କରି ହିଣ୍ଡନବର୍ଗ ରିପୋର୍ଟ ପ୍ରସ୍ତୁତ କରିଛି । ରିପୋର୍ଟରେ କୁହାଯାଇଛି କମ୍ପାନୀ ଗ୍ରାହକଙ୍କୁ ମିଛ ତଥ୍ୟ ଦେଇ ଭୁଆଁବୁଲାଇଛି । ଏଥିରେ କିଛି ଫଜୀ ଆକାଉଁଟ ମଧ୍ୟ ରହିଛି । କମ୍ପାନୀ ୱେବସାଇଟରେ କିଛି ମିଛ ତଥ୍ୟ ଦେଇଛି । ୫୦ହଜାର ୟୁଜର ଆକାଉଁଟ ଫର୍ଜୀ ରହିଛି । ଯେଉଁମାନେ ବ୍ୟାଙ୍କ ଏହା ସମ୍ବନ୍ଧିତ ସେବାରୁ ଦୂରରେ ରହିଛନ୍ତି ସେମାନଙ୍କୁ ଟାର୍ଗେଟ କରୁଥିଲା କମ୍ପାନୀ ଓ ସାହାଯ୍ୟ ଆଳରେ ଗ୍ରାହକଙ୍କୁ ଶୋଷଣ କରୁଥିଲା । ।ଟୁଇଟର ପୂର୍ବତନ କୋ-ଫାଉଣ୍ଡର ଜ୍ୟାକ ଡୋରସୀ ବ୍ଲକ-ଇଙ୍କ କମ୍ପାନୀ ପ୍ରତିଷ୍ଠା କରିଥିଲେ ।

## ଜମ୍ମୁ-କାଶ୍ମୀର ଉପରାଜ୍ୟପାଳଙ୍କ ବିବାଦୀୟ ବୟାନ



ନୂଆଦିଲ୍ଲୀ, ୨୪/୦୩ : ଜମ୍ମୁ-କାଶ୍ମୀରର ଉପ ରାଜ୍ୟପାଳ ମନୋଜ ସିହ୍ନା କହିଛନ୍ତି କି ମହାତ୍ମା ଗାନ୍ଧୀଙ୍କ ପାଖରେ କୌଣସି ଡିଗ୍ରୀ ନଥିଲା । ଏହା ମିଥ୍ୟା ଓ ଏହାକୁ ଅନେକ ଲୋକ ବିଶ୍ୱାସ କରିବେ ନାହିଁ ବୋଲି ସେ କହିଛନ୍ତି । ଉପ ରାଜ୍ୟପାଳଙ୍କ ଏହି ଭିଡିଓ ଏବେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି । ମାର୍ଚ୍ଚ ୨୩ ତାରିଖରେ ଗ୍ୱାଲିଅର ଠାରେ ଆଇଟିଏମ୍ ୟୁନିଭରସିଟିରେ ମନୋଜ ସିହ୍ନା ଡ.ରାମମନୋହର ଲୋହିଆ ସ୍ମୃତି ବାଖ୍ୟାନ ସମାରୋହକୁ ସମ୍ବୋଧିତ କରିଥିଲେ । ଏହି କ୍ରମରେ ସେ କହିଥିଲେ କି ସ୍ୱାଧୀନତା ସଂଗ୍ରାମୀ, ରାଜନେତା ଓ ଦାର୍ଶନିକ ଭାବେ ରାମମନୋହର ଲୋହିଆ ବେଶ୍ ପରିଚିତ । ମାନବୀୟ ଗାରିମା ଓ ସାମାଜିକ ନ୍ୟାୟ ପାଇଁ ତାଙ୍କର ପ୍ରୟାସ ସାଧାରଣ ଲୋକଙ୍କ ଭିତରେ ଆଶାର କିରଣ ଆଣିଦେଇଥିଲା । କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ସେ କହିଥିଲେ କି, ଗାନ୍ଧୀଜୀ ଶିକ୍ଷିତ କିମ୍ବା ପ୍ରଶିକ୍ଷିତ ନଥିଲେ । ହେଲେ ତାଙ୍କ ପାଖରେ କୌଣସି ବିଶ୍ୱ ବିଦ୍ୟାଳୟ ଡିଗ୍ରୀ ବା କ୍ୱାଲିଫିକେସନ ନଥିବା କଥା ସେ କହିଛନ୍ତି । ଗାନ୍ଧୀଜୀଙ୍କ ପାଖରେ କେବଳ ହାଇସ୍କୁଲ ଡିପ୍ଲୋମା ପାସର ସାର୍ଟିଫିକେଟ ଥିଲା ଓ ଏହାରି ମାଧ୍ୟମରେ ସେ ଓକିଲାତି ପ୍ରାକ୍ଟିସ କରିବାକୁ ଯୋଗ୍ୟତା ହାସଲ କରିଥିଲେ । ହେଲେ ତାଙ୍କ ପାଖରେ କୌଣସି ଓକିଲାତି ଡିଗ୍ରୀ ନଥିବା କଥା ସେ କହିଛନ୍ତି । ମନୋଜ ସିହ୍ନା ଗାନ୍ଧୀଜୀଙ୍କ ବାବଦରେ ଆହୁରି କହିଛନ୍ତି କି, ଯେତେ ଚ୍ୟାଲେଞ୍ଜ ଆସିଛି ତାହାକୁ ମୁକାବିଲା କରିବାକୁ ସେ କେବେ ବି ସତ୍ୟକୁ ତ୍ୟାଗ କରିନଥିଲେ । ଏହାର ପରିଣାମ ସ୍ୱରୂପ ସେ ରାଷ୍ଟ୍ରପିତା ହୋଇପାରିଥିଲେ । ଗାନ୍ଧୀଜୀଙ୍କ ପାଖରେ ଓକିଲାତି ଡିଗ୍ରୀ ନଥିଲା ହେଲେ ଶିକ୍ଷା ହେଉଛି ଡିଗ୍ରୀ ଠାରୁ ଅଧିକ ମହତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି ।

## ଛତିଶଗଡ଼ରେ ଭୂମିକମ୍ପର ଝଟକା, ତୀବ୍ରତା ୪.୧

ରାୟପୁର, ୨୪/୦୩ (ନି.ପ୍ର): ସୁରଜପୁର ଏବଂ ସରଗୁଜା ଜିଲ୍ଲାରେ ଶୁକ୍ରବାର ସକାଳେ ଭୂ-କମ୍ପର ଝଟକା ଅନୁଭୂତ ହୋଇଛି । ଯାହାର ତୀବ୍ରତା ରିକ୍ଟର ସ୍କେଲରେ ୪.୧ ରହିଛି । ଏହାର କେନ୍ଦ୍ର ସ୍ଥଳ ସୁରଜପୁରର ଭଟଗାଓଁରୁ ୧୧ କି.ମି. ଦୂରରେ ରହିଥିଲା । ଭୂମିକମ୍ପର ଝଟକା ଅନୁଭବ କରିବା କ୍ଷଣି ଲୋକେ ଜୀବନ ବିକଳରେ ଘରୁ ବାହାରକୁ ଚାଲି ଆସିଥିଲେ । ସୁରଜପୁର ଏବଂ ସରଗୁଜା ଜିଲ୍ଲାରେ ଆଜି ପୂର୍ବାହ୍ନ ୧୦ଟା ୨୮ରେ ଭୂମିକମ୍ପର ଏହି ଝଟକା ଅନୁଭୂତ ହୋଇଥିଲା । ଏହାପରେ ଲୋକଙ୍କ ମଧ୍ୟରେ ଭୟ ଓ ଆତଙ୍କର ବାତାବରଣ ଖେଳିଯାଇଥିଲା । ଘରର କବାଟ, ଝରକା ଏବଂ ପଙ୍ଖା ହଲିବା ଫଳରେ ଲୋକେ ଭୂମିକମ୍ପ ହେବା ଜାଣିପାରି ତୁରନ୍ତ ଘରୁ ବାହାରକୁ ଚାଲି ଆସିଥିଲେ ।

## ଚର୍ଚ୍ଚା ବଢ଼ାଇଲା ନବୀନ-ମମତାଙ୍କ ଭେଟଘାଟ୍



ଭୁବନେଶ୍ୱର, ୨୪/୦୩ (ନି.ପ୍ର): ନବୀନ ଓ ମମତାଙ୍କ ଦେଖାସାକ୍ଷତ ପରେ ଯେଉଁ ମିଳିତ ବିବୃତି ଆସିଲା, ଏଥିରେ କୁହାଗଲା- ଏହା ଏକ ସୌଜନ୍ୟମୂଳକ ସାକ୍ଷତ ଥିଲା । କିନ୍ତୁ ଗଣତନ୍ତ୍ରର ସୁରକ୍ଷା ଓ ସଂଘୀୟ ବ୍ୟବସ୍ଥାର ପ୍ରସଙ୍ଗ ଉଠାଇ, କେଉଁଠି ନା କେଉଁଠି, ସେହି ଦିଗକୁ ସୂଚାଇ ଦିଆଗଲା, ଯାହାକୁ ନେଇ ବାରମ୍ବାର ବିରୋଧୀ ମୋଦି ସରକାରଙ୍କୁ ଘେରି ଆସୁଛନ୍ତି । ଅର୍ଥାତ୍ ସୌଜନ୍ୟମୂଳକ ସାକ୍ଷାତ ଭିତରେ ବି ଦେଶର ରାଜନୈତିକ ପରିସ୍ଥିତି ଓ ଗଣତାନ୍ତ୍ରିକ ବ୍ୟବସ୍ଥା ସଂକ୍ରାନ୍ତରେ ଆଲୋଚନା ହୋଇଥିଲା । ଜାତୀୟ ଗଣମାଧ କିନ୍ତୁ ଏହି ଭୋଟଘାଟକୁ ଏତେ ହାଲୁକା ଭାବେ ନେଉନି, ଯେମିତି ଏହି ଦୁଇ ନେତା କ୍ୟାମେରା ସାମ୍ନାରେ କହିଛନ୍ତି । ଏହି ଦେଖାସାକ୍ଷତକୁ ପ୍ରତ୍ୟକ୍ଷରେ ହେଉ ବା ପରୋକ୍ଷରେ ହେଉ, ତୃତୀୟ ସାମୁଖ୍ୟ ସହ ଯୋଡ଼ିବାକୁ ଉଦ୍ୟମ କରିଛି ଜାତୀୟ ଗଣମାଧମର ଏକାଧିକ ରିପୋର୍ଟ । ଯଦିଓ ମମତା ବାନାର୍ଜୀ ନିର୍ବାଚନକୁ ଆହୁରି ସମୟ ଅଛି ବୋଲି କହିଥିଲେ । ତଥାପି ଏହି ମନ୍ତ୍ୟବ୍ୟରେ ତୃତୀୟ ସାମୁଖ୍ୟର ବାସ୍ନା ବାରି ହୋଇଥିଲା । ହେଲେ ସମଦୂରତାର କଥା କହୁଥିବା ନବୀନ, ଏହି ପ୍ରସଙ୍ଗରୁ ଏଡାଇ ଯାଇଥିବା ସ୍ପଷ୍ଟ ଅନୁମାନ ହେଉଥିଲା । ଏହି ଚର୍ଚ୍ଚା ଭିତରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି-ନବୀନ ସବୁବେଳେ ଫାଷ୍ଟ ଫ୍ରଣ୍ଟରେ ଅଛନ୍ତି, ସେ କାହିଁକି ଥାର୍ଡ ଫ୍ରଣ୍ଟକୁ ଯିବେ । ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର କହିଛନ୍ତି- ନବୀନ ଥାର୍ଡ ଫ୍ରଣ୍ଟକୁ ଗଲେ ସ୍ୱାଗତ କରିବୁ । ଏପଟେ ଶିକ୍ଷମନ୍ତ୍ରୀ ପ୍ରତାପ ଦେବ କହିଛନ୍ତି- ଆମେ ସମଦୂରତା ବଜାୟ ରଖିଛୁ । ରାଜନୀତିରେ ସମୟ ବଳିଯିବାକୁ ବିଳମ୍ବ ଲାଗେନି । କାରଣ, ଗତକାଲି ଯାଏଁ ଥିବା, ଦେଶର ରାଜନୈତିକ ପରିସ୍ଥିତି ଆଜି ଭିତରେ ଓଲଟପାଲଟ ହୋଇଯାଇଛି, ଯେତେବେଳେ ରାହୁଲ ଗାନ୍ଧୀଙ୍କ ସଦସ୍ୟତା ରଦ୍ଦ ହୋଇଛି । ତେଣୁ ଆଗକୁ କ'ଣ ହେବ, ଏବେଠୁ ଆକଳନ କରିବା ହୁଏତ କଷ୍ଟକର ।

## ଆରମ୍ଭ ହେଲା ରମଜାନ ମାସ

ଭୁବନେଶ୍ୱର, ୨୪/୦୩ (ନି.ପ୍ର): ଆଜିଠୁ ଆରମ୍ଭ ହୋଇଛି ମୁସଲମାନଙ୍କ ପବିତ୍ର ରମଜାନ ମାସ। ରମଜାନ ପାଇଁ ସଜେଇ ହୋଇଛି ମସଜିଦ୍। ରୋଜା ମାସ ପାଳୁଥିବା ମୁସଲମାନ ଭାଇଭଉଣୀ ଆଜିଠୁ ଉପବାସରେ ରହୁଛନ୍ତି । ମସଜିଦରେ ସମୂହ ନମାଜ ପାଠ ଅନୁଷ୍ଠିତ ହେବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ମୁସଲମାନ ଭାଇ ଭଉଣୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ୫ ଜିଲ୍ଲାରେ ଝଡ ବର୍ଷା ସମ୍ଭାବନା



ଭୁବନେଶ୍ୱର, ୨୪/୦୩ (ନି.ପ୍ର): ପଶ୍ଚିମା ଝଡ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବିଜୁଳି ଘଡଘଡି ସହ ବର୍ଷା ଜାରି ରହିଛି। ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ମୟୁରଭଂଜ, ବାଲେଶ୍ୱର, ଗଜପତି, ଗଂଜାମ ଓ ଭଦ୍ରକ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବିଜୁଳି ଘଡଘଡି ସହ ବର୍ଷା ହୋଇପାରେ ଏଥିପାଇଁ ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଅପରପକ୍ଷରେ ଆସନ୍ତା ୨୬ ତାରିଖ ବେଳକୁ ଆଉ ଏକ ପଶ୍ଚିମା ଝଡର ପ୍ରଭାବ ଦେଖିବାକୁ ମିଳିବ । ଏହାର ପ୍ରଭାବରେ ୨୬ ଓ ୨୭ ତାରିଖ ଦୁଇ ଦିନ ଝଡ ବର୍ଷା ହୋଇପାରେ। ୨୬ ତାରିଖରେ ମାଲକାନଗିରି, କୋରାପୁଟ, ରାୟଗଡା, ନବରଙ୍ଗପୁର, ନୂଆପଡା, କଳାହାଣ୍ଡି, କନ୍ଧମା, ଗଜପତି, ଗଂଜାମ, ବୌଦ୍ଧ, ଅନୁଗୁଳ, ଢେଙ୍କାନାଳ, ଯାଜପୁର, କେନ୍ଦୁଝର, ମୟୁରଭଂଜ, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବିଜୁଳି ଘଡଘଡି ସହ ବର୍ଷା ହୋଇପାରେ। ଏହାସହ ଘଂଟା ପ୍ରତି ୩୦ରୁ ୪୦ କିମି ବେଗରେ ପବନ ବହିବାର ସମ୍ଭାବନା ଥିବାରୁ ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

## ୨୪ ଘଂଟାରେ ୧୭ ନୂଆ କୋଭିଡ୍ ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୪/୦୩ (ନି.ପ୍ର): ରାଜ୍ୟରେ ୨୪ ଘଂଟାରେ ୧୭ ନୂଆ କୋଭିଡ୍ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ୧୩୪ ଦିନ ଭିତରେ ଏହା ସର୍ବାଧିକ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ବର୍ତ୍ତମାନ ରାଜ୍ୟରେ ୭୩ ଆକ୍ରାନ୍ତ କୋଭିଡ୍ ଅଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ଗତ ୨୪ ଘଂଟାରେ ୫୬୪୭ ସାମ୍ପଲ୍ ଟେଷ୍ଟ ହୋଇଛି। ସେଥିରୁ ୧୭ ପଜିଟିଭ୍ ବାହାରିଛନ୍ତି। ଟେଷ୍ଟିଂ ବଢ଼ିଥିବାରୁ ଅଧିକ ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଜନସାଧାରଣ ଭୟଭୀତ ହୁଅନ୍ତୁ ନାହିଁ ବୋଲି କହିଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ।

## ଯାତ୍ରୀବାହୀ ବସରୁ ବେଆଇନ୍ କଫ୍ ସିରଫ ଜବତ



ଭୁବନେଶ୍ୱର, ୨୪/୦୩ (ନି.ପ୍ର): ଯାତ୍ରୀବାହୀ ବସରୁ ବେଆଇନ୍ ଭାବରେ ଆସୁଥିବା ବିପୁଳ ପରିମାଣର କଫ୍ ସିରଫ ଜବତ କରିଛି ବଲାଙ୍ଗୀର ପୋଲିସ । କଟକରୁ ଭବାନୀପାଟଣା ଯାଉଥିବା ଗୋପୀନାଥ ନାମକ ଏକ ବସରୁ ୨୨ଶହ ୪୦ଟି ବୋତଲ ଜବତ କରିଛି ପୋଲିସ । ଘଟଣାରେ୩ ଜଣଙ୍କୁ ଗିରଫ କରାଯାଇଛି । ଟିଟିଲାଗଡ଼ ରାସ୍ତାର ଏକ ଶ୍ମଶାନ ନିକଟରେ କଫ୍ ସିରଫଗୁଡ଼ିକ ବସରୁ କଢ଼ାଯାଉଥିବା ବେଳେ ଧରିଥିଲା ପୋଲିସ । ପୂର୍ବରୁ ବାରମ୍ବାର ଏହି ଅଞ୍ଚଳରୁ ବେଆଇନ୍ କଫ ସିରଫ ଜବତ ହୋଇଥିଲେ ବି ନିଶା ବେପାରୀଙ୍କ ସାହାସ କମୁନି । ପୂର୍ବରୁ ବଲାଙ୍ଗୀର ଏସପିଙ୍କ ଦ୍ୱାରା ଏକ ଟିମ୍ ଗଠନ କରାଯାଇ ଅନ୍ତରାଜ୍ୟ ରାକେଟକୁ ଠାବ କରିବା ସହ ମୁଖ୍ୟ କିଙ୍ଗପିନକୁ ଗିରଫ କରାଯାଇଥିଲା । ୪୦ ଲକ୍ଷରୁ ଅଧିକ ଟଙ୍କାର କଫ ସିରପ୍ ଜବତ କରିଥିଲା ପୋଲିସ ।

## ୨୭ରେ ରାଜ୍ୟମାନଙ୍କର କୋଭିଡ ସ୍ଥିତି ସମୀକ୍ଷା କରିବେ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ

ଭୁବନେଶ୍ୱର, ୨୪/୦୩ (ନି.ପ୍ର): ଆସନ୍ତା ୨୭ ତାରିଖରେ ରାଜ୍ୟମାନଙ୍କର କୋଭିଡ ସ୍ଥିତି ସମୀକ୍ଷା କରିବେ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ। ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଦେଶରେ କୋଭିଡ ସଂକ୍ରମିତଙ୍କ ସଂଖ୍ୟା ଲଗାତାର ▶▶ପୃଷ୍ଠା ୭

## କେବଳ ରାହୁଲ ଗାନ୍ଧୀ ନୁହଁନ୍ତି, ଗାନ୍ଧୀ ପରିବାରର ଇନ୍ଦିରା ଓ ସୋନିଆ ବି ହରାଇଥିଲେ ସଂସଦର ସଦସ୍ୟତା

ନୂଆଦିଲ୍ଲୀ, ୨୪/୦୩ : କେରଳ ୱାଇନାଡରୁ ସାଂସଦ ଥିବା ରାହୁଲ ଗାନ୍ଧୀଙ୍କ ପାଇଁ ଅଡୁଆ କମିବାର ନାଁ ନେଉନି । ମୋଦୀ ସାର୍ଙ୍ଗିଆକୁ ନେଇ ଦେଇଥିବା ବୟାନ ଉପରେ ପ୍ରଥମେ ସୁରତ କୋର୍ଟ ରାହୁଲଙ୍କୁ ଦୋଷୀ ସାବ୍ୟସ୍ତ କରି ୨ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଥିଲା । ଏହାର କିଛି ସମୟ ପରେ ରାହୁଲ ଗାନ୍ଧୀଙ୍କୁ ଜାମିନ ମିଳିଯାଇଥିଲା । ହେଲେ କୋର୍ଟଙ୍କ ଦଣ୍ଡବିଧାନ କ୍ରମରେ ସଂସଦ ସଚିବାଳୟ ପକ୍ଷରୁ ରାହୁଲଙ୍କ ସାଂସଦ ପଦ ରଦ୍ଦ କରାଯାଇଛି । ଯଦି ଆମେ ଇତିହାସକୁ ନଜର ପକାଇବା ତେବେ ଗାନ୍ଧୀ ପରିବାରର କେବଳ ରାହୁଲ ଗାନ୍ଧୀ ନୁହଁନ୍ତି ତାଙ୍କ ପୂର୍ବରୁ ତାଙ୍କ ମା'ସୋନିଆ ଗାନ୍ଧୀ ଓ ଜେଜେ ମା' ଇନ୍ଦିରା ଗାନ୍ଧୀଙ୍କର ମଧ୍ୟ ସଂସଦ ସଦସ୍ୟତା ପଦ ରଦ୍ଦ ହୋଇଥିଲା । ହେଲେ ଏକ ସମୟ ଏଭଳି ଥିଲା କି ଇନ୍ଦିରା ଗାନ୍ଧୀଙ୍କ ସାଂସଦ ପଦ ରଦ୍ଦ ହେବା ତାଙ୍କପାଇଁ ଶୁଭଙ୍କର ▶▶ପୃଷ୍ଠା ୭

## ନୂଆଦିଲ୍ଲୀରେ ଓଡିଶା ପର୍ବ ଆଜିଠୁ

ନୂଆଦିଲ୍ଲୀ/ଭୁବନେଶ୍ୱର, ୨୪/୦୩ (ନି.ପ୍ର): ୩ ବର୍ଷର ବ୍ୟବଧାନ ପରେ ନୂଆଦିଲ୍ଲୀକୁ ପୁନଃ ପ୍ରତ୍ୟାବର୍ତନ କରିଛି 'ଓଡ଼ିଶା ପର୍ବ-୨୦୨୩'। ଆଜିଠୁ ଆରମ୍ଭ ହୋଇଥିବା ଏହି ଓଡିଶା ପର୍ବ ୨୬ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀର ଜବାହରଲାଲ ନେହରୁ ଷ୍ଟାଡିୟମ୍ ରେ ଚାଲିବ। ଏହି ଉତ୍ସବରେ ଓଡ଼ିଶାର କଳା, ସଂସ୍କୃତି , ଖାଦ୍ୟର ଭରପୁର ମଜା ନେବେ ପ୍ରବାସୀ ଓଡ଼ିଆ ।ଉଦ୍ଘାଟନୀ ଉତ୍ସବର ପ୍ରଥମ ସନ୍ଧ୍ୟାରେ ନାଟକ 'ଆହେ ନୀଳଶୈଳ' ପରିବେଷିତ ହେବା। ସେହିପରି ଦିନ ୧୧ ଟାରୁ ଓଡ଼ିଆ ଅସ୍ମିତା ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହେବ। ଯେଉଁଥିରେ ଏନଏମଏ ଅଧ୍ୟକ୍ଷ ପ୍ରଫେସର କେକେ ବାସା, ଆର୍କିଓଲୋଜିଷ୍ଟ ଡି ବି ଗଣନାୟକ, ବନାରସ ହିନ୍ଦୁ ବିଶ୍ୱ ବିଦ୍ୟାଳୟର ସୁପରିଟେଣ୍ଡ ଦୀପ୍ତି ରଞ୍ଜନ ପଟ୍ଟନାୟକ, ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର, ଅନିତା ସାବତ ପ୍ରମୁଖ ଯୋଗ ଦେବେ। ୨୦୧୭ ମସିହାରେ ନୂଆଦିଲ୍ଲୀସ୍ଥିତ ଇଣ୍ଡିଆ ଗେଟ୍ ଉଦ୍ୟାନରେ ଆରମ୍ଭ ହୋଇଥିବା 'ଓଡ଼ିଶା ପର୍ବ' କରୋନା ଯୋଗୁଁ ଗତ ୨୦୨୦ ମସିହାରେ ବନ୍ଦ ରହିଥିଲା।

# କୋରାପୁଟ ଜିଲ୍ଲାରେ ବଢୁଛନ୍ତି ଯକ୍ଷ୍ମା ରୋଗୀ : ୫ ବର୍ଷରେ ୧୧୮୫୯ ରୋଗୀ ଚିହ୍ନଟ



କୋରାପୁଟ , ୨୪/୦୩ (ନି.ପ୍ର): କୋରାପୁଟ ଜିଲ୍ଲାରେ ସଂପୂର୍ଣ୍ଣ ନିୟନ୍ତ୍ରଣକୁ ଆସିପାରିନି ଯକ୍ଷ୍ମା। ପ୍ରତିବର୍ଷ ରୋଗୀଙ୍କ ସଂଖ୍ୟାରେ ବୃଦ୍ଧି ଦେଖିବାକୁ ମିଳିଛି। ଗତ ୫ବର୍ଷର ତଥ୍ୟକୁ ଆନୁଧ୍ୟାନ କଲେ ଏମିତି ଉଦ୍‌ବେଗଜନକ ଚିତ୍ର ସାମ୍ନାକୁ ଆସୁଛି। ୫ବର୍ଷ ମଧ୍ୟରେ ୧୧୮୫୯ଜଣ ରୋଗୀ ଚିହ୍ନଟ ହୋଇସାରିଲେଣି। ୧୦୭୫୮ଜଣ ରୋଗୀ ନିୟମିତ ଔଷଧ ସେବନ ସହ ନିଜ ସ୍ୱାସ୍ଥ୍ୟର ଯତ୍ନ ନେଇଥିବାରୁ ସୁସ୍ଥ ହୋଇଛନ୍ତି। ଔଷଧ ସେବନରେ ଅବହେଳା ତଥା ଅନ୍ୟ କାରଣରୁ ୧୧୦୧ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଅନ୍ୟପଟେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଠିକ୍ ସମୟରେ ଔଷଧ ନ ମିଳିବାରୁ ଗତ ଦିନରେ ବଡ଼ ସମସ୍ୟା ଉପୁଜିଥିଲା।

କୋରାପୁଟ ଜିଲ୍ଲାରେ ୨୦୧୮ ମସିହାରେ ୧୯୦୯ଜଣ ରୋଗୀ ଚିହ୍ନଟ ହୋଇ ୧୮୪୫ ରୋଗୀ ସୁସ୍ଥ ହୋଇଥିଲେ। ପରବର୍ତ୍ତୀ ସମୟରେ ରୋଗୀଙ୍କ ସଂଖ୍ୟା ବଢ଼ି ଚାଲିଛି। ୨୦୧୯ ମସିହାରେ ୨୩୯୧ ଜଣ ରୋଗୀଙ୍କୁ ଚିହ୍ନଟ କରାଯାଇଥିଲା। ଚିକିତ୍ସା ପରେ ୨୧୩୦ଜଣ ରୋଗୀ ସୁସ୍ଥ ହୋଇଥିଲେ। ୨୦୨୦ ମସିହାରେ ୨୪୯୨ଜଣ ରୋଗୀ ଚିହ୍ନଟ ହୋଇଥିଲେ, ସେଥିରୁ ୨୨୩୯ଜଣ ରୋଗୀ ଔଷଧ ସେବନ କରି ଭଲ ହୋଇଛନ୍ତି। ୨୦୨୧ ମସିହାରେ ମଧ୍ୟ ପୂର୍ବବର୍ଷ ତୁଳନାରେ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇଥିଲା। ବର୍ଷକ ମଧ୍ୟରେ ୨୫୪୧ଜଣ ଚିହ୍ନଟ ହୋଇ ୨୨୭୭ଜଣ ସୁସ୍ଥ ହୋଇଛନ୍ତି। ଗତବର୍ଷ ଅର୍ଥାତ୍ ୨୦୨୨ ମସିହା ଡିସେମ୍ବର ମାସ ସୁଦ୍ଧା ୨୫୨୬ଜଣ ରୋଗୀ ଚିହ୍ନଟ ହୋଇ ୨୩୨୭ଜଣ ସୁସ୍ଥ ହୋଇଛନ୍ତି।

ଅସୁସ୍ଥ ରୋଗୀଙ୍କ ମଧ୍ୟରୁ ଗତବର୍ଷ ସର୍ବାଧିକ ୩୭୫ଜଣ ଜୟପୁରସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହୋଇଛନ୍ତି। ସେହିପରି ପଟାଙ୍ଗିରେ ୧୧୭ଜଣ, ନାରାୟଣପାଟଣାରେ ୧୨୮, ନନ୍ଦପୁରରେ ୧୯୩, ବନ୍ଧୁଗାଁରେ ୧୭୨, ବୈପାରିଗୁଡାରେ ୧୮୨, ବୋରିଗୁମ୍ମାରେ ୨୫୬, କୋରାପୁଟରେ ୧୯୮, କୋଟପାଡରେ ୧୫୫, କୁନ୍ଦୁରାରେ ୧୨୩, କୁନ୍ଦିଲିରେ ୧୯୬, ଲମତାପୁଟରେ ୧୨୭ ଓ ଲକ୍ଷ୍ମୀପୁରରେ ୧୫୧ଜଣ ରୋଗୀ ଚିକିତ୍ସିତ ହୋଇଛନ୍ତି। ଯକ୍ଷ୍ମା ରୋଗୀଙ୍କୁ ଔଷଧ ବିତରଣ ପାଇଁ ଜିଲ୍ଲାରେ ୨୪ଟି କେନ୍ଦ୍ରର ବ୍ୟବସ୍ଥା କରାଯାଇଛି। ଆଗାମୀ ଦିନରେ ନମୁନା ପରୀକ୍ଷାକୁ ତ୍ୱରାନ୍ୱିତ ତଥା ବୃଦ୍ଧି କରିବାକୁ ପ୍ରକ୍ରିୟା ଆରମ୍ଭ କରିଛି ସ୍ୱାସ୍ଥ୍ୟ ବିଭାଗ। ଗୋଟିଏ ସିବିନଟ୍ ମେସିନ ଏବଂ ୫ଟି ଟ୍ରୁନଟ୍ ମେସିନ ସ୍ଥାପନ କରିବାକୁ ଯୋଜନା ହୋଇଛି।

ଯକ୍ଷ୍ମା ଏକ ସଂକ୍ରାମକ ରୋଗ ଏବଂ ମାଇକୋବ୍ୟାକ୍ଟେରିଅମ୍ ଟ୍ୟୁବରକୁଲୋସିସ ନାମକ ଜୀବାଣୁ ଦ୍ୱାରା ହୋଇଥାଏ। ସାଧାରଣତଃ ଏହା ଏକ ଫୁସଫୁସ ଜନିତ ରୋଗ ହୋଇଥିଲେ ମଧ୍ୟ ଅନ୍ୟାନ୍ୟ ଅଙ୍ଗକୁ ଅକାମି କରିପାରେ। ଜୀବାଣୁ ଦ୍ୱାରା ସଂକ୍ରମିତ ହେଉଥିଲେ ମଧ୍ୟ ଅଧିକାଂଶ ଲୋକଙ୍କ ଶରୀରରେ କୌଣସି ଲକ୍ଷଣ ପ୍ରକାଶିତ ହୁଏନି। ତେଣୁ ଏହାକୁ ପ୍ରଚ୍ଛନ୍ନ ଯକ୍ଷ୍ମା କୁହାଯାଏ। ପ୍ରଚ୍ଛନ୍ନ ଯକ୍ଷ୍ମାରୁ ପ୍ରାୟ ୧୦ ପ୍ରତିଶତ ସକ୍ରିୟ ଯକ୍ଷ୍ମା ରୋଗୀ ହୋଇଥାନ୍ତି। ଚିକିତ୍ସାରେ ବିଳମ୍ବ କିମ୍ବା ଅବହେଳା ହେଲେ ମୃତ୍ୟୁର ସମ୍ଭାବନା ଅଧିକ। ଦୀର୍ଘକାଳୀନ କାଶ, ରକ୍ତ ମିଶ୍ରିତ କଫ, ଜ୍ୱର, ରାତ୍ରୀକାଳୀନ ଝାଳ ସହ ଓଜନ ହ୍ରାସ ଆଦି ଯକ୍ଷ୍ମାର ପାରମ୍ପରିକ ଲକ୍ଷଣ। ଛାତି ଏକ୍ସ-ରେ, ଅଣୁବୀକ୍ଷଣ ପରୀକ୍ଷା ଓ ଶରୀରର ତରଳ ପଦାର୍ଥର ସୂକ୍ଷ୍ମ ଜୈବିକ ବିଶ୍ଳେଷଣ କରି ସକ୍ରିୟ ରୋଗ ନିର୍ଣ୍ଣୟ କରାଯାଏ। ମାଣ୍ଟୁକ୍ସ ବା ଟ୍ୟୁବରକୁଲିନ ପରୀକ୍ଷା ଓ ରକ୍ତ ପରୀକ୍ଷା କରି ପ୍ରଚ୍ଛନ୍ନ ଯକ୍ଷ୍ମା ନିର୍ଣ୍ଣୟ କରାଯାଏ। କୋରାପୁଟ ଭଳି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ସଚେତନତା ଅଭାବ ହେଉ କିମ୍ବା ଅବହେଳା କାରଣରୁ ରୋଗୀ ନିୟମିତ ଔଷଧ ଖାଉ ନାହାନ୍ତି। ଯାହାଫଳରେ ଅକାଳରେ ଜୀବନ ଯାଉଥିବା ଜଣାପଡିଛି।

# ଗଡ଼ିବ ଦୁଇ ନବରାତ୍ରି ସ୍ୱେସାଲ ଟ୍ରେନ୍



ଭୁବନେଶ୍ୱର, ୨୪/୦୩ (ନି.ପ୍ର): ନବରାତ୍ରି ଉତ୍ସବରେ ଯାତ୍ରୀଙ୍କ ଅତିରିକ୍ତ ଭିଡ଼କୁ ଦୃଷ୍ଟିରେ ରଖି ରେଳ ମନ୍ତ୍ରଣାଳୟ ପକ୍ଷରୁ ନବରାତ୍ରି ସ୍ୱେସାଲ ଟ୍ରେନ ଚଳାଇବାକୁ ପୂର୍ବତଟ ରେଳପଥ ପକ୍ଷରୁ ନିଷ୍ପତ୍ତି ହୋଇଛି। ଉକ୍ତ ଟ୍ରେନ୍‌ଗୁଡ଼ିକ ହେଲା ଝାରସୁଗୁଡ଼ା-ଖୋର୍ଦ୍ଧାରୋଡ-ଝାରସୁଗୁଡ଼ା ଏବଂ ବାଙ୍ଗିରିପୋଷି-ଖୋର୍ଦ୍ଧାରୋଡ-ବାଙ୍ଗିରିପୋଷି ସ୍ୱେସାଲ। ଝାରସୁଗୁଡ଼ା-ଖୋର୍ଦ୍ଧାରୋଡ-ଝାରସୁଗୁଡ଼ା ସ୍ୱେସାଲ(୦୮୦୦୧/୦୮୦୦୨) ଆସନ୍ତା ୨୪ ତାରିଖ ଅପରାହ୍ଣ ୫ଟା ୨୦ରେ ଝାରସୁଗୁଡ଼ାରୁ ବାହାରି ପରଦିନ ଭୋର ୫ଟା ୨୦ରେ ଖୋର୍ଦ୍ଧାରୋଡରେ ପହଞ୍ଚିବ। ୨୫ ତାରିଖ ରାତି ୯ଟାରେ ଖୋର୍ଦ୍ଧାରୋଡ ଛାଡ଼ିବ ଏବଂ ପରଦିନ ୭ଟା ୫୦ରେ ଝାରସୁଗୁଡ଼ାରେ ପହଞ୍ଚିବ। ଏହି ସ୍ୱତନ୍ତ୍ର ଟ୍ରେନଟି ବାଗଡେହି, ବାମରା, ଗରପୋଷ, ରାଜଗାଙ୍ଗପୁର, ରାଉରକେଲା, ବିସ୍ରା, ମନୋହରପୁର, ଗୋଲକେରା, ଚକ୍ରଧରପୁର, ଚାଇବାସା, ଡଙ୍ଗୋଆପୋସି, ବାଂଶପାଣି, କେନ୍ଦୁଝରଗଡ଼, ହରିଚନ୍ଦନପୁର, ସୁକିନ୍ଦା ରୋଡ୍, ଜଖପୁରା, କଟକ ଓ ଭୁବନେଶ୍ୱର ଷ୍ଟେସନ ମାନଙ୍କରେ ରହଣି କରିବ। ବାଙ୍ଗିରିପୋଷି-ଖୋର୍ଦ୍ଧାରୋଡ-ବାଙ୍ଗିରିପୋଷି ବିଶେଷ ଟ୍ରେନ (୦୮୦୦୩/୦୮୦୦୪) ୨୪ ତାରିଖ ରାତି ୯ଟା ୩୦ରେ ବାଙ୍ଗିରିପୋଷିରୁ ବାହାରି ପରଦିନ ସକାଳ ୪ଟା ୩୫ରେ ଖୋର୍ଦ୍ଧାରୋଡ୍‌ରେ ପହଞ୍ଚିବ। ଫେରିବା ବାଟରେ ୨୫ ତାରିଖ ରାତି ୧୨ଟା ୫୦ରେ ବାହାରି ପରଦିନ ସକାଳ ୭ଟା ୪୫ରେ ବାଙ୍ଗିରିପୋଷିରେ ପହଞ୍ଚିବ। ଏହି ସ୍ୱତନ୍ତ୍ର ଟ୍ରେନ୍ ରାଜଲୁକା, ଭଞ୍ଜପୁର, ବାରିପଦା, ବେତନଟୀ, ରୁପ୍ସା, ବାଲେଶ୍ୱର, ସୋର, ଭଦ୍ରକ, ଯାଜପୁର କେନ୍ଦୁଝର ରୋଡ୍, କଟକ ଓ ଭୁବନେଶ୍ୱର ଷ୍ଟେସନରେ ରହଣି କରିବ।

## ପେଟ୍ରୋଲ ପମ୍ପ ମ୍ୟାନେଜରକୁ ମାଡ ମାରି ଟଙ୍କା ଲୁଟ

ଜୟପୁର, ୨୪/୦୩ (ନି.ପ୍ର): ପେଟ୍ରୋଲ ପମ୍ପର ମ୍ୟାନେଜରକୁ ମାଡ ମାରି ଟଙ୍କା ଲୁଟ ହୋଇଛି । ଅଭିଯୋଗ ଅନୁଯାଇ କୁନ୍ଦୁରା ଥାନା ଅନ୍ତର୍ଗତ ପ୍ରଧାନିପୁଟରେ ଥିବା ଭବାନୀ ଭଗବତୀ ପେଟ୍ରୋଲ ପମ୍ପର ମ୍ୟାନେଜର ଅରବିନ୍ଦ ମଣ୍ଡଳ ପମ୍ପରୁ ନିଜ ଘର ଫାମ୍ପୁଣି ବାଇକରେ ଆସୁଥିବା ବେଳେ ଦୁର୍ବୃର୍ତ୍ତମାନେ ପିଛା କରିଥିଲେ । ୩ଟି ବାଇକ ଓ ସ୍କୁଟିରେ ପିଛା କରିଥିଲେ । ଏହି ୩ଟି ଗାଡିରେ ୯ ଜଣ ଦୁର୍ବୃତ୍ତ ପିଛା କରି ରାସ୍ତା ଅବରୋଧ କରି ଠେଙ୍ଗାରେ ବାଗ୍ରା ବସଷ୍ଟାଣ୍ଡ ନିକଟରେ ଆକ୍ରମଣ କରିଥିଲେ । ମ୍ୟାନେଜର ମଣ୍ଡଳକୁ ଅଟକାଇ ପେଲା ଠେଲା କରି ୨୦ ହଜାର ୩ ଶହ ଟଙ୍କା ଲୁଟ୍ କରିଥିଲେ। ୯ ଜଣଙ୍କ ମଧ୍ୟରୁ ଦୁଇ ଜଣ ଫାମ୍ପୁଣି ଜଙ୍ଗଲକୁ ଦୌଡି ଚାଲି ଯାଇଥିବା ବେଳେ ଅନ୍ୟ ୭ ଜଣ କୁନ୍ଦୁରା ରାସ୍ତା ଦେଇ ଚମ୍ପଟ ମାରିଥିଲେ । ପରେ ମ୍ୟାନେଜର ଗ୍ରାମବାସୀଙ୍କୁ କହିବାରୁ ଗ୍ରାମବାସୀ ମାନେ ଜଙ୍ଗଲରେ ଖୋଜା ଖୋଜି କରିବାରୁ ୨ଜଣ ଦୁର୍ବୃତକୁ ଗ୍ରାମବାସୀ କାବୁ କରି ଜୟପୁର ସଦର ପୋଲିସକୁ ଜିମା ଦେଇଥିଲା ସଦର ପୋଲିସ ୨ ଅଭିଯୁକ୍ତକୁ ଗିରଫ କରି ଥିବା ବେଳେ ସେମାନଙ୍କ ବୟାନ ଆଧାରରେ ଅନ୍ୟ ଅଭିଯୁକ୍ତକୁ ଗିରଫ କରିବାକୁ ପୋଲିସ ଉଦ୍ୟମ କରୁଥିବା ଜଣାଯାଇଛି ।

# ବେକାର ଯୁବକଯୁବତୀଙ୍କୁ ଶିଳ୍ପ ଗଢ଼ି ସ୍ୱାବଲମ୍ବୀ ହେବାର ରାସ୍ତା ଦେଖାଉଛନ୍ତି ତ୍ରିଲୋଚନ

ଭୁବନେଶ୍ୱର, ୨୪/୦୩ (ନି.ପ୍ର): ଓଡ଼ିଶାକୁ ଶିଳ୍ପ ସମୃଦ୍ଧ ରାଜ୍ୟରେ ପରିଣତ କରିବା ପାଇଁ ଚେଷ୍ଟା କରୁଥିବା ଉଦ୍ୟୋଗୀମାନଙ୍କ ମଧ୍ୟରୁ ପ୍ରୀତି ଏଣ୍ଟରପ୍ରାଇଜର୍ସ ସଂସ୍ଥାର ମୁଖ୍ୟ ତ୍ରିଲୋଚନ ସାହୁ ଅନ୍ୟତମ। ପ୍ରଧାନମନ୍ତ୍ରୀ ନିଯୁକ୍ତି ସୃଷ୍ଟି କାର୍ଯ୍ୟକ୍ରମ (ପିଏମ୍‌ଇଜିପି)ର ସଫଳ ପ୍ରଚାରପ୍ରସାର ସହ କାର୍ଯ୍ୟକାରୀ କରାଇବାରେ କାର୍ଯ୍ୟରତ ଏହି କମ୍ପାନି ବେକାର ଯୁବକ/ଯୁବତୀମାନଙ୍କୁ ବିଭିନ୍ନ ଅଞ୍ଚଳରେ ଏକତ୍ରିତ କରି ସେମାନଙ୍କ ମଧ୍ୟରେ କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠା କରିବା ପାଇଁ ଆଗ୍ରହ ସୃଷ୍ଟି କରିଆସୁଛି।

ଏହାଛଡ଼ା ସମ୍ବାଦପତ୍ର ଓ ବିଭିନ୍ନ ବୈଦ୍ୟୁତିକ ଗଣମାଧ୍ୟମରେ ପିଏମ୍‌ଇଜିପି ଯୋଜନା ସଂପର୍କରେ ଲୋକମାନଙ୍କୁ ସଚେତନ କରାଇ ଆସୁଛି। ପିଏମ୍‌ଇଜିପିରେ ସବ୍‌ସିଡିଯୁକ୍ତ ଋଣ ପାଇବା ପାଇଁ ଏହି ସଂସ୍ଥା ବିନା ପଇସାରେ ଲୋକମାନଙ୍କୁ ସାହାଯ୍ୟ କରିବା ସହ ସେମାନଙ୍କ ଫର୍ମପୂରଣ କରିଦେଇଥାଏ। କିଭଳି ସହଜରେ ସେମାନେ ଋଣ ପାଇପାରିବେ, ସେଥିପାଇଁ ପୂରା ସାହାଯ୍ୟ କରିଥାଏ। ଏହାସହ ଋଣ ପାଉଥିବା ଲୋକମାନଙ୍କୁ ଉଚିତ ମୂଲ୍ୟରେ ଦେଶର ବିଭିନ୍ନ ଶିଳ୍ପାଞ୍ଚଳରୁ ମେସିନ୍ ଆଣି ଯୋଗାଇ ଦେଇଥାଏ। ମେସିନ୍ ଚଳାଇବା ପାଇଁ ତାଲିମ୍ ସହ ବର୍ଷା ସାରା ସେବା ମଧ୍ୟ ଯୋଗାଇ ଦେଇଥାଏ। ଉଦ୍ୟୋଗୀମାନଙ୍କର କେତେକ ଉତ୍ପାଦକୁ କମ୍ପାନି ମଧ୍ୟ ନିଜେ ନେଇ ବଜାରରେ ବିକ୍ରି କରିଥାଏ। ଏହାଦ୍ୱାରା ଉଦ୍ୟୋଗୀମାନଙ୍କର ମନୋବଳ ବଢ଼ିଥାଏ। ସାରା ଓଡ଼ିଶାରେ କମ୍ପାନିର ବିଭନ୍ନ ମେସିନ୍ ଲୋକମାନେ ନେଇ ଉପକୃତ ହୋଇ ଆସୁଛନ୍ତି। ତା' ଛଡ଼ା ଜଣେ ଲୋକ ଯଦି ନିଜ ପଇସା ଖଟେଇ କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠା କରିବା ପାଇଁ ଆଗ୍ରହୀ ହେଉଛନ୍ତି, ସେମାନଙ୍କୁ ମଧ୍ୟ କମ୍ପାନି ମେସିନ୍ ଯୋଗାଇବା ସହ କଞ୍ଚାମାଲର ବ୍ୟବସ୍ଥା କରିଦେଇଥାଏ। ଏହାଦ୍ୱାରା ଅନେକ ଯୁବକ/ଯୁବତୀ ବାହାରକୁ ଦାଦନ ଖଟିବାକୁ ନ ଯାଇ ନିଜେ ସ୍ୱାବଲମ୍ବୀ ହୋଇପାରିଛନ୍ତି। କରୋନାର ତାଣ୍ଡବ ମଧ୍ୟ ଲୋକମାନଙ୍କୁ ଏକ ବଡ଼ ଶିକ୍ଷା ଦେଇସାରିଛି। ବାହାରକୁ ଯାଇ ସଂକ୍ରମିତ ହେବା ଅପେକ୍ଷା ନିଜ ଇଲାକାରେ ରହି ନିଜକୁ ରୋଜଗାରକ୍ଷମ କରିବା ସହ ନିଜ ରାଜ୍ୟକୁ ଶିଳ୍ପ ସମୃଦ୍ଧ କରିପାରିବା।

କମ୍ପାନି ଏହି ପାଞ୍ଚ ବର୍ଷ ମଧ୍ୟରେ ଫ୍ଲାଏ ଆସ୍ ଇଟା ମେସିନ୍‌ଠାରୁ ଆରମ୍ଭ କରି ମସଲା, ବଢ଼ି ପାମ୍ପଡ଼, ପେପର ପ୍ଲେଟ୍, ଅଗରବତି, ଲୁହା କଣ୍ଟା, ସାନିଟାରି ନାପକିନ୍, ଧାନ କଳ, ଅଟା କାଳ ଓ ଖାଦ୍ୟ ପ୍ରକ୍ରିୟାକରଣରେ ଚାଓମିନ୍, କୁରକୁରି, ବେକେରୀ, ଆଇସକ୍ରିମ୍, ସୋରିଷ ପେଡ଼ା, ସୋୟାବିନ୍ ବଡ଼ି, ପନିର, କ୍ଷୀର ପ୍ରକ୍ରିୟାକରଣ ଇତ୍ୟାଦି ଆହୁରି ଅନେକ ମେସିନ ଯୋଗାଇ ଦେଇ ଏ ପର୍ଯ୍ୟନ୍ତ ୨ହଜାର ଲୋକଙ୍କୁ ସଫଳ ଉଦ୍ୟୋଗୀ ଭାବେ ପ୍ରତିଷ୍ଠିତ କରିପାରିଛି। ସୂଚନାଯୋଗ୍ୟ, ପ୍ରୀତି ଏଣ୍ଟରପ୍ରାଇଜର୍ସ ୯୦୦୧: ୨୦୧୫ ସାର୍ଟିଫିକେଟ୍‌ପ୍ରାପ୍ତ ଏକ ଅଗ୍ରଣୀ ସଂସ୍ଥା। ଏହି ସଂସ୍ଥା ୨୦୧୯ ମସିହାରୁ ତ୍ରିଲୋଚନ ସାହୁଙ୍କ ତତ୍ତ୍ୱାବଧାନରେ ଦୀର୍ଘ ୫ ବର୍ଷ ଧରି କାମ କରି ଆସୁଅଛି।

# ଠକିଦେଲା ଠିକାଦାର : ଅଧାପନ୍ତରିଆ କଂଚନପୁରଠାରୁ ଜୟନ୍ତୀନାପୁର ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ

ଚମ୍ପୁଆ, ୨୪/୦୩ (ନି.ପ୍ର): ଚମ୍ପୁଆ ବ୍ଲକ, ରଜିଆ ପଂଚାୟତ ଅନ୍ତର୍ଗତ କଂଚନପୁର ଠାରୁ ଜୟନ୍ତୀନାପୁର ଗ୍ରାମ୍ୟ ସଡ଼କ ଯୋଜନାକୁ ଦୀର୍ଘ ୫ ବର୍ଷରୁ ଅଧିକ ବିତି ଯାଇଥିଲେବି ଏହା ଅଧ ପନ୍ତରିଆ ଭାବେ ପଡ଼ିରହିଛି। ୫ ବର୍ଷ ତଳେ କାମକୁ ଅଧାରେ ଛାଡି ଠିକାଦାର ଛୁ ମାରିଥିବା ବେଳେ ରାସ୍ତା କାମ ଆଉ ହେବ କି ନାହିଁ ଏବେ ତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଗମନା ଗମନର ସୁବିଧା ପାଇଁ କୋଟି କୋଟି ଟଙ୍କା ଅନୁଦାନ ଦିଆଯାଉଥିବା ବେଳେ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମନାମାନୀ କାମ ପାଇଁ ଏପରି ଅବ୍ୟବସ୍ଥା ଦେଖିବାକୁ ମିଳୁଥିବା କୁହାଯାଉଛି। ଚମ୍ପୁଆ ବ୍ଲକର ରଜିଆ ପଂଚାୟତ ଅନ୍ତର୍ଗତ କଂଚନପୁର ଠାରୁ ଜୟନ୍ତୀନାପୁର ପର୍ଯ୍ୟନ୍ତ ଗ୍ରାମ୍ୟ ରାସ୍ତାକୁ ୨୦୧୮ ମସିହାରେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ କରାଯାଇ ୪ କୋଟି ୬୯ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦିଆଯାଇଥିଲା। କେନ୍ଦୁଝର ନିର୍ବାହୀଯନ୍ତ୍ରୀ ଗ୍ରାମ୍ୟ ନିର୍ମାଣ ବିଭାଜନ ୨ ତତ୍ତ୍ୱାବଧାନରେ ଏହି ଠିକା କାମ ବାରିପଦା ସ୍ଥିତ ସର୍ବେଶ୍ୱର ଚୌଧୁରୀଙ୍କୁ ମିଳିଥିବା ବେଳେ ୧୨ - ୭ - ୨୦୧୮ ରୁ ଠିକାଦାର ଏହି ରାସ୍ତା କାମ ଆରମ୍ଭ କରିଥିଲେ। ତେବେ ଏହି ରାସ୍ତା କାମ ୧୧ - ୪ - ୨୦୧୯ ସୁଦ୍ଧା ସରିବା ନେଇ କାର୍ଯ୍ୟ ଆରମ୍ଭ କରାଯାଇଥିବା ବେଳେ କାମକୁ ଅଧାପନ୍ତରିଆ ଭାବେ ଛାଡି ଠିକାଦାର ଛୁ ମାରିଛି। ଠିକାଦାର କାମ ଛାଡି ଚାଲି ଯିବାର ୫ ବର୍ଷ ବିତିବାକୁ ବସିଲାଣି କିନ୍ତୁ ଏବେ ସୁଦ୍ଧା ରାସ୍ତା ଅଧପନ୍ତରିଆ ଭାବେ ପଡି ରହିଛି। ତେବେ କଂଚନପୁର ଠାରୁ ଜୟନ୍ତୀନାପୁର ୧ କି.ମି. ୯୦ ମିଟର ରାସ୍ତାକୁ ଠିକାଦାର ଅଧପନ୍ତରିଆ ଭାବେ ପକାଇ ଚାଲି ଯାଇଥିବାବେଳେ ବିଭାଗୀୟ ଅବହେଳା ପାଇଁ ମଧ୍ୟ ଏହି ରାସ୍ତା କାମ ସମ୍ପୂର୍ଣ୍ଣ ହେବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ଫଳରେ ଏହି ରାସ୍ତା ଉପରେ ଦୈନିକ ନିର୍ଭର କରୁଥିବା ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ଦେବନାଥ ଓରାମଙ୍କୁ ଯୋଗାଯୋଗ କରିବାରୁ କାମ ଅଧାରୁ ବନ୍ଦ କରି ଦେଇଥିବାରୁ ବିଭାଗ ଠିକାଦାର ନାମରେ ମାମଲା ରୁଜୁ କରିସାରିଛି। ତେବେ ଆଗକୁ ନୂଆ ଟେଣ୍ଡର କରି ରାସ୍ତା କାମ ସମ୍ପୂର୍ଣ୍ଣ କରାଯିବାର ଲକ୍ଷ ରଖାଯାଇଛି ବୋଲି ସେ କହିଛନ୍ତି। ତେବେ ଆଗକୁ ଏହି ରାସ୍ତା କାମ ହେବ କି ନାହିଁ, ନା ଲୋକଙ୍କୁ ଲଲିପପ ଦେଇ ବିଭାଗ ଧୃତରାଷ୍ଟ୍ର ସାଜି ବସି ରହିବ ଦେଖିବାକୁ ବାକି ରହିଲା।

## ଯୁବକଙ୍କ ମୃତ୍ୟୁକୁ ନେଇ ଲଙ୍କାକାଣ୍ଡ

ଖୋର୍ଦ୍ଧା, ୨୪/୦୩ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ଥାନା ଅନ୍ତର୍ଗତ ଦେଉଳି ଗ୍ରାମରେ ଯୁବକଙ୍କୁ ଜଙ୍ଗଲ ଭିତରେ ପିଟିପିଟି ମାରିବା ଘଟଣାକୁ ନେଇ ଲଙ୍କାକାଣ୍ଡ ଘଟିଥିଲା । ଏପରିକି ଉତ୍ୟକ୍ତ ଲୋକେ ଗାଁ ଭିତରେ ଗାଡି ପୋଡାଜଳା କରିବା ସହିତ ଗତକାଲି ରାତିରେ ବେଗୁନିଆ ଥାନା ସାମ୍ନାରେ ମୃତଦେହ ରଖି ଖୋର୍ଦ୍ଧା ବଲାଙ୍ଗୀର ୫୭ନଂ ଜାତୀୟ ରାଜପଥକୁ ଅବରୋଧ କରିଥିଲେ ଗ୍ରାମବାସୀ । ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ଲୋକଙ୍କୁ ଗିରଫ ଦାବିରେ ଅଡ଼ି ବସିଥିଲେ ମୃତ ପ୍ରଦୀପଙ୍କ ସମ୍ପର୍କୀୟ। ଖବର ପାଇ ଘଟଣାସ୍ଥଳରେ ଉପଜିଲ୍ଲାପାଳ, ଏସଡିପିଓ, ବିଡ଼ିଓ, ତହସିଲଦାର ଓ ବିଭିନ୍ନ ଥାନାର ଥାନା ଅଧିକାରୀ ପହଂଚି ଉତ୍ୟକ୍ତ ଲୋକଙ୍କୁ ବୁଝାଇ ନିରାଶ ହୋଇଥିଲେ। ପରେ ପ୍ରଶାସନ ପକ୍ଷରୁ ୧୫ ଦିନ ଭିତରେ ମାମଲାର ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବା ନେଇ ଲିଖିତ ପ୍ରତିଶ୍ରୁତି ଦିଆଯିବା ପରେ ରାସ୍ତାରୋକ ହଟିଥିଲା ।

# ନିଲାମ ହେବ ଦାବିଦାର ନଥିବା ଗାଡ଼ି: ୩୦ ଗାଡ଼ିର ତାଲିକା ପ୍ରକାଶ କଲା ଜିଲ୍ଲା ପୁଲିସ



ପୁରୀ , ୨୪/୦୩ (ନି.ପ୍ର): ପୁରୀ ଜିଲ୍ଲାରେ ବିଭିନ୍ନ ଥାନାରେ ଜବତ ହୋଇ ପଡ଼ିରହିବା ଦାବିଦାର ବିହୀନ ଗାଡ଼ି ନିଲାମ ହେବ। ଏଥିପାଇଁ ପ୍ରଥମ ପର୍ଯ୍ୟାୟ ନିଲାମ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ୩୦ଟି ଗାଡ଼ିର ନିଲାମ ପ୍ରକ୍ରିୟା ଆରମ୍ଭ ହେହାଇଛି। ଦାବିଦାରଙ୍କୁ ଶେଷ ସୁଯୋଗ ଭାବେ ଆସନ୍ତା ୨୬ ତାରିଖ ସୁଦ୍ଧା କାଗଜପତ୍ର ଦେଖାଇବାକୁ କୁହାଯାଇଛି। ଏହା ପରେ ଯଦି କେହି ଦାବିଦାର ନ ମିଳନ୍ତି, ସମସ୍ତ ଗାଡ଼ିକୁ ନିଲାମ କରାଯିବ ବୋଲି ଜିଲ୍ଲା ପୁଲିସ ସ୍ପଷ୍ଟ କରିଛି। ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ପରେ(ଆଦେଶ ସଂଖ୍ୟା-୯/୨୩/୧୧/୨୨) ପରେ ଜିଲ୍ଲା ନିଲାମ କମିଟି ଓ ଜିଲ୍ଲା ପୁଲିସ ପକ୍ଷରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ନିଲାମ ପାଇଁ ପୁରୀ ଜିଲ୍ଲା ପୁଲିସ ପକ୍ଷରୁ ଡେଲାଙ୍ଗ, କଣାସ, ପିପିଲି ଓ ସମୁଦ୍ରକୂଳ ଥାନାରେ ଜବତ ହୋଇଥିବା ମୋଟ୍ ୩୦ଟି ଦାବିବିହୀନ ଗାଡ଼ର ତାଲିକା ପ୍ରକାଶ ପାଇଛି। ଯେଉଁଥିରେ ଗୋଟିଏ ଟ୍ରାକ୍ଟର, ୩ଟି ପାୱାର ଟ୍ରିଲର ସହ ବାଇକ୍ ଓ ଲୁନା ରହିଛି। ଉପଜିଲ୍ଲାପାଳଙ୍କ ଆଦେଶକ୍ରମେ ଜିଲ୍ଲା ନିଲାମ କମିଟିରେ ଆଲୋଚନା ପରେ ଏହି ତାଲିକା ପ୍ରକାଶ କରାଯାଇଛି। ଯଦି କୌଣସି ଦାବିଦାର ସେମାନଙ୍କ ଗାଡ଼ି ଚିହ୍ନି ପାରୁଛନ୍ତି, ସେମାନେ ମାର୍ଚ୍ଚ ୨୬ ତାରିଖ ମଧ୍ୟରେ ସେହି ଗାଡିର କାଗଜପତ୍ର ସମ୍ପୃକ୍ତ ଥାନା ଅଧିକାରୀଙ୍କୁ ଦେଖାଇବାକୁ କୁହାଯାଇଛି। ଏହି ତାରିଖ ମଧ୍ୟରେ ମାଲିକାନା ପ୍ରମାଣିତ ହେଲେ, ତାଙ୍କୁ ଗାଡି ଜିମା ଦିଆଯିବ। ଏହି ତାରିଖ ପରେ ଦାବିବିହୀନ ଗାଡ଼ିଗୁଡିକୁ ଭାରତ ସରକାରଙ୍କ ଏମ୍‌ଏସ୍‌ଟିସି ପୋର୍ଟାଲ ମାଧ୍ୟମରେ ନିଲାମ କରାଯିବ ବୋଲି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଡା. କନୱର ବିଶାଳ ସିଂ କହିଛନ୍ତି।

# ବଜ୍ରକାପ୍ତା ଡିଲ ବେଳେ ମାଡି ବସିଲା ଏସଟିଏଫ, ଦୁଇ ଜୀବନ୍ତ ବଜ୍ରକାପ୍ତା ଉଦ୍ଧାର: ଦୁଇ ଗିରଫ

ବୌଦ୍ଧ, ୨୪/୦୩ (ନି.ପ୍ର): ବଜ୍ରକାପ୍ତା ବିକ୍ରି ଉଦ୍ୟମ ବେଳେ ବୌଦ୍ଧ ଜିଲା ଜାମୁଖୋଲ ଗ୍ରାମର ଦୁଇ ଶିକାରୀଙ୍କୁ ଗିରଫ କରିଛି ପୋଲିସର ସ୍ୱେଶାଲ ଟାସ୍କ ଫୋର୍ସ। ବଜ୍ରକାପ୍ତା ଡିଲ ବେଳେ ମାଡି ବସିଲା ପୋଲିସର ସ୍ୱେଶାଲ ଟାସ୍କ ଫୋର୍ସ । ବୌଦ୍ଧ ୫୭ ନମ୍ବର ଜାତୀୟ ରାଜପଥ ପଲାଶ ନିକଟରେ ଚାଲିଥିଲା ବଜ୍ରକାପ୍ତା ବିକ୍ରି ଉଦ୍ୟମ । ଖବର ପାଇ ବନବିଭାଗ ଓ ପୋଲିସର ସ୍ୱେଶାଲ ଟାସ୍କ ଫୋର୍ସ ପକ୍ଷରୁ କରାଯାଇଥିଲା ମିଳିତ ଚଢ଼ଉ ।

ମିଳିଥିବା ସୂଚନା ପ୍ରକାରେ, ଜବତ ହୋଇଥିବା ଦୁଇଟି ବଜ୍ରକାପ୍ତା ମଧ୍ୟରୁ ଗୋଟିଏ ମାଈ ଓ ଗୋଟିଏ ଅଣ୍ଡିରା ବଜ୍ରକାପ୍ତା ରହିଛି । ୧୩ ଓ ୧୦ କେଜି ଓଜନର ଏହି ଦୁଇଟି ବଜ୍ରକାପ୍ତା ଉଦ୍ଧାର କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଦୁଇ ଶିକାରୀଙ୍କୁ ଗିରଫ କରାଯାଇଛି। ଶିକାରି ଦୁଇ ଜଣ ହେଲେ ବଘିଆପଡା ଫାଣ୍ଡି ଅନ୍ତର୍ଗତ ଜାମୁଖୋଲ ଗ୍ରାମର ଉତ୍ସବ କହଁର ଓ ପ୍ରଶାନ୍ତ ବେହେରା ବୋଲି ସ୍ୱେଶାଲ ଟାସ୍କ ଫୋର୍ସ ସୂଚନା ଦେଇଛି । ଦୁଇ ଜଣ ଶିକାରୀଙ୍କୁ ଅଟକ ରଖି ଅଧିକ ତଦନ୍ତ କରୁଛି ପୋଲିସର ସ୍ୱେଶାଲ ଟାସ୍କ ଫୋର୍ସ । ଅନ୍ୟପଟେ ଦୁଇ ବଜ୍ରକାପ୍ତା ସୁରକ୍ଷିତ ଅଛନ୍ତି ତାଙ୍କୁ ଜଙ୍ଗଲରେ ଛଡାଯିବ ବୋଲି ବୌଦ୍ଧ ଡିଏଫଓ ସୂଚନା ଦେଇଛନ୍ତି ।

ସୂଚନା ଥାଉକି, ଗତ ରବିବାର ବୌଦ୍ଧ ହରଭଙ୍ଗାରୁ ଗୋଟିଏ ବାଘ ଛାଲ ଓ ୨ଟି ହରିଣ ଛାଲ ଜବତ କରିବା ସହ ଜଣକୁ ଗିରଫ କରିଥିଲା ଏସଟିଏଫ। ଏହା ପୂର୍ବରୁ ଦୁଇ ଥର ବୌଦ୍ଧ ଜିଲାରୁ ଜୀବନ୍ତ ବଜ୍ରକାପ୍ତା ଉଦ୍ଧାର କରାଯିବା ସହ ସମ୍ପୃକ୍ତ ଶିକାରୀମାନଙ୍କୁ ଗିରଫ କରିଥିଲା ପୋଲିସ ର ସ୍ୱେଶାଲ ଟାସ୍କ ଫୋର୍ସ। ତେବେ ଜିଲ୍ଲାରେ ବନ୍ୟଜନ୍ତୁ ଶିକାରର ଏକ ବିରାଟ ରାକେଟ କାମ କରୁଥିବା ନେଇ ଜୋର ଚର୍ଚ୍ଚା ହେଉଛି ।

# ହାପି ମେମୋରିଆଲ ଦିବାରାତ୍ର ଭଲିବଲ ପ୍ରତିଯୋଗିତା : କଂଟାପାଟଣା ଚାମ୍ପିଅନ

ଧର୍ମଶାଳା, ୨୪/୦୩ (ନି.ପ୍ର): ଯାଜପୁର ଜିଲା ବଡଚଣା ବ୍ଲକ ବଡବାଲିକୁଦା ପଂଚାୟତସ୍ଥ ଜନକ ଖେଳ ପଡିଆରେ ଏକଦିବସୀୟ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଂଟ ଅନୁଷ୍ଠିତ ହୋଇଯାଇଛି । ଜନକ ଗ୍ରାମର ପାୱାର କ୍ଲବ ଆନୁକୂଲ୍ୟରେ ହାପି ମେମୋରିଆଲ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଂଟ ଅନୁଷ୍ଠିତ ହୋଇଥିଲା । ଜନକ ପଲ୍ଲୀପ୍ରଭା ବିଦ୍ୟାୟନର ପ୍ରଧାନଶିକ୍ଷକ ଅନାଦୀ ଚରଣ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଏହି ଟୁର୍ଣ୍ଣାମେଂଟକୁ ଉଦଘାଟନ କରିଥିଲେ । ଏହି ଟୁର୍ଣ୍ଣାମେଂଟରେ କୁଆଁପାଳ, ଚଣ୍ଡିଆ, ଜୟପୁର, କଂଟାପାଟଣା, ବାଲିଚନ୍ଦ୍ରପୁର, ଖଡଗପୁର, କଂଟିଗଡିଆ ଓ ଯାଜପୁର ଟାଉନ ଭଲିବଲ ଦଳ ଅଂଶ ଗ୍ରହଣ କରିଥିଲେ । କୁଆଁପାଳ ଓ ଚଣ୍ଡିଆ ଟିମ୍ ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏହି ମ୍ୟାଚରେ ଚଣ୍ଡିଆ ଟିମ କୁଆଁପାଳକୁ ହରାଇ ପ୍ରଥମ ଦଳଭାବେ ଫାଇନାଲରେ ପ୍ରବେଶ କରିଥିଲା । ଧର୍ମଶାଳାର କଂଟାପାଟଣା ଟିମ୍ କଂଟିଗଡିଆକୁ ହରାଇ ୨ୟ ଦଳଭାବେ ଫାଇନାଲରେ ପ୍ରବେଶ କରିଥିଲା। ଫାଇନାଲ ମ୍ୟାଚ ଧର୍ମଶାଳା କଂଟାପାଟଣା ଓ ବଡଚଣାର ଚଣ୍ଡିଆ ମଧ୍ୟରେ ଖେଳାଯାଇଥିଲା । ୨-୦ସେଟ୍‌ରେ ଚଣ୍ଡିଆକୁ ହରାଇ କଂଟାପାଟଣା ଚାମ୍ପିଅନ ହୋଇଥିଲା । ଫାଇନାଲ ଖେଳ ପରିଚାଳନାରେ ରେଫରୀ ଭାବେ ଧନଞ୍ଜୟ ଦାସ,ମନୋରଂଜନ ମହାନ୍ତି,କିଟନ ଶ୍ରୀବାସ୍ତବ ଓ ମହିଳା ନେସନାଲ ରେଫରୀ ସୁଚିସ୍ମିତା ଦାସ, ଭାଷ୍ୟକାରଭାବେ ଅମୀୟ କୁମାର ପରିଡା ଓ ରବିନାରାୟଣ ଜେନା ସହଯୋଗ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ପାୱାର କ୍ଲବର ସଭାପତି ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ଅମର ନାୟକ ପ୍ରମୁଖ ଯୋଗ ଦେଇ ରନରସଅପ ଓ ଚାମ୍ପିଅନ ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ଚଣ୍ଡିଆ ଭଲିବଲ ଟିମର ବିବେକ କୁମାରଙ୍କୁ ଶ୍ରେଷ୍ଠ ଆଟାକରଭାବେ ପୁରସ୍କୃତ କରାଯାଇଥିଲା । ଟୁର୍ଣ୍ଣାମେଂଟ ପରିଚାଳନାରେ କ୍ଲବର ସଭାପତି, ସମ୍ପାଦକ, ସମସ୍ତ ସଭ୍ୟ ଓ ଯୁବ ସଂଗଠକ ସହଯୋଗ କରିଥିଲେ । ସ୍ଥାନୀୟ ୧୦ ଗୋଟି ପଂଚାୟତର ହଜାରହଜାର ସଂଖ୍ୟକ ଭଲିବଲ ପ୍ରେମୀ ଯୋଗ ଦେଇ ଖେଳ ଉପଭୋଗ କରିଥିଲେ ।

ଦେଶ ବିଦେଶର ଜଣାଅଜଣା

# ବିବିଧ ବିଶ୍ୱ

ଧ୍ୱନି ପ୍ରତିଧ୍ୱନି

୩ ♣ ବାଲେଶ୍ୱର ♣ ଶନିବାର, ୨୫ ମାର୍ଚ୍ଚ ୨୦୨୩

## ମୁରୈନା ଚଉଷଠି ଯୋଗନୀ ମନ୍ଦିର୍

ମଧ୍ୟପ୍ରଦେଶ ଅନ୍ତର୍ଗତ ମୁରୈନା ଜିଲ୍ଲାର ମିତାଓ୍ୱଲୀରେ ଭାରତର ଅନ୍ୟତମ ଚଉଷଠି ଯୋଗିନୀ ମନ୍ଦିର ଅବସ୍ଥିତ । ଏହି ମନ୍ଦିରକୁ ବହୁ ଲୋକ ଇକଂତେଶ୍ୱର ମହାଦେବ ମନ୍ଦିର ମଧ୍ୟ କୁହନ୍ତି । ମନ୍ଦିର ମଧ୍ୟରେ ମୋଟ ଚଉଷଠିଟି କକ୍ଷ ରହିଛି । ପ୍ରତି କକ୍ଷରେ ଗୋଟିଏ ଗୋଟିଏ ଶିବଲିଙ୍ଗ ରହିଛି । ମଧ୍ୟ ଭାଗରେ ଏକ ଖୋଲା ମଣ୍ଡପ ଅବସ୍ଥିତ ।





ତେବେ ଏହି ମନ୍ଦିର ବହୁ ପୁରାତନ ହୋଇଥିବାରୁ ମନ୍ଦିରରେ ଥିବା ଚଉଷଠି ଯୋଗିନୀଙ୍କ ପ୍ରତିମା କିଛି ଚୋରି ହୋଇଯାଇଛି । ଏହିପରି କି ସେହି ମନ୍ଦିର ମଧ୍ୟରେ ଥିବା କିଛି ପ୍ରତିମା ସଂଗ୍ରହାଳୟରେ ମଧ୍ୟ ରହିଛି । ଗବେଷକଙ୍କ ମତରେ ମିତାଓ୍ୱଲୀ ଭୂକମ୍ପ ସ୍ଥାନ ହୋଇଥିବା କାରଣରୁ ମନ୍ଦିରକୁ ଗୋଲାକାର ଭାବେ ନିର୍ମିତ କରାଯାଇଛି । ଏକଦା ଏହି ମନ୍ଦିର ତନ୍ତ୍ର ବିଦ୍ୟା, ଗଣିତ ବିଦ୍ୟା ଓ ଜ୍ୟୋତିଷ ଶାସ୍ତ୍ର ଶିକ୍ଷାର ଏକ କେନ୍ଦ୍ରସ୍ଥଳ ଥିଲା । ଭାରତର ସଂସଦ ଭବନ ଏହି ମନ୍ଦିର ଢ଼ାଞ୍ଚାରେ ଗଢ଼ାହୋଇଥିବା ଅନୁମାନ କରାଯାଏ । ଏକାଦଶ ଶତାବ୍ଦୀରେ ନିର୍ମିତ ବୃତ୍ତାକାର ମନ୍ଦିରଟିକୁ 'ଭାରତୀୟ ପୁରାତତ୍ତ୍ୱ ସର୍ବେକ୍ଷଣ ସଂସ୍ଥାନ' ଦ୍ୱାରା ପ୍ରାଚୀନ ଐତିହ୍ୟ ସଂସ୍କାରକ ଭାବେ ଘୋଷିତ କରାଯାଇଛି ।

## ଏକମାସ ମଧ୍ୟରେ ଓଜନ କମ କରିବେ କିପରି

**ଆଜିକାଲି ଯୁବପିଢ଼ି ଫିଟ୍ ରହିବାକୁ କେତେ କ'ଣ ଉପାୟ ଆପଣାଉଛନ୍ତି । ସେଥି ମଧ୍ୟରୁ ଆପଣ ବିନା ଡାଏଟିଂରେ କିପରି ଓଜନ କମାଇବେ ଜାଣନ୍ତୁ ସେ ସମ୍ପର୍କରେ.....**

**ହର୍ବାଲ ଟି :-** ପିଇବା ଦ୍ୱାରା ଶରୀରରେ ଥିବା ଏକ୍ସଟ୍ରା ଚର୍ବି ବର୍ନ କରିଥାଏ । ଏଥିସହ ଏହା ପାଚନ କ୍ରିୟାକୁ ଠିକ୍ ରଖିବା ସହ ଭୋକ କଣ୍ଟ୍ରୋଲ କରିଥାଏ । ଫଳରେ ଆପଣ ଓଭର ଇଟିଂରୁ ରକ୍ଷା ପାଇପାରିବେ । ଯାହା ଓଜନ କମାଇବାରେ ସାହାଯ୍ୟ କରିବ । ଓଜନ



କମାଇବା ପାଇଁ ପିଅନ୍ତୁ ହର୍ବାଲଟି ।

**ବ୍ଲାକ୍ ଟି:-** ସକାଳୁ ଏକ କପ୍ ବ୍ଲାକ୍ ଟି ପିଇବା ଦ୍ୱାରା ଓଜନ କମାଇବାରେ ସାହାଯ୍ୟ କରେ । କିନ୍ତୁ ଏହାକୁ ପିଇବା ପୂର୍ବରୁ ଏକ ଗ୍ଲାସ ପାଣି ପିଅନ୍ତୁ ଏଥିରେ ଭରପୂର ମାତ୍ରାର ଆଣ୍ଟି ଅକ୍ସିଡାଣ୍ଟ



ରହିଛି, ଯାହା ୱେଟ୍ ଲସ କରିବାରେ ସାହାଯ୍ୟ କରେ । ଏହା ଷ୍ଟ୍ରୋକରୁ ମଧ୍ୟ ରକ୍ଷା କରିଥାଏ ।

**ଲେମନ ଟି:-** ଲେମନଟି ପିଇବା ଦ୍ୱାରା କ୍ୟାଲୋରି ବର୍ନ ହୋଇଥାଏ । ଯାହା ଫଳରେ ଓଜନ ଅଳ୍ପଦିନରେ କମିବାକୁ ଲାଗେ । ଏହା ମେଟାବଲିଜମକୁ ବୁଷ୍ଟ କରିଥାଏ, ଯାହା ଓଜନ କମାଇବାରେ ସାହାଯ୍ୟ କରେ ।





**ଗ୍ରୀନଟି:** ଆୟୁର୍ବେଦିକ ଗୁଣରେ ଭରପୂର ଗ୍ରୀନଟି ନା କେବଳ ଓଜନ କମାଇଥାଏ, ଏହା ଆପଣଙ୍କୁ ସୁସ୍ଥ ରଖିବାରେ ମଧ୍ୟ ସାହାଯ୍ୟ କରେ । ଯଦି ଆପଣ ଓଜନ କମ କରିବାକୁ ଚାହୁଁଛନ୍ତି ଖାଦ୍ୟ ଖାଇବାର ୧ରୁ ୨ଘଣ୍ଟା ପୂର୍ବରୁ ଗ୍ରୀନ ଟି ପିଅନ୍ତୁ । ଏହାଦ୍ୱାରା ଭୋକ ଡେରିରେ ଲାଗିବ ଏବଂ ଆପଣଙ୍କୁ ଓଭର ଇଟିଂରୁ ରକ୍ଷା କରିବ । ଏହା ବ୍ୟତୀତ ଦିନ ମଧ୍ୟରେ ଦୁଇ ତିନିଥର ଗ୍ରୀନ ଟି ପିଅନ୍ତୁ ।

**ତୁଳସୀ ଟି:-** ତୁଳସୀରେ ଆଣ୍ଟିଅକ୍ସିଡାଣ୍ଟ ରହିଛି, ଯାହା ଓଜନକୁ ଖୁବ କମ ଦିନରେ କମାଏ । ପ୍ରତିଦିନ ଏକ କପ ତୁଳସୀ ଟି ପିଇବା ଦ୍ୱାରା ଫ୍ୟାଟ୍ ବର୍ନ ହୋଇଥାଏ । ଏହା ପାଚନତନ୍ତ୍ର, ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ଠିକ୍ ରଖିଥାଏ ।

**ପୋଦିନା ଟି:-** ପୋଦିନା ଟି ପୋଦିନା ଟି ପାଚନ ତନ୍ତ୍ରକୁ ସୁଧାରିବା ସହ ୱେଟ୍ ଲସ୍ କରେ । ପ୍ରତିଦିନ ଏକ କପ୍ ପୋଦିନୀ ଟି ପିଇବା ଦ୍ୱାରା କ୍ୟାନସର, ହାର୍ଟଜନିତ ରୋଗ ତଥା ଡାଇବେଟିସ୍ ରୁ ମଧ୍ୟ ରକ୍ଷା କରିଥାଏ ।





## ଖଣ୍ଡୋବା ମନ୍ଦିର

ପୁଣେ ଠାରୁ ପ୍ରାୟ ପଚାଶ କିଲୋମିଟର ଦୂର ଧାର୍ମିକ ନଗରୀ ଜେଜୁରୀ ସହରରେ ଖଣ୍ଡୋବା ମନ୍ଦିର ଅବସ୍ଥିତ । ଏକ ଛୋଟ ପାହାଡ଼ ଉପରେ ପ୍ରଭୁଙ୍କ ମନ୍ଦିର । ଦର୍ଶନ ପାଇଁ ପାଖାପାଖି ତିନି ଶହ ପାହାଚ ଚଢ଼ିବାକୁ ପଡ଼େ । ଖଣ୍ଡୋବାଙ୍କ ପ୍ରତିମା ଏକ ଘୋଡ଼ା ଉପରେ ଯୋଦ୍ଧା ଶୈଳୀରେ ବିରାଜମାନ । ପ୍ରଭୁ ଖଣ୍ଡୋବା ଭଗବାନ ଶିବଙ୍କ ଅବତାର । ମଲହାର ଏବଂ ଆନ୍ଧ୍ର



ପ୍ରଦେଶର କିଛି ଅଞ୍ଚଳରେ ପ୍ରଭୁ ମୁଖ୍ୟ ଦେବତା ଭାବେ ପୂଜା ପାଆନ୍ତି । ଭଗବାନ ଖଣ୍ଡୋବାଙ୍କ ପୌରାଣିକ ମହତ୍ତ୍ୱ ସଂପର୍କରେ ଏକାଧିକ ଲୋକମତ ଓ କିମ୍ବଦନ୍ତି ପ୍ରଚଳିତ । ସାହିତ୍ୟ କୃତି 'ମଲହାରୀ ମାହାତ୍ମ୍ୟ'ରେ ଜଣେ ଯୋଦ୍ଧା ରାଜା ଭାବେ ଖଣ୍ଡୋବାଙ୍କୁ ବର୍ଣ୍ଣନା କରାଯାଇଛି । ମାର୍ଗଶିର ମାସରେ ପ୍ରଭୁଙ୍କର ବଡ଼ ମେଳା ଆୟୋଜିତ ହୁଏ । ଦଶହରା ଓ ଚୈତ୍ର ପୂର୍ଣ୍ଣିମା ଖଣ୍ଡୋବାଙ୍କ ଅନ୍ୟ ଦୁଇଟି ମୁଖ୍ୟ ପର୍ବ ।

## ସ୍ମୃତିଶକ୍ତି ଓ ନିଦର ନିବିଡ଼ତା

ଆନ୍ତର୍ଜାତୀୟ ନ୍ୟୁରୋସାଇକୋଲାଜିକାଲ ସୋସାଇଟିର ଗବେଷକ ଦଳଙ୍କ ଅନୁସନ୍ଧାନ ଅନୁସାରେ ପ୍ରତ୍ୟେକ ବର୍ଗ ଓ ବୟସର ଲୋକ ଦୈନିକ ୭-୮ ଘଣ୍ଟା ଶୋଇବା ନିତାନ୍ତ ଜରୁରୀ । ଭଲଭାବେ ନିଦ ନ ହେଲେ ତହିଁ ଆରଦିନ ଆମ କାର୍ଯ୍ୟଶୈଳୀ ଉପରେ ଏହାର କୁପ୍ରଭାବ ପଡ଼ିଥାଏ । ଏହା ସହ ଆମ ସ୍ମୃତିଶକ୍ତି ମଧ୍ୟ ଦୁର୍ବଳ ହୋଇଥାଏ ବୋଲି ପରୀକ୍ଷାରୁ ପ୍ରମାଣିତ ହୋଇଛି । ଅନିଦ୍ରା ରହିଲେ ବିଭିନ୍ନ ଶାରୀରିକ ସମସ୍ୟା ଉପୁଜେ । ଏହା କାରଣରୁ ଅବସାଦ ଭାବ ସହ ଚିଡ଼ଚିଡ଼ା ମଧ୍ୟ ଲାଗେ । ଭଲ ଭାବେ ଶୋଇଲେ ମାନସିକ ସ୍ଥିତି ଠିକ୍ ରହିବା ସହ ଶଯ୍ୟା ତ୍ୟାଗ ପରେ ଜଣେ ବ୍ୟକ୍ତି ସୁସ୍ଥ ଅନୁଭବ କରିଥାଏ । ବୋଲି ଗବେଷଣାରୁ ପ୍ରମାଣିତ ।



## ଖର୍ଚ୍ଚ ହେବନି ଅଧିକ ଟଙ୍କା: ଦୀର୍ଘାୟୁ ହେବାକୁ ଖାଆନ୍ତୁ ଦୁନିଆର ସବୁଠୁ ଭଲ ଏହି ସ୍ୱାସ୍ଥ୍ୟକର ଖାଦ୍ୟ



ଆମେ ଯେଉଁ ଖାଦ୍ୟ ଖାଉ ତାର ସିଧା ପ୍ରଭାବ ଆମ ସ୍ୱାସ୍ଥ୍ୟ ଉପରେ ରହିଥାଏ । ଦୀର୍ଘାୟୁ ଏବଂ ସୁସ୍ଥ ଜୀବନ ବଞ୍ଚିବା ପାଇଁ ପିଲାବେଳୁ ଉତ୍ତମ ଖାଦ୍ୟପେୟରେ ଧ୍ୟାନଦେବା ନିହାତି ଜରୁରୀ । ଯଦି ଆପଣ ଧ୍ୟାନ ଦେଇ ନାହାନ୍ତି ତାହେଲେ ଏବେଠାରୁ ମଧ୍ୟ ଖାଦ୍ୟାଭ୍ୟାସକୁ ବଦଳାଇ ପାରିବେ । ଏବେ ଆସନ୍ତୁ ଜାଣିବା ଦୁନିଆର ଏପରି କିଛି ଖାଦ୍ୟ ଯାହାକୁ ସବୁଠାରୁ ସ୍ୱାସ୍ଥ୍ୟକର ଖାଦ୍ୟ ବୋଲି କୁହାଯାଏ । ସବୁଠାରୁ ବଡ଼ କଥା ହେଉଛି ଏହି ଖାଦ୍ୟ ଖାଇବାକୁ ଆପଣଙ୍କୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼ିବନି, ବଜାରରୁ ଆପଣଙ୍କୁ ଏହା ସହଜରେ ମିଳିଯିବ । ତାହେଲେ ଆସନ୍ତୁ ଜାଣିବା ସେସବୁ ଖାଦ୍ୟ କଣ କଣ ?

ଲେମ୍ବୁ: ଭାରତୀୟ ରୋଷେଇରେ ଲେମ୍ବୁକୁ ଅଧିକ ବ୍ୟବହାର କରାଯାଏ । ଖାଦ୍ୟରେ ଖଟାପଣ ଓ ଖାଦ୍ୟକୁ ଅଧିକ ସ୍ୱାଦିଷ୍ଟ କରିବା ପାଇଁ ଲେମ୍ବୁକୁ ବ୍ୟବହାର କରାଯାଏ । ଏଥିରେ ଅଧିକ ଔଷଧୀୟ ଗୁଣ ଥିବାରୁ ଏହା ସବୁଠାରୁ ସ୍ୱାସ୍ଥ୍ୟକର ଖାଦ୍ୟ ମଧ୍ୟରେ ଅନ୍ୟତମ । ଏଥିରେ ଭିଟାମିନ୍-ସି ଭରପୁର ମାତ୍ରାରେ ଥାଏ । ଏଥିରେ ଆଣ୍ଟି ଅକ୍ସିଡାଣ୍ଟ ଗୁଣ ମଧ୍ୟ ରହିଥାଏ । ଲେମ୍ବୁ କ୍ୟାନ୍ସର ସେଲ୍‌କୁ ମଧ୍ୟ ଶରୀରେ ବଢ଼ିବାକୁ ଦିଏ ନାହିଁ । ତେଣୁ ଏହାକୁ ଆପଣଙ୍କ ଖାଦ୍ୟାଭ୍ୟାସରେ ନିହାତି ସାମିଲ୍ କରନ୍ତୁ ।

ଡାଲି: ଭାରତରେ ଘରେ ଘରେ ପ୍ରାୟ ମଧ୍ୟାହ୍ନ ବା ରାତ୍ରି ଭୋଜନ ସମୟରେ ଡାଲି ସାମିଲ୍ ହୋଇଥାଏ । ଡାଲିରେ ଥିବା ପୋଷଣ ତତ୍ୱ ପାଇଁ ଏହାକୁ ଏବେ ବିଦେଶୀ ରୋଷେଇରେ ମଧ୍ୟ ଏବେ ସାମିଲ୍ କରାଗଲାଣି । ଏଥିରେ ପ୍ରୋଟିନ୍ ଏବଂ ଫାଇବର ଭରପୁର ମାତ୍ରାରେ ରହିଥାଏ । ବିଭିନ୍ନ ପ୍ରକାର ଡାଲି ଖାଇବା ଦ୍ୱାରା ଆପଣଙ୍କ ଅଧିକରୁ ଅଧିକ ପୋଷଣ ମିଳିଥାଏ ।

ରସୁଣ: ରସୁଣରେ ମଧ୍ୟ ପୋଷଣ ତତ୍ୱ ରହିଛି । ଏହା ଶରୀରରେ କ୍ଷତିକାରକ ବ୍ୟାକ୍ଟେରିଆଙ୍କୁ ନଷ୍ଟ କରିବା ସହିତ କୋଲେଷ୍ଟରଲକୁ କମ୍ କରିବା, ରକ୍ତଚାପକୁ ନିୟନ୍ତ୍ରଣରେ ରଖିଥାଏ । ଆପଣ ତର୍କାରିରେ, ସୁପ୍‌ରେ କିମ୍ବା ଆଚାର କରି କିମ୍ବା କଞ୍ଚା ରସୁଣ ମଧ୍ୟ ଖାଇପାରିବେ । ରସୁଣରେ ଆଣ୍ଟି କ୍ୟାନସର ଗୁଣ ମଧ୍ୟ ରହିଥାଏ ।

ବିଟ୍: ବହୁତ ଲୋକମାନେ ସ୍ୱାଦ ପାଇଁ ବିଟ୍‌କୁ ନାପସନ୍ଦ କରନ୍ତି । କିନ୍ତୁ ଏହାର ଔଷଧୀୟ ଗୁଣ ଆଗରେ ସ୍ୱାଦକୁ ମଧ୍ୟ ବାଦ୍ ଦିଆଯାଇପାରେ । ଏହା ରକ୍ତ ଚାପ କମଇଥାଏ । ମସ୍ତିଷ୍କ ପାଇଁ ମଧ୍ୟ ଏହା ବହୁତ ଭଲ ହୋଇଥାଏ । ଏଥିରେ ଫୋଲେଟ୍, ଭିଟାମିନ୍-ସି, ମ୍ୟଗ୍ନେସିୟମ ଭଳି ମାଇକ୍ରୋ ନିଉଟ୍ରିଏଣ୍ଟସ୍ ଥାଏ ।

## ବିପଦସଙ୍କୁଳ ହ୍ରଦ

ଦୁନିଆରେ ଏମିତି କିଛି ସ୍ଥାନ ଅଛି ଯାହା ଏବେ ମଧ୍ୟ ରହସ୍ୟ ଘେରରେ ରହିଅଛି । ଯାହାର ସତ୍ୟତା ଜାଣିବା ପାଇଁ ଆଜି ପର୍ଯ୍ୟନ୍ତ କେହି ସକ୍ଷମ ହୋଇପାରି ନାହାନ୍ତି । ଆସନ୍ତୁ ଏଭଳି ଏକ ରହସ୍ୟମୟ ହ୍ରଦ ବିଷୟରେ ଅବଗତ ହେବା । ତାଞ୍ଜାନିଆରେ 'ଦ ଲେକ୍ ନାଟ୍ରୋନ୍' ଏକ ହ୍ରଦ ରହିଛି । ଏହି ହ୍ରଦର ରହସ୍ୟକୁ ଶୁଣିଲେ ଲୋମ ଟାଙ୍କୁରି ହୋଇ ଉଠିବ । ଏହି ହ୍ରଦରେ ଆପଣ ଜୀବନ୍ତ ପଶୁପକ୍ଷୀଙ୍କୁ ପଥର ପାଲଟି ଯାଇଥିବାର ଦେଖିବାକୁ ପାଇବେ । କୁହାଯାଏ, କିଛି ବର୍ଷ ପୂର୍ବରୁ ଏଠାରେ ପ୍ରବଳ ଥଣ୍ଡା ପଡ଼ିଥିଲା । ଥଣ୍ଡାର ପ୍ରକୋପ ସହି



ନ ପାରି ଏଠାକୁ ଆସୁଥିବା ପଶୁପକ୍ଷୀଙ୍କ ମୃତ୍ୟୁ ହୋଇ ଯାଇଥିଲା । ହ୍ରଦ ପାଖରେ ଲାଭା ଉଦଗୀରଣ ଫଳରେ ସେଥିରୁ ବାହାରୁଥିବା ପାଉଁଶ ବାୟୁମଣ୍ଡଳରେ ବ୍ୟାପୀ ପଶୁପକ୍ଷୀଙ୍କ ମୃତ ଶରୀରକୁ ପଥରରେ ବଦଳାଇ ଥିଲା । ହ୍ରଦର ଏହିଭଳି ଭୟଙ୍କର ଅବସ୍ଥା ଦେଖି ସେଠାକୁ କେହି ଯିବାକୁ ପସନ୍ଦ କରୁନାହାନ୍ତି ।

## ମାଛର ସୌନ୍ଦର୍ଯ୍ୟ ପାଇଁ ପ୍ଲାଷ୍ଟିକ୍ ସର୍ଜରି !

ମାଛକୁ ନିଖୁଣ ରୂପ ଦେବା ପାଇଁ ପ୍ଲାସଷ୍ଟିକ୍ ସର୍ଜରି କରାଯାଉଛି । ଅବିଶ୍ୱସନୀୟ ଲାଗୁଥିଲେ ହେଁ ଏହା ସତ୍ୟ । ସିଙ୍ଗାପୁରରେ ମାଛର ଆଖି, ପାଟି ଅଦିରେ ପ୍ଲାସଟିକ୍ ସର୍ଜରି ହେଉଛି । ମୁଖ୍ୟତଃ ଏରୋୱାନା ନାମକ ଆକ୍ୱାରିଅମ ମାଛର ପ୍ଲାସଟିକ୍ ସର୍ଜରି ସେଠାରେ ଲୋକପ୍ରିୟ । ଏହା ଲମ୍ବରେ ତିନି ଫୁଟ୍ ପର୍ଯ୍ୟନ୍ତ ବଢ଼ିପାରେ; ଏବଂ ଦଶ ବର୍ଷରୁ ଅଧିକ କାଳ ବଞ୍ଚିପାରେ । ବିତ୍ତଶାଳୀ ଚାଇନିଜ୍ ବ୍ୟବସାୟୀମାନେ ଏହାକୁ ଅତି ଶୁଭଙ୍କର ମନେକରନ୍ତି । ବ୍ୟବସାୟ ସଂପର୍କିତ କୌଣସି ଭୁଲ ନିଷ୍ପତ୍ତି






ନେବାକୁ ଯାଉଥିବା ବେଳେ ଏହି ମାଛ କୁଆଡ଼େ ଚେତାବନୀ ଦେବା ପାଇଁ ଆକ୍ୱାରିଅମ୍ ବାହାରକୁ ଲମ୍ଫ ପ୍ରଦାନ କରେ । ଏରୋୱାନା ଶାବକର ମୂଲ୍ୟ ଭାରତୀୟ ମୁଦ୍ରାରେ ପ୍ରାୟ ସତୁରି ହଜାର ଟଙ୍କା । ତେବେ, ପ୍ରାପ୍ତ ବୟସ୍କ ଏରୋୱାନାର ମୂଲ୍ୟ ବହୁତ ଅଧିକ । କିଛି ବର୍ଷ ତଳେ ଏକ ପ୍ରାପ୍ତ ବୟସ୍କ ଏରୋୱାନା ୨.୧ କୋଟି ଟଙ୍କାରେ ବିକ୍ରି ହୋଇଥିଲା ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଫାଶୀଦଣ୍ଡ କୋହଳ ସମ୍ଭବ କି ?...

ଅତି ନିଷ୍ଠୁର ବା ନିର୍ଭୟ ଭାବରେ ଫାଶୀଦଣ୍ଡକୁ ବିବେଚନା କରାଯାଇ ପାରିବ ନାହିଁ– ଚାଳିଶ ବର୍ଷ ପର୍ଯ୍ୟନ୍ତ ଦୋଷୀମାନଙ୍କୁ ଦଣ୍ଡିତ କରିବାର ଏଇ ଭାବନାକୁ ବହନ କରିବା ପରେ ସମ୍ପ୍ରତି ଦେଶର ସର୍ବୋଚ୍ଚ ଅଦାଲତ ସୁପ୍ରିମ୍‌କୋର୍ଟ ମୃତ୍ୟୁଦଣ୍ଡକୁ କାର୍ଯ୍ୟକାରୀ କରିବା ନିମନ୍ତେ କିଛି ଅଧିକ ମର୍ଯ୍ୟାଦାଜନକ ବା କମ୍ ଯନ୍ତ୍ରଣାଦାୟକ ପଦ୍ଧତି ଅଛି କି ନାହିଁ, ତାହା ନିର୍ଦ୍ଧାରଣ କରିବାକୁ ଆଗେଇ ଆସିଛନ୍ତି । ବନ୍ଦୀମାନଙ୍କୁ 'ମୃତ୍ୟୁ ପର୍ଯ୍ୟନ୍ତ ବେକରେ ରଶି ଲଗାଇ ଝୁଲାଇବା' ଦଣ୍ଡ ପ୍ରଦାନ କରିବା ଅପେକ୍ଷା ଏକ ଅଧିକ ମାନବୀୟ ବିକଳ୍ପକୁ ପରୀକ୍ଷା କରି ଦେଖିବା ନିମନ୍ତେ ସୁପ୍ରିମ୍‌କୋର୍ଟଙ୍କ ଇଚ୍ଛା ସ୍ୱାଗତଯୋଗ୍ୟ ନିଷ୍ପତ୍ତି । ଏକ ସମାଜ, ଯାହା ଦୀର୍ଘ କାଳ ଧରି ଲୋକମାନଙ୍କୁ ଦଣ୍ଡ ଦେବାକୁ ଏକ ରଶ୍ମିର ଯନ୍ତ୍ରଣାଦାୟକ ମାଧ୍ୟମକୁ ବ୍ୟବହାର କରୁଥିଲା, ଯାହା ସେମାନଙ୍କର ବେକକୁ ଚାପି ଧରୁଥିଲା ବା ବିଷ ଇଞ୍ଜେକସନ୍ ପ୍ରୟୋଗ କରିବା ଭଳି ମାଧ୍ୟମକୁ ଆଉ ବ୍ୟବହାର ନ କରିବାର ଉପାୟ ବାହାର କରିବାକୁ ଏହା ଦେଶର ପ୍ରଧାନ ବିଚାରପତି ଏବଂ ତାଙ୍କର ସହକର୍ମୀମାନଙ୍କର ଇଚ୍ଛାକୁ ପ୍ରକଟ କରୁଛି । ଏକ ବୃହତ୍ତର ପରିପ୍ରେକ୍ଷୀରେ ଅବଶ୍ୟ ଏହାର ଏକ ବଡ଼ ବିତର୍କଟି ହେଉଛି ମୃତ୍ୟୁଦଣ୍ଡ ପ୍ରଦାନ କରାଯିବା ସମ୍ପର୍କରେ– ଯେ ଏହା ଦଣ୍ଡ ସଂହିତାରେ ରହିବା ଉଚିତ କି ନୁହେଁ! ଦେଶର ନ୍ୟାୟିକ ଏବଂ ପ୍ରଶାସନିକ ଚିନ୍ତାଧାରା ଏଯାବତ୍ ଉଭୟ ପ୍ରାଣଦଣ୍ଡ ବା ମୃତ୍ୟୁଦଣ୍ଡ ବିଧାନ କରିବା ଏବଂ ମୃତ୍ୟୁ ପର୍ଯ୍ୟନ୍ତ ଫାଶୀରେ ଝୁଲାଇ ରଖିବା ସପକ୍ଷରେ ରହି ଆସିଛି । ତେବେ ବର୍ତ୍ତମାନର ଖଣ୍ଡପୀଠ ମୃତ୍ୟୁଦଣ୍ଡ ପ୍ରଦାନ କରିବାର ଏକ ଅଧିକ ମାନବୀୟ ମାଧ୍ୟମ ରହିଛି କି ନାହିଁ, ସେ ବାବଦରେ ଏକ ନୂଆ ଉପାୟ ବାହାର କରିବା ସପକ୍ଷରେ ରହିଛନ୍ତି । ଏକ ଆଦର୍ଶ ବିଶ୍ୱରେ ଯେଉଁମାନେ ଆଇନର ସୀମାରେଖାକୁ ଅତି ଅମାନବୀୟ ଭାବରେ ଅତିକ୍ରମ କରି ସମାଜରେ ଜଘନ୍ୟ ଅପରାଧମାନ ଘଟାଉଛନ୍ତି, ସେମାନଙ୍କ ପ୍ରତି ସାରା ଜୀବନ କାରାଗାରର ଚାରିକାନ୍ଥ ମଧ୍ୟରେ ଜୀବନ ଅତିବାହିତ କରିବାର ଦଣ୍ଡାଦେଶ ପ୍ରଦାନ କରିବା ଯଥେଷ୍ଟ ହୋଇଥିବା ଉଚିତ ମନେହୁଏ । କିନ୍ତୁ ଆଜିକା ସମୟର ଏକ ଦ୍ୱନ୍ଦ୍ୱାତ୍ମକ ବିଶ୍ୱରେ, ଯେଉଁଠି ଖରାପ ବା ଅତି କଦର୍ଯ୍ୟ ଓ ଅମାନୁଷିକ କାର୍ଯ୍ୟ କରିବା ସହଜରେ ଲୋକମାନଙ୍କ ଭିତରେ ପ୍ରବେଶ କରି ଯାଉଛି । ଉଦାହରଣ ଭାବରେ ନିଆଯାଇପାରେ ଆଜମଲ୍ କସାବକୁ, ଯିଏକି ଏକ ଦେଶ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରି, ନିର୍ଭୟ ଭାବରେ ଏକେ-୪୭ରୁ ନିରୀହ ଲୋକମାନଙ୍କ ଉପରେ ଗୁଳି ବର୍ଷା କରିଥିଲା, ତା' ପ୍ରତି ଯେଉଁ ପ୍ରାଣଦଣ୍ଡ ବିଧାନ କରାଗଲା, ତା'ର କିଛି ବିକଳ୍ପ ଅଛି କି ? ଆତଙ୍କବାଦ ଭଳି ଅପରାଧ, ଏମିତିକି ରାଜଦ୍ରୋହ ମଧ୍ୟ ଏକ ଅଧିକ ଦୃଢ଼ ବା କର୍କଶ ଏବଂ ସଦା ପ୍ରସ୍ତୁତ ହୋଇ ରହିଥିବା ନ୍ୟାୟକୁ ଆହ୍ୱାନ କରିଥାଏ । ମାନବିକତା ନୈତିକ ଭାବରେ ଦ୍ୱନ୍ଦ୍ୱାତ୍ମକ ପରିସ୍ଥିତିର ଜଟିଳତା ସହିତ, ଯେଉଁଠି ଜଣେ ମଣିଷ ତା'ର ସହଭାଗୀ ଭାବରେ ବିବେଚନା କରାଯାଉଥିବା ଆଉ ଜଣେ ମଣିଷର ବିଚାର କରିବା ସହିତ ଅଭ୍ୟସ୍ତ ହୋଇ ସାରିଲାଣି, ଯିଏକି ଏକ ଆଇନ କାନୁନ୍-ଅଧାରିତ ସମାଜ ବ୍ୟବସ୍ଥାରେ ନିୟମକୁ ଗୁରୁତର ଭାବରେ ଭଙ୍ଗ କରୁଛି ଯେଉଁ ନିୟମ ଏକ ସଭ୍ୟ ସମାଜକୁ ପରିଚାଳିତ କରିବା ଉଚିତ । ଆମ୍ନେଷ୍ଟି ଇଣ୍ଟରନ୍ୟାସନାଲର ତଥ୍ୟ ଦର୍ଶାଇ ଥାଏ ଯେ ବିଶ୍ୱର ୧୦୮ ଦେଶ ମୃତ୍ୟୁଦଣ୍ଡକୁ ଉଠାଇ ସାରିଲେଣି ଏବଂ ଆଉ ୩୮ଟି ଦେଶ ଏହି ଦଣ୍ଡକୁ କଦବା କ୍ୱଚିତ୍ ବ୍ୟବହାର କରୁଛନ୍ତି ଯେତେବେଳେ କି ଅନ୍ୟ ୫୫ଟି ଦେଶ ଏହି ଦଣ୍ଡକୁ ସେମାନଙ୍କର ଦଣ୍ଡ ବିଧାନ ସଂହିତାରେ ଏବେ ସୁଦ୍ଧା ରଖୁଛନ୍ତି । ଯେଉଁ ଦେଶମାନେ ଏହାକୁ ରଖୁଛନ୍ତି, ସେମାନେ ଏହାକୁ ସେହିମାନଙ୍କ କ୍ଷେତ୍ରରେ ପ୍ରୟୋଗ କରୁଛନ୍ତି । ଏବେ ଯେଉଁ ପ୍ରଶ୍ନଟି ରହିଛି, ତାହା ଏଭଳି ଆଭିମୁଖ୍ୟକୁ ଅମ୍ଳକ ମାନବିକତା ପ୍ରଦାନ କରିବା ସହିତ ସମ୍ପର୍କିତ ଓ ସାମନ୍ତବାଦୀ ପ୍ରମାଣଗୁଡ଼ିକ ଦର୍ଶାଇ ଥାଏ ଯେ ଫାଶୀ ଦେବା ଏକ ପ୍ରାରମ୍ଭିକ ବା ଯନ୍ତ୍ରଣାଦାୟକ ମୃତ୍ୟୁର ପରିଣତିକୁ ଆମନ୍ତ୍ରଣ କରିବା ଆବଶ୍ୟକ ନୁହେଁ, ଯେତେବେଳେ କି ଅନେକଗୁଡ଼ିଏ ପ୍ରମାଣ ରହିଛି ଯେଉଁଗୁଡ଼ିକ ଦର୍ଶାଇ ଥାଏ ଯେ ଇଲେକ୍ଟ୍ରୋଲ୍ୟୁସନ୍ ଏବଂ ବିଷ ଇଞ୍ଜେକ୍ସନ୍ ପ୍ରୟୋଗ କରାଯିବା ସେଗୁଡ଼ିକର ନିଜସ୍ୱ ନିଷ୍ଠୁରତାକୁ ବହନ କରିଥାଏ । କେନ୍ଦ୍ର ସରକାରଙ୍କ ମତରେ ଫାଶୀଦଣ୍ଡକୁ କାଏମ୍ ରଖାଯିବା ଉଚିତ, କେବଳ ଏଇ କାରଣରୁ ନୁହେଁ ଯେ ଏହା କେବଳ ନିଷ୍ଠୁର ବା ଅମାନବୀୟ ନୁହେଁ, ବରଂ ଏଇ କାରଣରୁ ଯେ ଏହା ପୁଙ୍ଖାନୁପୁଙ୍ଖ ବିଚାର ପରେ ଅତି ସ୍ୱଳ୍ପ ସଂଖ୍ୟକ ଲୋକଙ୍କୁ ପ୍ରଦାନ କରାଯାଉଛି । ତେବେ ପ୍ରକୃତ ପ୍ରସଙ୍ଗ ହେଉଛି, ପ୍ରାଣଦଣ୍ଡ ବିଧାନ କରିବାର ଯେ କୌଣସି ରୂପ ମାନବିକତାର ବିଚ୍ୟୁତି, ମାନବୀୟ ମର୍ଯ୍ୟାଦାକୁ ଅପମାନିତ କରିଥାଏ ଏବଂ ନିଷ୍ଠୁରତାକୁ ବଳବତ୍ତର ରଖିଥାଏ । ଏହି ପରିପ୍ରେକ୍ଷୀରେ ପ୍ରାଣଘାତୀ ଇଞ୍ଜେକସନ୍ ପ୍ରଦାନ କରିବା ବା ଗୁଳି ଚାଳନା କରିବାର ଏକ ଦଳଙ୍କ ଦ୍ୱାରା ଗୁଳି କରିବା ଭଳି କାର୍ଯ୍ୟ, ଯାହାକୁ କେତେକ ଶାସନ କଳ ପସନ୍ଦ କରିଥାନ୍ତି, ତାହା ଅଧିକ ଯନ୍ତ୍ରଣାଦାୟକ ହୋଇଥାଏ । ତେଣୁ ସର୍ବାଧିକ ଖରାପ ଅପରାଧ ଘଟାଇ ଥିବା ଅପରାଧୀଙ୍କ ପାଇଁ ଏକ ଅଧିକ ମାନବୀୟ ଦଣ୍ଡ ବିଧାନ ପଦ୍ଧତିର ଆବିଷ୍କାର କରାଯିବା ଉଚିତ । ଲୋକମାନଙ୍କୁ ଏ ସମ୍ପର୍କରେ ଭାବିବାକୁ ଦେବା ଏକ ଉଦାରବାଦୀ ଚିନ୍ତାଧାରା କହିଲେ ଅତ୍ୟୁକ୍ତି ହେବନାହିଁ । କହିବା ବାହୁଲ୍ୟ, ଏହି ଚିନ୍ତା ଆରମ୍ଭ କରିବାର ଏହା ହେଉଛି ଏକ ପ୍ରକୃଷ୍ଟ ସମୟ।

## ପ୍ଲାଷ୍ଟିକ୍‌ରୁ ଆବର୍ଜନାର ପାହାଡ଼

### ନାରାୟଣ ଚନ୍ଦ୍ର ବିଶ୍ୱାଳ



**ପ୍ରତିବର୍ଷ ହାରାହାରି ଜଣେ ଭାରତୀୟ ୮ କିଗ୍ରା ପଲିଥିନ୍ ବ୍ୟବହାର କରୁଥିବା କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ କହିଛି। ଏହି କ୍ରମରେ ଭାରତରେ ପ୍ରତିବର୍ଷ ୮ ମିଲିୟନ ମେଟ୍ରିକ୍ ଟନ୍ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁରେ ପରିଣତ ହେଉଛି। ମାଟିରେ ମିଶୁ ନଥିବା ଶସ୍ତା ପଲିଥିନ୍ କାରଣରୁ ଏହି ସମସ୍ୟା ବଢ଼ିବାରେ ଲାଗିଛି।**

ସମ୍ପ୍ରତି ପ୍ଲାଷ୍ଟିକ୍ ଏବଂ ପ୍ଲାଷ୍ଟିକ ତିଆରି ପଦାର୍ଥ ସାରା ପୃଥିବୀରେ ଆବର୍ଜନାର ପିରାମିଡ଼୍ ତିଆରି କରୁଛି। କେବଳ ପୃଥିବୀ ନୁହେଁ, ମହାକାଶ ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ। ସହଜ ଏବଂ ସୁଲଭରେ ମିଳିଯାଉଥିବାରୁ ଦିନକୁ ଦିନ ଏହାର ବ୍ୟବହାର ବୃଦ୍ଧି ପାଇବାରେ ଲାଗିଛି। ହେଲେ ବ୍ୟବହାର ତୁଳନାରେ ପୁନଃ ପ୍ରକ୍ରିୟାକରଣ ହୋଇପାରୁ ନଥିବାରୁ ଏହା ଜୀବଜଗତ ପାଇଁ ବିପଦ ଆଣିଛି। ବିଶେଷକରି ପୃଥିବୀର ସବୁଠାରୁ ବୃହତ୍ ପରିସଂସ୍ଥାନ କୁହାଯାଉଥିବା ସମୁଦ୍ର ପରିତ୍ୟକ୍ତ ବର୍ଜ୍ୟବସ୍ତୁର ଗନ୍ତାଘର ପାଲଟିଲାଣି। ପୂର୍ବରୁ ପ୍ଲାଷ୍ଟିକ୍ ପାଣି ବୋତଲ ଯୋଗୁ ସମୁଦ୍ର ପାଣି ପ୍ରଦୂଷିତ ହେଉଥିବା ଜଣାପଡ଼ିଥିଲା। ହେଲେ କେବଳ ପ୍ଲାଷ୍ଟିକ୍ ବୋତଲ ନୁହେଁ, ବରଂ ପ୍ରତିଟି ଭଙ୍ଗା ପ୍ଲାଷ୍ଟିକ୍ ଖଣ୍ଡ, କାରଖାନାର ଛୋଟ ଛୋଟ ବର୍ଜ୍ୟବସ୍ତୁ ମାଇକ୍ରୋ ପ୍ଲାଷ୍ଟିକ୍ ଏବେ ଜଟିଳ ସମସ୍ୟା ସୃଷ୍ଟି କରିଛି। ବର୍ଜ୍ୟବସ୍ତୁକୁ ନେଇ ପ୍ରଭାବିତ ହେଉଥିବା ସାମୁଦ୍ରିକ ଜୀବନ ସମ୍ପର୍କରେ ଅଧ୍ୟୟନ କରୁଥିବା ଗୋଆସ୍ଥିତ ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଓସିଏନ୍‌ଗ୍ରାଫିର ଏ ସମ୍ପର୍କରେ ବିସ୍ତୃତ ବିଶ୍ଲେଷଣ ଅନୁଯାୟୀ ପ୍ଲାଷ୍ଟିକ୍ ପଦାର୍ଥ ଜନିତ ପ୍ରଦୂଷଣ ଆଗାମୀ ଦିନରେ ଭୟଙ୍କର ସମସ୍ୟା ସୃଷ୍ଟି କରିବ। ମନୁଷ୍ୟ ଜାତି ତିଷ୍ଠି ରହିବା ଦିଗରେ ଦେଖାଦେଇଥିବା ୧୦ଟି ପ୍ରମୁଖ ପ୍ରତିବନ୍ଧକ ମଧ୍ୟରେ ଏହା ଅନ୍ୟତମ ବୋଲି ରିପୋର୍ଟରୁ ଜଣାଯାଇଛି।

ପ୍ଲାଷ୍ଟିକ୍ ଟୁକୁଡା ସାମୁଦ୍ରିକ ଜୀବନଚକ୍ର ପ୍ରଭାବିତ କରୁଛି। ଖାଦ୍ୟ ଅନ୍ୱେଷଣରେ ଥିବା ମାଛ, ତିମି, ସିଲ୍, ସାମୁଦ୍ରିକ କଇଁଚ ପ୍ଲାଷ୍ଟିକ୍ ବ୍ୟାଗ, ବୋତଲକୁ ଖାଇଦିଅନ୍ତି। ଏହାଦ୍ୱାରା ସେମାନଙ୍କ ହଜମ ପ୍ରକ୍ରିୟାରେ ବାଧା ସୃଷ୍ଟି ହୁଏ। ଏହା ସହ ସମୁଦ୍ରର ନିମ୍ନ ଭାଗରେ ଜମି ରହୁଥିବା ବର୍ଜ୍ୟବସ୍ତୁ ପ୍ରାକୃତିକ ଖାଦ୍ୟ ତାଲିକାକୁ ମଧ୍ୟ ପ୍ରଭାବିତ କରିଥାଏ। ସାମୁଦ୍ରିକ ଖାଦ୍ୟକୁ ମନୁଷ୍ୟ ଖାଇବାପରେ ସେମାନେ ମଧ୍ୟ ପରୋକ୍ଷରେ ବିଭିନ୍ନ ରୋଗରେ ପଡ଼ିଥାନ୍ତି। ପ୍ଲାଷ୍ଟିକ୍ ଆବର୍ଜନାଜନିତ ପ୍ରଦୂଷଣର ଜଟିଳ ଚିତ୍ର ସମ୍ପର୍କରେ ଅଧ୍ୟୟନର ଅନ୍ୟ ଏକ ରିପୋର୍ଟ ଅନୁଯାୟୀ ପ୍ରତିବର୍ଷ ଜନସଂଖ୍ୟାରେ ଦ୍ରୁତ ବୃଦ୍ଧି ଘଟିବାରେ ଲାଗିଛି। ହାରାହାରି ଜଣେ ବ୍ୟକ୍ତି ପ୍ରତିବର୍ଷ ନିଜ ଓଜନର ପରିତ୍ୟକ୍ତ ବର୍ଜ୍ୟବସ୍ତୁ ପରିବେଶରେ ଫିଙ୍ଗିଥାନ୍ତି। ଆମେରିକା ଜର୍ଣ୍ଣାଲ ସାଇନ୍ସରେ ପ୍ରକାଶିତ ତଥ୍ୟ ଅନୁଯାୟୀ ସମୁଦ୍ର ଉପକୂଳରେ ଅବସ୍ଥିତ ଦେଶମାନଙ୍କରେ ପ୍ରତିବର୍ଷ ୨୭୫ ମିଲିୟନ ମେଟ୍ରିକ୍ ଟନ୍ ପ୍ଲାଷ୍ଟିକ ଆବର୍ଜନା ବାହାରୁଛି। ସେଥିରୁ ୧୨.୭ ମିଲିୟନ ମେଟ୍ରିକ୍ ଟନ୍ ସିଧାସଳଖ ସମୁଦ୍ରରେ ମିଶୁଛି। ୨୦୨୦ରେ ୱାଶିଂଟନ ଡିସି ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁଯାୟୀ ହାରାହାରି ୧୦-୨୦ ମିଲିୟନ ଟନ୍ ପ୍ଲାଷ୍ଟିକ୍ ପ୍ରତିବର୍ଷ ସମୁଦ୍ର ଜଳରାଶିରେ ପ୍ରବେଶ କରୁଛି। ସଦ୍ୟତମ ଆକଳନ ଅନୁଯାୟୀ ସମ୍ପ୍ରତି ୫.୨୫ ଟ୍ରିଲିୟନ ପ୍ଲାଷ୍ଟିକ୍ ସମୁଦ୍ରରେ ଅଛି। ଏହାଦ୍ୱାରା ପ୍ରତିବର୍ଷ ହାରାହାରି ୧୩ ବିଲିୟନ ଆମେରିକୀୟ ଡଲାର ମୂଲ୍ୟର ସାମୁଦ୍ରିକ ପରିବେଶ ନଷ୍ଟ ହେବାରେ ଲାଗିଛି। ପ୍ଲାଷ୍ଟିକଜାତ ଦ୍ରବ୍ୟର ବ୍ୟବହାର ଭାରତରେ ସବୁଠାରୁ ସଙ୍ଗଟମୟ ସ୍ଥିତି କରିଛି। ପ୍ରତିବର୍ଷ ହାରାହାରି ଜଣେ ଭାରତୀୟ ୮ କିଗ୍ରା ପଲିଥିନ୍ ବ୍ୟବହାର କରୁଥିବା କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ କହିଛି। ଏହି କ୍ରମରେ ଭାରତରେ ପ୍ରତିବର୍ଷ ୮ ମିଲିୟନ ମେଟ୍ରିକ୍ ଟନ୍ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁରେ ପରିଣତ ହେଉଛି। ମାଟିରେ ମିଶୁ ନଥିବା ଶସ୍ତା ପଲିଥିନ୍ କାରଣରୁ ଏହି ସମସ୍ୟା ବଢ଼ିବାରେ ଲାଗିଛି। ନିକଟରେ ଜର୍ଜିଆ ବିଶ୍ୱବିଦ୍ୟାଳୟ ପକ୍ଷରୁ ହୋଇଥିବା ସର୍ଭେ ଅନୁଯାୟୀ ପ୍ଲାଷ୍ଟିକ୍ ଜାତ ପଦାର୍ଥ ପରିଚାଳନା କରିବାରେ ଭାରତ ବିଫଳ ରାଷ୍ଟ୍ର ଭାବେ ଅଷ୍ଟମ ସ୍ଥାନରେ ରହିଛି। ଏହି କ୍ରମରେ ଚାଇନା ପ୍ରଥମ ସ୍ଥାନରେ ରହିଛି। ଏହା ପଛକୁ ଇଣ୍ଡୋନେସିଆ, ଫିଲିପାଇନ୍ସ, ଭିଏତନାମ ଏବଂ ଶ୍ରୀଲଙ୍କା ରହିଛନ୍ତି। ପ୍ରତିଦିନ ଜଣେ ଭାରତୀୟ ହାରାହାରି ୩୪୦ ଗ୍ରାମ ପ୍ଲାଷ୍ଟିକ୍ ବ୍ୟବହାର କରୁଛନ୍ତି। ଚାଇନାରେ ଜଣେ ବ୍ୟକ୍ତି ଭାରତୀୟଙ୍କ ଠାରୁ ୩ଗୁଣା ଅଧିକ ପଲିଥିନ୍ ବ୍ୟବହାର କରିଥାନ୍ତି। ଉପକୂଳ ଭାରତରେ ହାରାହାରି ୮୭% ବର୍ଜ୍ୟବସ୍ତୁ ପରିଚାଳନାରେ ଠିକ୍ ଭାବେ ହୋଇ ନଥାଏ। ମାନବ ସଭ୍ୟତା ପାଇଁ ପ୍ଲାଷ୍ଟିକ୍ ବିପଦ ପାଲଟିଛି। ଗୋଟିଏ ଗୋଟିଏ ପ୍ଲାଷ୍ଟିକ୍ ବ୍ୟାଗ ୧୦୦୦ ବର୍ଷ ଯାଏ ସେମିତି ରହିଥାଏ। ଯଦି ବି ଏହା ମାଟିରେ ମିଶିଯାଏ, ତେବେ ସେଥିରୁ ବିଷାକ୍ତ ପଦାର୍ଥ ଜାତ ହୋଇଥାଏ। କେତେକାଂଶରେ ଏହା କ୍ୟାନସରର କାରଣ। ଏହି ସମସ୍ୟା ଭାରତର ୭୫୦୦ କିମି ତଟରେଖା ପାଇଁ ବିପଦ ପାଲଟିଛି। ଗୋଟିଏ ଗୋଟିଏ ମାଇକ୍ରୋପ୍ଲାଷ୍ଟିକ୍ ମନୁଷ୍ୟର ଛୋଟ ଚୁଟି ପରି। ସମୁଦ୍ର ଜୀବନର ପ୍ରାଣକେନ୍ଦ୍ର କୁହାଯାଉଥିବା ପ୍ଲାଙ୍କଟନ୍ ମଧ୍ୟରେ ଏହା ପ୍ରବେଶ କରିବା ପରେ ଜୈବିକ ଖାଦ୍ୟ ଶୃଙ୍ଖଳ ପ୍ରଭାବିତ ହୁଏ। ଅତି ଆଶ୍ଚର୍ଯ୍ୟର ବିଷୟ ଭାରତରେ ହାରାହାରି ୪୭% ପ୍ଲାଷ୍ଟିକ୍ ପୁନଃ ପ୍ରକ୍ରିୟାକରଣ କରାଯାଇଥାଏ। ଏହାର ଅର୍ଥ ଅଧାରୁ ଅଧିକ ବର୍ଜ୍ୟବସ୍ତୁ ଭାବେ ପରିବେଶରେ ମୁକ୍ତ ଭାବେ ଫିଙ୍ଗାଯାଉଛି। ଏ ପରିସ୍ଥିତିରେ ସରକାର ପ୍ଲାଷ୍ଟିକ୍ ବ୍ୟବହାର ନିୟମକୁ ଅଧିକ କଡ଼ାକଡ଼ି କରିବାକୁ ପଡ଼ିବ। ଏହାର ପରିଚାଳନା ନିମନ୍ତେ ଦୀର୍ଘ ମିଆଦୀ ଯୋଜନା ସମ୍ପର୍କରେ ଚିନ୍ତା କରିବା ସମୟ ଆସିଛି।


କଟିକଟା, ମଙ୍ଗଳପୁର, ଯାଜପୁର,

ଦୂରଭାଷ : ୯୪୩୮୨୭୬୭୭୦


## ମରୁଭୂମି ପାଲଟିବ ଓଡ଼ିଶା

### ବାଦଲ ଭୂୟାଁ



**ପରିବେଶବିତ୍‌ଙ୍କ କହିବା ଅନୁଯାୟୀ, ବରଗଛର ସ୍ଥାନ ଶାଳ, ପିଆଶାଳ କି କୌଣସି ଫୁଲ ଗଛ ନେଇପାରିବ ନାହିଁ। ବର ଓ ଅଶ୍ୱତଥ ଗଛ ନିକଟରେ ବାୟୁମଣ୍ଡଳକୁ ଶୁଦ୍ଧ ରଖିବା ପାଇଁ ଯେଉଁ କ୍ଷମତା ରହିଛି, ତାହା ଅନ୍ୟ କୌଣସି ଗଛ ନିକଟରେ ନାହିଁ।**

ପ୍ରତିବର୍ଷ ଲକ୍ଷ ଲକ୍ଷ ହେକ୍ଟର ଜମି ବନୀକରଣ କରାଯାଉଛି ବୋଲି ତଥ୍ୟ ପ୍ରକାଶ ପାଉଛି। ମାତ୍ର ଏପଟେ ଓଡ଼ିଶା ରାଜ୍ୟ ଧୀରେ ଧୀରେ ମରୁଭୂମି ପାଲଟିବାକୁ ବସିଲାଣି। ଦେଶର ପ୍ରମୁଖ ପାଞ୍ଚଟି ମରୁଡ଼ି ରାଜ୍ୟ ମଧ୍ୟରେ ଓଡ଼ିଶା ସ୍ଥାନ ପାଇଛି। ରାଜସ୍ଥାନ, ଗୁଜୁରାଟ, ମହାରାଷ୍ଟ୍ର ଓ ଜାମ୍ମୁକାଶ୍ମୀର ପରେ ଓଡ଼ିଶାର ସ୍ଥାନ ପଞ୍ଚମ ବୋଲି ଏକ ରିପୋର୍ଟରୁ ଜଣାପଡ଼ିଛି। ରାଜ୍ୟରେ ଜମିଗୁଡ଼ିକ ଶୁଷ୍କ ପାଲଟି ଗଲାଣି। ଅସନ୍ତୁଳିତ ଜଳବାୟୁ, ଜନସଂଖ୍ୟାର ମାତ୍ରାଧିକ ବୃଦ୍ଧି, ଜଙ୍ଗଲ କ୍ଷୟ, ଅତ୍ୟଧିକ ଭୂତଳ ଜଳ ବ୍ୟବହାର, ନଦୀନାଳ ଜଳରାଶିର ଅସଂଯତ ବ୍ୟବହାର ଓ ତ୍ରୁଟିପୂର୍ଣ୍ଣ ଭୂମି ବିନିଯୋଗ ଯୋଗୁଁ ଏପରି ଉଦ୍‌ବେଗ ଜନକ ସ୍ଥିତି ସୃଷ୍ଟି ହୋଇଛି। ଏପରି ସ୍ଥିତି ଲାଗି ରହିଲେ ସମୟ ଆସିବ ଓଡ଼ିଶା ବି ଦିନେ ଏକ ବଡ଼ ମରୁଭୂମିରେ ପରିଣତ ହୋଇଯିବ। ଏକ ରିପୋର୍ଟ ଅନୁଯାୟୀ, ମରୁ ଅଞ୍ଚଳ ତାଲିକାରେ ପ୍ରଥମ ସ୍ଥାନରେ ରହିଛି ରାଜସ୍ଥାନ। ଏହି ରାଜ୍ୟର ୨.୩ କୋଟି ହେକ୍ଟର ଜମି ଶୁଷ୍କ। ଏହା ପଛକୁ ଥିବା ଗୁଜୁରାଟ, ମହାରାଷ୍ଟ୍ର ଓ ଜାମ୍ମୁକାଶ୍ମୀରରେ ୧.୩ କୋଟି ହେକ୍ଟର ଜମି ଶୁଷ୍କ ଅବସ୍ଥାରେ। ଆଉ ପଞ୍ଚମରେ ଥିବା ଓଡ଼ିଶାରେ ୫୦ଲକ୍ଷ ହେକ୍ଟର ଜମି ଶୁଷ୍କ ପାଲଟିଗଲାଣି। ଯାହାକି ମୋଟ ଜମିର ଶତକଡ଼ା ୩୩ଭାଗ। ତଥାପି ପ୍ରତିବର୍ଷ ସରକାର କହୁଛନ୍ତି ଏଥିପାଇଁ ପଦକ୍ଷେପ ନିଆଯାଉଛି। ମାତ୍ର ବର୍ତ୍ତମାନ ଓଡ଼ିଶାର ସ୍ଥିତି ଯାହା ଭବିଷ୍ୟତରେ ରାଜ୍ୟ ପ୍ରତି ଏକ ବଡ଼ ବିପଦ ମାଡ଼ି ଆସୁଛି ବୋଲି କୁହାଯାଇପାରେ। ଉଭୟ ପ୍ରାକୃତିକ ଓ ମନୁଷ୍ୟକୃତ କାରଣ ଯୋଗୁଁ ଏହି ମରୁକରଣ ପ୍ରକିୟା ଏକ ମୁଖ୍ୟ ସମସ୍ୟା ରୂପେ ଉଭା ହୋଇଛି। ବର୍ଷକୁ ହାରାହାରି ୧୦ ଇଞ୍ଚରୁ ବୃଷ୍ଟିପାତ କମ୍ ହେଲେ ଅଞ୍ଚଳଟି କ୍ରମଶଃ ମରୁଭୂମିରେ ପରିଣତ ହୋଇଥାଏ। ଅସନ୍ତୁଳିତ ଜଳବାୟୁ, ବୃଷ୍ଟିହୀନତା ଓ ବୃକ୍ଷ ଛେଦନ ଏହି ପ୍ରକ୍ରିୟା ପାଇଁ ଦାୟୀ। ରାଜ୍ୟର ବିଭିନ୍ନ ଅଞ୍ଚଳରେ କେଉଁଠି ରାସ୍ତା ପ୍ରଶସ୍ତିକରଣ ପାଇଁ ହେଉ ବା ଅନ୍ୟାନ୍ୟ ପାରିପାର୍ଶ୍ୱିକ ଅବସ୍ଥାର ଉନ୍ନତି ପାଇଁ ପ୍ରତିଦିନ ବଡ଼ ବଡ଼ ବୃକ୍ଷ କଟା ଯାଉଛି। ଖୋଦ୍ ରାଜଧାନୀରେ ଗତ ବର୍ଷ ବହୁ ବଡ଼ ବଡ଼ ବରଗଛ ଓ ଅଶ୍ୱତଥ ଗଛ କଟାଯାଇଛି। ରାଜ୍ୟର ଅନ୍ୟ ସହରାଞ୍ଚଳ ସହ ଗ୍ରାମାଞ୍ଚଳରେ ମଧ୍ୟ ଲୋକମାନେ ଜାଳେଣି ପାଇଁ ଗଛଲତା କାଟିଥାନ୍ତି।

ପରିବେଶବିତ୍‌ଙ୍କ କହିବା ଅନୁଯାୟୀ, ବରଗଛର ସ୍ଥାନ ଶାଳ, ପିଆଶାଳ କି କୌଣସି ଫୁଲ ଗଛ ନେଇପାରିବ ନାହିଁ। ବର ଓ ଅଶ୍ୱତଥ ଗଛ ନିକଟରେ ବାୟୁମଣ୍ଡଳକୁ ଶୁଦ୍ଧ ରଖିବା ପାଇଁ ଯେଉଁ କ୍ଷମତା ରହିଛି, ତାହା ଅନ୍ୟ କୌଣସି ଗଛ ନିକଟରେ ନାହିଁ। ମାତ୍ର ପ୍ରଶାସନର ଚିନ୍ତାଧାରା ଭିନ୍ନ। ବର୍ଷ ବର୍ଷ ଧରି ଥିବା ପୁରୁଣା ଗଛ ଗୁଡ଼ିକୁ ସେମାନେ କାଟି ଚାଲିଛନ୍ତି। ଗୋଟିଏ ପଟେ ଗୋଟିଏ ବୃକ୍ଷ ଗୋଟିଏ ଜୀବନ ସ୍ଲୋଗାନ ଦିଆଯାଉଛି, ମାତ୍ର ଅନ୍ୟପଟେ ପ୍ରତିଦିନ ଅବିଚାରିତ ଭାବେ ବୃକ୍ଷ କଟା ଚାଲିଛି। ତଥ୍ୟ ଅନୁଯାୟୀ, ଆଗରୁ ଯେପରି ବୃଷ୍ଟିପାତ ହେଉଥିଲା। ଏହା ଧୀରେ ଧୀରେ କମିବାକୁ ଲାଗିଲାଣି। ଏଣୁ ବର୍ତ୍ତମାନ ବୃଷ୍ଟି ଜଳକୁ କିପରି ସଂରକ୍ଷିତ ରଖାଯିବ ଓ ଅଧିକରୁ ଅଧିକ ବନୀକରଣ ହୋଇପାରିବ ସେଥିପାଇଁ ପଦକ୍ଷେପ ନିଆଯିବା ଜରୁରୀ। ଏହାସହ ଜଙ୍ଗଲ ଓ ପରିବେଶ ବିଭାଗରେ ଯେଉଁ ଜଳବାୟୁ ପରିବର୍ତ୍ତନ ସେଲ୍ ଗଠନ କରାଯାଇଛି ତାହା ତ୍ୱରାନ୍ୱିତ ହେବା ଜରୁରୀ। ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ କେନ୍ଦ୍ର ସରକାର ଓ ଅନ୍ୟାନ୍ୟ ସଂସ୍ଥା ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇ ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର କରାଯିବା ନେଇ ପରିବେଶବିତ୍ ଓ ଜଳସୁରକ୍ଷା କର୍ମୀମାନେ ଦାବି କରୁଛନ୍ତି।

ଓଡ଼ିଶାରେ ମରୁକରଣ ପ୍ରକ୍ରିୟା ପ୍ରତିରୋଧ କରିବା ପାଇଁ ବହୁ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଗତବର୍ଷ ବନୀକରଣ କାର୍ଯ୍ୟକ୍ରମରେ ବେଶ୍ ସଫଳତା ମିଳିଛି। ୧ଲକ୍ଷ ୯୮ ହଜାର ୮୯୧ ହେକ୍ଟର ଜମିରେ ବନୀକରଣ କରାଯାଇଛି। ୪୭୫୫ କିଲୋମିଟର ରାସ୍ତାରେ ବୃକ୍ଷରୋପଣ କରାଯାଇଛି। ୫କୋଟି ୫୦ଲକ୍ଷ ଚାରା ମାଗଣାରେ ବଣ୍ଟା ଯାଇଛି। କେବଳ ସହରାଞ୍ଚଳରେ ୧୪ଲକ୍ଷ ୯୦ ହଜାର ଚାରା ରୋପଣ କରାଯାଇଛି। ଗତବର୍ଷ ୧୨ କୋଟି ୪ଲକ୍ଷ ଚାରା ବଣ୍ଟନ ଓ ରୋପଣ କରାଯାଇଥିବାବେଳେ ଚଳିତ ବର୍ଷ ସାଢ଼େ ୧୩ କୋଟି ଚାରା ରୋପଣ କରାଯିବାର ଯୋଜନା ରହିଛି। ଅନୁସନ୍ଧାନରୁ ଜଣାଯାଇଛି ଯେ, ଧୀରେ ଧୀରେ ବୃଷ୍ଟିପାତ କମିବାରୁ ଓଡ଼ିଶାର ଲକ୍ଷ ଲକ୍ଷ ହେକ୍ଟର ଜମି ଏବେ ଶୁଷ୍କ। ରାଜ୍ୟ ଧୀରେ ଧୀରେ ମରୁଭୂମି ପାଲଟିଯିବ। ଜଳ ପ୍ରଦୂଷଣକୁ ରୋକିବା ସହ ବ୍ୟାପକ ବୃକ୍ଷ ରୋପଣ ଜରୁରୀ। ଏହାଦ୍ୱାରା ଉତ୍ତପ୍ତ ପରିବେଶ ଶାନ୍ତ ସୁଶୀତଳ ହୋଇପାରିବ ସର୍ବୋପରି ବ୍ୟାପକ ବନୀକରଣ ଦ୍ୱାରା ସବୁଜ ପରିବେଶ ସୃଷ୍ଟି ହେବା ସହ ମୃତ୍ତିକା କ୍ଷୟକୁ ରୋକିବା ସହ ଜୈବମଣ୍ଡଳରେ ପ୍ରଚୁର ଓ ବିଶୁଦ୍ଧ ଅମ୍ଳଜାନ ମିଳିପାରିବ। ଏ କ୍ଷେତ୍ରରେ ଆମ ସମସ୍ତଙ୍କର ସଚେତନଧର୍ମୀ ଗୁରୁଦାୟିତ୍ୱ ରହିଛି। ନିଜେ ଗଛ ଲଗାଇବା ସହ ପିଲାମାନଙ୍କ ଭିତରେ ବ୍ୟାପକ ବୃକ୍ଷରୋପଣ ପାଇଁ ସଚେତନତାକୁ ବଢ଼ାଇବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଣୁ ଏଥିପାଇଁ ଉଭୟ ରାଜ୍ୟ ସରକାର ଓ ଜନସାଧାରଣ ପଦକ୍ଷେପ ନେବା ଆବଶ୍ୟକ। ବର୍ତ୍ତମାନ ପରିବେଶ ମଣିଷର ସ୍ଥିତିକୁ ଦୋହଲାଇ ଦେଲାଣି। ସମସ୍ତେ ଏବେ ଧ୍ୱଂସ ଆଡ଼କୁ ଗତି କରୁଛନ୍ତି। ଯଦି ଉଚିତ ପଦକ୍ଷେପ ନିଆନଯାଏ, ତେବେ ରାଜ୍ୟ ସଂପୂର୍ଣ୍ଣ ଶୁଷ୍କ ପାଲଟିଯିବ।


ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର,

ମୋ : ୭୪୮୮୯୯୮୫୩୨





## ମୋ ଚଲାପଥ

### ଉମେଶ ଚନ୍ଦ୍ର ଯେନା

ମୁଁ ଯେଉଁ ପଥରେ ଯାଉଥିଲି
ଦିଗ ନ ଥିଲା
ଠିକଣା ନ ଥିଲା
ଖାଲି ଚାଲୁଥିଲି
କୋଉଠି କି ?
ନା ଅଚିହ୍ନା ମଣିଷଟେ ପାଖକୁ
ସେ ବି ମତେ କହୁଥିଲା
ତୁମେ କୋଉ ପଥିକ ?

ମୁଁ ସେଇଠୁ ରହିଗଲି
ଆଉ ଉତ୍ତର ଦେଲି
ମୁଁ କୋଉଠୁ ଚାଲିବା
ଆରମ୍ଭ କରିଛି ଜାଣିନି
ଏ ପଥ ବି ମତେ ଜଣା ନାହିଁ
କିନ୍ତୁ ମୋର ଗୋଟେ ଲୟ
ଆଉ ଗୋଟେ ଭୟ
ବୋତଲରେ ପାଣି ଆଣିଥିଲି
ଆଗକୁ ଶୋଷ ମେଣ୍ଟିବ ତ ।

ତାଙ୍କୁ ପଚାରିଲି
ଆଜ୍ଞା
ମତେ କହି ପାରିବେ କି
ଏଇଠୁ କୋଉ ବାଟେ ଗଲେ
ଟାଇଁ ଟାଇଁ ଖରା ନ ଥିବ
ସେ ପଥରେ ବାଲି ନ ଥିବ
ଯୋଉଠି ପାଣି ଟୋପେ ପାଇଁ
ସ୍ୱପ୍ନ ନ ଥିବ
ମୁଁ ସେଇ ପଥେ ଯିବି ।


କଲ୍ୟାଣ ପୁର
ବିଞ୍ଝାର ପୁର, ଯାଜପୁର


## ଯିବାପାଇଁ ହେବ ବହୁଦୂର

### ନୀଳମଣି ଚାନ୍ଦ



ଯିବାପାଇଁ ହେବ ବହୁଦୂର
କିଛି ଦୂର ରହିଛି ଅନ୍ଧାର
କିଛି ପଥ ସିନା ଆଲୋକିତ
ମନକୁ ମୋ କରେ ପ୍ରକାଶିତ।

କିଛି ଦୂରେ ପଥ ଅଙ୍କା ବଙ୍କା
ଭରିଦିଏ ମନେ ମୋର ଶଙ୍କା
ପାରିହେଲେ ଦିଶେ ସମତଳ
ବହେ ଯହିଁ ବାୟୁ ସୁଶୀତଳ।

ଭେଟି ନୂଆ ପଥିକଙ୍କ ସାଥେ
ମନ ମୋର ନାଚଇ ପ୍ରମତ୍ତେ
ଯାଏ କିଏ ନିଜ ପଥ ଧରି
ବିଷାଦର ଛାୟା ଯାଏ ଭରି।

ହସ କାନ୍ଦ ଲୁହ ସବୁ ମିଶି
ଇନ୍ଦ୍ରଧନୁଟିଏ ଯାଏ ଦିଶି
ଜନମରୁ ଆରମ୍ଭ ସେ ହୁଏ
ମୃତ୍ୟୁ ଲକ୍ଷ୍ୟ ସ୍ଥଳ ଯାଇ ଛୁଏଁ।

ସମୟର ତାଳେ ତାଳେ ଚାଲି
ପଥ ଅତିକ୍ରମ କରେ ଖାଲି
ପଥିକ ମୁଁ ଭାବେ ନିରନ୍ତର
ଯିବାପାଇଁ ହେବ ବହୁଦୂର।


ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭




## ଚାବିକାଠି ପେନ୍ଥା

### ନୂତନ କୁମାର ବେହେରା

[redacted]



ବାକ୍ସ ଆଲମିରା ସିନ୍ଧୁକ ଠାରୁ
ଘରର ଦରଜା ଫାଟକ ପର୍ଯ୍ୟନ୍ତ ସବୁଠି ତ
ଝୁଲୁଛି ଦାମୀ ଦାମୀ ସବୁ କୋଲପ/ତାଲା
ଆବଶ୍ୟକ ସମୟରେ ଖୋଲିବା ପାଇଁ
ଯତନେ ସାଇତି ରଖା ଯାଇଛି ଚାବିକାଠି ପେନ୍ଥା,
କେଉଁ ମାଲିକର ପକେଟରେ
ଅବା ସାଆନ୍ତାଣୀର କାନିରେ ହୁଏ ଗୁନ୍ଥା
ଧନ ସମ୍ପତ୍ତି ଟଙ୍କା ସୁନା ରୂପାକୁ ସାଇତି ରଖିବାକୁ
କେଉଁ କାଳରୁ ରହିଛି ଏଇ ପନ୍ଥା।
ସେ ଚାବି ଖୋଲିବାର ବହୁ ପୂର୍ବରୁ ହେଉଛି
ଚୋରୀ ଡକାୟତି ଲୁଣ୍ଠରାଜ କାହିଁକି... ?
ଚାଲିଛି ଆଡୁଆଡ଼ରେ ସାମ୍ନାରେ ଦୈନିକ
ଯେତେ ପ୍ରତିରୋଧ କେବଳ ଏକ ମାନସିକ ସାନ୍ତ୍ୱନା,
ଯେଉଁ ବ୍ୟଭିଚାର ଲାଞ୍ଚ ମିଛକୁ ଡ଼ର
ତାହା ହିଁ ଘଟି ଚାଲିଛି କ୍ରମାଗତ ଭାବରେ
ଲାଗେ ସବୁ ପ୍ରହସନ ପ୍ରବଞ୍ଚନା
କାହା ଉପରେ ନାହିଁ ଭରସା ବିଶ୍ୱାସ ଟିକକ
ବୁଲି ପଡ଼ିଲେ ପଛକୁ ଖାଲି ପ୍ରତାରଣା।
ଲାଭ କ'ଣ ଜାବୁଡ଼ି ଧରି ଏ ଚାବିକାଠି ପେନ୍ଥା... ?
ଆକଟର ବକଟେ ପିଲା କାଲିକୁ ବଡ଼ ହୋଇ
ହୁଏ ବିପଥଗାମୀ ବିଶୃଙ୍ଖଳିତ ନିଶାଗ୍ରସ୍ତ
ନିଜ ରକ୍ତକୁ ଅବିଶ୍ୱାସ ସନ୍ଦେହ
ଆତଙ୍କ ଖେଳେ ପ୍ରାଣ ହୁଏ ଭୀତତ୍ରସ୍ତ,
ନ ଖାଇ ନ ପିଇ ସାଇତି ଥିବା ଧନ ଦୌଲତ
ହୁଏ ବାଟ ମାରଣା ଆଖି ଆଗରେ
ଯା' ଲାଗି ଜୀବନ ଯାକ ହେଉଥିଲେ ଅସ୍ତବ୍ୟସ୍ତ।
ବଜାର ସାରା ସବୁ ମହଙ୍ଗା ମାଡ଼
ଚାଲିଛି ଅପମିଶ୍ରଣ କଳାବଜାରୀ ତ ଖୋଲାଖୋଲି
ନାହିଁ ତ ଏଠି ସ୍ନେହ ମମତା ପ୍ରେମ ପ୍ରୀତି,
ଚାବି ପକାଇବାରେ ଅଛି କି ଲାଭ... ?
ଯେଉଁଠି ସୁରକ୍ଷାର ନାହିଁ କିଛି ନିଶ୍ଚିତତା
ଫସର ଫାଟି ଯାଏ ସବୁ ମେହନତି।
ସେଠି ଏତେ ଆକଟର ମାନେ କଣ... ?
କେବଳ ସମୟକୁ ଏକ ଆଖି ଠାର ମାତ୍ର
ସବୁ ଲାଗେ ରହସ୍ୟମୟ କୁହେଳିକାରେ ବିଚିତ୍ର,
ଯେ ପର୍ଯ୍ୟନ୍ତ ଖୋଲି ନାହିଁ ହୃଦୟର ତାଲା
ମନରେ ଆସି ନାହିଁ ସ୍ୱଚ୍ଛତା ସାଧୁତା
ସତ୍ୟ ଶାନ୍ତି ଦୟା କ୍ଷମାର ମହନୀୟ ଗୁଣ
ରହିବନି ବିବେକ ବିଚାର ଶୁଦ୍ଧ ପବିତ୍ର।
ସୁରକ୍ଷିତ ନାହିଁ ଯେଉଁଠି ମଣିଷର ଓଲିକ ଜୀବନ
ସବୁ ନୀତି ନିୟମ ଆଦର୍ଶ ହୁଏ ଅନ୍ୟଥା,
ସେଠି କେତେ ଦିନ ଆକଟ କରି ଚାପି ରଖିବ
ଜୀବନର ଅପରିହାର୍ଯ୍ୟ ବିଭବକୁ ଚାବିକାଠି ପେନ୍ଥା... ?


ବାରିପଦା,ମୟୂରଭଞ୍ଜ
ମୋ: ୮୦୧୮୩୫୩୩୨୨





# ଧ୍ୱନି ପ୍ରତିଧ୍ୱନି



କାର୍ତ୍ତିକ ସାଇଁ

## ମିନା ଅପାଙ୍କ ରାମାୟଣ ଟୁଙ୍ଗି (୮୧)

### ହନୁମାନଙ୍କ ଗନ୍ଧମାଦନ ପର୍ବତ ଆଣିବା



(ପୂର୍ବ ପ୍ରକାଶିତ ଉତ୍ତାରୁ)

"ହନୁମାନ ଗନ୍ଧମାଦନ ପର୍ବତକୁ ଆଣି ଲଙ୍କାରେ ପହଂଚିଗଲେ। ସମସ୍ତେ ହନୁମାନଙ୍କର ପ୍ରଶଂସା କଲେ। ସୁଷେଣ ସଂଗେ ସଂଗେ ପର୍ବତରୁ ବିଶଲ୍ୟକରଣୀ ଗୁଳ୍ମ ଆଣି ଲକ୍ଷ୍ମଣଙ୍କ ନାକ ପାଖରେ ରଖିଲେ। କିଛି ସମୟ ପରେ ଲକ୍ଷ୍ମଣ ଚେତା ଫେରି ପାଇଲେ ଓ ଏକ ଗାଢ଼ ନିଦରୁ ଉଠିଲା ପରି ଉଠି ବସିଲେ।" ମିନା ଅପା ରାମାୟଣ କଥା ଆରମ୍ଭ କଲେ।

" ଲକ୍ଷ୍ମଣଙ୍କ ଭଲ ହେବା ଖବର ରାବଣ ପାଖରେ ପହଂଚି ଯାଇଥିଲା। ସେ ବୁଝି ପାରିଲାନି ସେ ଏବେ  କଣ କରିବ। ସେଇ ସମୟରେ ତା ମନକୁ ପାତାରେ ରାଜା ଥିବା ତା ପୁତ୍ର ମହୀରାବଣ କଥା ମନକୁ ଆସିଥିଲା।

ରାମାୟଣ ପ୍ରଭୁ ଶ୍ରୀରାମ, ଲକ୍ଷ୍ମଣ, ଭରତ, ଶତୃଘ୍ନ, ମାତା ସୀତାଙ୍କ କଥାକୁ ଛାଡ଼ି ଦେଲେ ଅନେକ ଉପକଥାରେ ସମୃଦ୍ଧ। ସେଇ କଥାମାନଙ୍କ ମଧ୍ୟରୁ ମହୀରାବଣ କଥା ଏକ ଚମତ୍କାର କଥା।



ମହୀରାବଣର ବିଶେଷତ୍ୱ ଥିଲା ଯେ ସେ ମା' କାଳୀଙ୍କ ପୂଜା କରି ଏକ ବିଚିତ୍ର ବର ପାଇଥିଲା। ସେ ବର ବଳରେ ସେ ଯେ କୌଣସି ଶତ୍ରୁଙ୍କ ପାଖରେ ପହଂଚି ତାଙ୍କୁ ଚୋରି କରି ଆଣି ବନ୍ଦୀ କରିପାରୁଥିଲା। ଏହି କଥା ରାବଣ ମଧ୍ୟ ଜାଣିଥିଲା।

ବୁଡ଼ି ଯାଇଥିବା ମଣିଷ ସୁତାଖିଅକୁ ଆଶ୍ରା କଲା ପରି ରାବଣ ଏବେ ତା ପୁତ୍ର ମହୀରାବଣକୁ ସ୍ମରଣ କଲା। ପାତଳପୁରରେ ଥାଇ ମହୀରାବଣ ଜାଣିପାରିଲା ଯେ ତାକୁ ତା ପିତା ରାବଣ ସ୍ମରଣ କରୁଛି। ସେ ତୁରନ୍ତ ରାବଣ ପାଖରେ ପହଂଚିଗଲା। ପୁତ୍ର ମହୀରାବଣକୁ ରାବଣ ତାର ଦୁର୍ଦ୍ଦଶାର କାହାଣୀ ଶୁଣାଇଲା। ଅସୁର ହେଲେ ବି ମହୀରାବଣ ତା ପିତାର କାର୍ଯ୍ୟକୁ ସମର୍ଥନ କରିନଥିଲା, ମାତ୍ର ପିତାଙ୍କ ମାନ ସମ୍ମାନ ରକ୍ଷା ଲାଗି ସେ ଇନ୍ଦ୍ରଜିତ୍ ପରି ରାମଙ୍କ ସହିତ ଯୁଦ୍ଧ କରିବାକୁ ରାଜି ହେଲା। ମହୀରାବଣ କଥାରେ ରାବଣ ଖୁସି ହେଲା।

ମହୀରାବଣ ଲଙ୍କାକୁ ଆସିବା ଖବର ଶ୍ରୀରାମଙ୍କ ପାଖରେ ପହଂଚିଗଲା। ଏ ଖବର ବିଭୀଷଣ ଛଦ୍ମବେଶରେ ଯାଇ ଆଣିଥିଲେ। ସେ ସଙ୍ଗେ ସଙ୍ଗେ ଶ୍ରୀରାମଙ୍କୁ ଏ ସଂପର୍କରେ ସତର୍କ କରାଇଦେଲେ।

"ମାୟାବୀ ମହୀରାବଣର ମାୟାକୁ ବୁଝିବା କଷ୍ଟକର। ସେ ଯେ କୌଣସି ବେଶରେ ଆସିପାରେ ଓ ଯାହାକୁ ମନେ ତାକୁ ଚୋରି କରି ପାତାତପୁରକୁ ନେଇପାରେ।" ବିଭୀଷଣଙ୍କ କଥା ଶୁଣି ଶ୍ରୀରାମ ଆଶ୍ଚର୍ଯ୍ୟ ଚକିତ ହେଲେ।

ରାମ ଲକ୍ଷ୍ମଣଙ୍କ ସୁରକ୍ଷା ପାଇଁ ବିଭୀଷଣ ବାନର ସେନାଙ୍କୁ ପ୍ରସ୍ତୁତ କଲେ। ସେନାପତିମାନଙ୍କୁ ବିଭିନ୍ନ ଦିଗରେ ଜଗି ରହିବାକୁ କହିଲେ। ଶିବିରରେ ମୁଖ୍ୟ ଦ୍ୱାର ଜଗି ରହିଲେ ବୀର ହନୁମାନ। ହନୁମାନଙ୍କୁ ଶିବିର ଭିତରକୁ କାହାକୁ ନଛାଡ଼ିବାକୁ କହିଲେ ବିଭୀଷଣ।

ମହୀରାବଣ ବଡ଼ ମାୟାବୀ ଅସୁର ଥିଲା। ସେ ବିଭିନ୍ନ ରୂପ ଧରି ହନୁମାନଙ୍କ ସମ୍ମୁଖକୁ ଆସିଲା। ବିଭୀଷଣଙ୍କ ନିର୍ଦ୍ଦେଶ ମାନି ହନୁମାନ କାହାରିକୁ ଶିବିର ମଧ୍ୟକୁ ଛାଡ଼ିଲେ ନାହିଁ। ଶେଷକୁ ମହୀରାବଣ ଚାଲାକ ହୋଇ ବିଭୀଷଣ ରୂପରେ ଆସି ହନୁମାନଙ୍କ ଆଗରେ ଛିଡ଼ା ହେଲେ- "ଏଇ ଅଳ୍ପ ସମୟ ଆଗରୁ ଆପଣ ଏଠାକୁ ଆସିଥିଲେ। ପୁଣି ଏତେ ଜଲଦି ଆସିବାର କାରଣ ?" ହନୁମାନଙ୍କ ପ୍ରଶ୍ନରେ ମହୀରାବଣ ଉତ୍ତର ଦେଇଥିଲା- "ମୁଁ ପୁଣିଥରେ ଶ୍ରୀରାମ ଓ ଲକ୍ଷ୍ମଣଙ୍କ ସୁରକ୍ଷା ଯାଂଚ କରିବାକୁ ଚାଲିଆସିଲି।" ହନୁମାନ ମହୀରାବଣକୁ ଭିତରକୁ ଛାଡ଼ି ଦେଇଥିଲା।

କୌଶଳରେ ମହୀରାବଣ ଶିବିରରେ ପ୍ରବେଶ କରିଥିଲା ଓ ରାମ ଲକ୍ଷ୍ମଣଙ୍କ ମସ୍ତକରେ କିଛି ପଦାର୍ଥ ବୋଳି ତାଙ୍କୁ ଅଦୃଶ୍ୟ କରି ପାତାଳପୁରକୁ ଚୋରି କରି ନେଇଗଲା।

କିଛି ସମୟ ପରେ ଅସଲ ବିଭୀଷଣ ଆସି ହନୁମାନଙ୍କ ପାଖରେ ପହଂଚିଲା। ହନୁମାନ ଆଶ୍ଚର୍ଯ୍ୟ ହେଲେ ଓ କହିଲେ- ଏଇ ଅଳ୍ପ ସମୟ ଆଗରୁ ଆପଣ ଆସିଥିଲେ। ବିଭୀଷଣ ମହୀରାବଣର ମାୟା ବୁଝିଗଲେ ଓ ସଂଗେ ସଂଗେ ରାମ ଲକ୍ଷ୍ମଣ ଥିବା ଯାଗାକୁ ଗଲେ। ମାତ୍ର ରାମ ଲକ୍ଷ୍ମଣ ସେଠାରେ ନଥିଲେ।

ବିଭୀଷଣ, ସୁଗ୍ରୀବ, ହନୁମାନ ଓ ଅନ୍ୟମାନେ ଚିନ୍ତାରେ ପଡ଼ିଗଲେ। ଏକଥା ଜଣାପଡ଼ିଲା ଯେ ରାମ ଲକ୍ଷ୍ମଣଙ୍କୁ ମହୀରାବଣ ଏକ ସୁଡ଼ଙ୍ଗ କରି ପାତାଳପୁରୀକୁ ନେଇଯାଇଛି। ବୀର ହନୁମାନ ସଂଗେ ସଂଗେ ପାତାଳପୁରୀକୁ ଗଲେ ଓ ରାମ ଲକ୍ଷ୍ମଣଙ୍କୁ ଠାବ କଲେ।

ମା' କାଳିକାଙ୍କ ପାଖରେ ରାମ ଲକ୍ଷ୍ମଣଙ୍କୁ ବଳି ଦେବାକୁ ମହୀରାବଣ ଆଣିଲା ଓ ମା'ଙ୍କୁ ପ୍ରଣାମ କରିବାକୁ କହିଲା। ଶ୍ରୀରାମ କହିଲେ ଯେ ସେ ରାଜପୁତ୍ର। ପ୍ରଣାମ କରି ଜାଣିନାହାଁନ୍ତି। ସେ ମହୀରାବଣକୁ ଭୂମିଷ୍ଟ ପ୍ରଣାମ ହେବାର ବିଧି ଶିଖାଇବାକୁ କହିଲେ। ମହୀରାବଣ ନଇଁପଡ଼ି ପ୍ରଣାମ କଲା ବେଳେ ଲୁଚି କରିଥିବା  ହନୁମାନ ମହୀରାବଣର ବଧକଲେ ଓ ରାମ ଲକ୍ଷ୍ମଣଙ୍କୁ ମୁକ୍ତକରି ଲଙ୍କାକୁ ଆଣିଲେ। ମିନା ଅପା ରାମାୟଣ କଥା ଏଇଠି ରଖିଲେ।

(କ୍ରମଶଃ)

+ମୋ: ୯୯୮୦୩୦୦୭୫୧

---



ନଗେନ୍ଦ୍ର ନାଥ ପଟ୍ଟନାୟକ

## ଝୁନଝୁନ କକାର ଗୁପ୍ତଧନ



ଟାବୁ, ଲଲ୍ଲୀ ଆଉ ମିକି ମାଙ୍କଡ ପରସ୍ପର କଥାବାର୍ତା ହେଉଥାନ୍ତି -ପ୍ରିୟସାଙ୍ଗ, ଭାରି ଭୋକ ଲାଗିଲାଣି। କୁଆଡେ ମାଗାଣାରେ ପାର୍ଟି ମିଳିଗଲେ ମଜା ଆସନ୍ତା ....। ଠିକ୍ ସେତିକିବେଳେ ଚକୁ ଡେଇଁ ଡେଇଁକା ସେଠାରେ ଆସି ହାଜର। କହିଲା- ଆରେ ଏଥର ମଜା ଆସିଗଲା, ସେଇ ଯୋଉ ଝୁନଝୁନ କକା ନା, ତାଙ୍କର ଢେରଗୁଡେ ସୁନା ଗଛିତ ହୋଇ ରହିଛି। ତା କଥା ଶୁଣି ଉପସ୍ଥିତ ସଭିଙ୍କ ମନ ଉଚ୍ଛଳି ଉଠିଲା। ସମସ୍ତେ ଏକସ୍ୱରରେ କହିଉଠିଲେ -କଣ। ହଁ, ଝୁନଝୁନା କକା ଖୁଡୀ ସହିତ କଥାବାର୍ତା ହେବା ମୁଁ ନିଜେ କାନପାତି ଶୁଣିଚି। ଏବେ ପରା ତାଙ୍କ ଘରେ ବିପୁଳ ସୁନା ଗଛିତ ଅଛି। ଏଣିକି ଆଉ ଅଧିକ ଖଟଣି କରିବାକୁ ପଡିବନି। ସେଇଠୁ ଲଲ୍ଲୀ ମାଙ୍କଡ କହିପକାଇଲା -ଆରେ ଭାଇ, ଝୁନଝୁନ କକାଙ୍କ ଘର ପଛପଟେ ଖନନ କାମ ଖୁବ୍ ଜୋର୍‌ସୋରରେ ଆଗେଇ ଚାଲିଥିଲା, ସେଥିରୁ ବୋଧେ ବାହାରିଥିବ ସେ ପୋତା ସୁନାଧନ। ଏଇୟା କହି ସାରିଲା ପରେ ସମସ୍ତେ ମିଳିମିଶି ଝୁନଝୁନ କକାଙ୍କ ଘରଆଡେ ଧାଇଁଲେ। ଘନ ଜଙ୍ଗଲର ଦୁର୍ଦ୍ଦାନ୍ତ ଡାକୁ ସର୍ଦ୍ଦାର ଗୋରା ହାତୀ ଲୁଚିଛପି ସେମାନଙ୍କ ଭିତିରି କଥା ଶୁଣୁଛି ବୋଲି ସେହି ମାଙ୍କଡପଲଙ୍କୁ ଜଣା ନଥିଲା। ଗୋରା ତା ଶୁଣ୍ଢକୁ ହଲେଇ ହଲେଇ ମନେମନେ କହିଲା -ଏବେ ସବୁତକ ସୁନାର ମାଲିକ ମୁଁ .....ହା- ହା-ହା। ସେ ଚାରି ମାଙ୍କଡଯାକ ଝୁନଝୁନ କକାଙ୍କ ଉଆସରେ ପହଁଚିବା ଆଗରୁ ଟୁକମୁକ ଗଧିଆ ଓ ଲାଲି ଚଢେଇ ସେଠାରେ ପହଁଚି ଯାଇଥିଲେ। ପ୍ରକୃତରେ ଲାଲି ବି ଝୁନଝୁନ କକାଙ୍କ କଥା ଶୁଣି ନେଇଥିଲା। ଦୋସ୍ତ ଟୁକମୁକ୍ ବି ଡକା ଯାଇଥିଲା। ପାଟି ପାର୍ଟି କହି ଜିଦ୍ କରିଲାରୁ ସେ ବି ପହଂଚିଗଲା। ପଂଚତାରକା ହୋଟେଲରେ। ଝୁନଝୁନ କକା ବିଗିଡିଯାଇ କହିଲା -ମତେ ସୁନଫୁନା କଛି ବି ମିଳିନି, ପାର୍ଟି କାଇଁକି ଦେବି। ଆଉ କିଛି କହିବାକୁ ଯାଉଛି ସେ ପାଖଗାଁର ଦୋସ୍ତ୍ ଝରବୁ ଚିତାବାଘ ଝପଟି ଆସି ସେଠାରେ ହାଜର। ଧମକାଇବା ଭଳି ଗଳାରେ କହିଲା -କଣ ଭାଇ ଝୁନଝୁନ ପ୍ରଚୁର ସୁନା ପାଇ ଧନୀ ରାତାରାତି ହୋଇଯାଇଚ। ପଚାଶ ହଜାର ଟଙ୍କା କରଜ ମାଗୁଛି। ଯେତେବେଳେ ମୋ ପାଶେ ପଇସା ହୋଇଯିବ ଉଧାର ନେଇଥିବା ଟଙ୍କାତକ ଶୁଝିଦେବି। ଏବେ କଣ ତୁମ ପାଖରେ ପଇସା କମ୍ ଅଛି ଯେ। ଏକଥା ଶୁଣି ଝୁନଝୁନ କକା ରାଗିପାଚି ନିଆଁ। ଗରଗର ହୋଇ ଗୋଡ କଚାଡି ସେଠୁ ପଳାଇଲା। ଏବେ ସମସ୍ତେ ତା ସ୍ତ୍ରୀ ଝୁମରୀ ମାଙ୍କଡିକୁ ଘେରିଯାଇ ଖୋସାମତ କରିବାକୁ ଲାଗିଲେ। କହିଲେ, ଖୁଡୀ -ଖୁଡୀ, କକା ଖୁବ୍ ରାଗି ଯାଇଛନ୍ତି, ତୁମେ ତାକୁ ବୁଝାଅ। ପୁଣି କେହି ପାଂଚ ହଜାର ମାଗୁଥାଏ କିଏ ଦଶ ହଜାର। ଦୂରରୁ ଭାସି ଆସୁଥିବା ସୋରଶବ୍ଦ ଶୁଣି ସମସ୍ତେ ସେ ଆଡେ ଧାଇଁଯାଇ ଦେଖନ୍ତି ଗୋରା ହାତୀ ଝୁନଝୁନ କକାକୁ ଘୋଷାରି ଘୋଷାରି ନେଇଯାଉଛି। କହୁଛି -ଚାଲ୍, ଚୁପଚାପ ମୋ ଆଖଡା ଜାଗାକୁ, ଗୁପ୍ତଧନ ସୁନାରୁ ମତେ ଦଶ ଶତାଂଶ ଦେଲେ ଯାଇ ତତେ ଛାଡିଦେବି। ଆରେ ଭାଇ, ମତେ ତ ସୁନାଫୁନା କିଛି ମିଳନି, କିଛି ନ ଜାଣି ନ ଶୁଣି ମୋ ସହିତ ଏମିତି ଭୟଙ୍କର ଥଟ୍ଟାମଜା କାଇଁକି କରୁଛ .... ଝୁନଝୁନ କକା ବିଚରା ଭେଁ ଭେଁ କାନ୍ଦି ରଡି ଛାଡୁଥାଏ। ଠିକ୍ ସେତିକିବେଳେ ଜଙ୍ଗଲର ଥାନାବାବୁ ଡିମ୍ପୁ ବାଘ ଆସି ଧମକାଇଲା। ତାକୁ ଦେଖି ଗୋରା ହାତୀର ପିଲେହିପାଣି। ଜୀବନ ବିକଳେ ସେଠୁ ଦୌଡିବାକୁ ଲାଗିଲା। ହେଲେ ଜଙ୍ଗଲ ପୋଲିସମାନେ ତାକୁ କାବୁ କରିନେଲେ। ଡିମ୍ପୁ ବାଘ ଝୁନଝୁନ ଘରେ ସମସ୍ତଙ୍କ ଏକାଠି କରି ଝୁନଝୁନକୁ ପଚାରିଲା -କଣ ଭାଇ, ଏ ସୁନା ଚକ୍କରରେ କାଇଁକି ପଡିଥିଲ। ଝୁନଝୁନ ପୁଣି ଚିଡିଯାଇ କହିଲା -ଆରେ ମତେ ଜଣାଥିଲେ ତ କହିବି। ଟିକୁ କହିଲା -କକା, ତମେ ଦିନେ ଖୁଡୀକୁ କହୁଥିଲ ନା ଏବେ ଢେରଗୁଡେ ସୁନା ମହଜୁଦ ଅଛି, ଆଉ ଏଣିକି କାମକୁ ଯିବାକୁ ପଡିବନି। ଝୁନଝୁନ ମଥାପିଟି କହିଲା -ଆରେ ବୁଦ୍ଧୁ କୋଉଠିକାର, ମୁଁ ପରା ଚାକିରିରୁ ଅବସର ନେବାକୁ ଯାଉଛି। ସେଥିପାଇଁ ତୁମ ଖୁଡୀ କହୁଥିଲା ଏବେ ଢେର ସୁନା ଜମା ରହିଛି, ଭଣ୍ଡାର ଘରେ ସୁନା ମହଜୁଦ ଅଛି। ଏଣିକି ବହୁତ ଖଟଣି କରିବାକୁ ପଡିବନି। ଜମାପୁଂଜିରୁ ଖର୍ଚ୍ଚ ବାହାରି ଯିବ। ଏକଥା ଶୁଣି ସମସ୍ତେ ରାଗରେ ତମତମ ହୋଇ ଟିକୁ ମୁହଁକୁ କଟକଟ ଆଖିରେ ଅନେଇଲେ। ଆଖି ପିଛୁଡାକେ ଟିକୁ ସେଠୁ ଚମ୍ପଟ ମାରିଲା ପରେ କଥାଟିକୁ ବୁଝିଯିବାରୁ ସମସ୍ତେ ଠୋ ଠୋ ହୋଇ ହସି ଉଠିଲେ।

+ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ,ଓଡିଶା ସରକାର
ଓସ୍କାର ସିଟି, ଲକ୍ଷ୍ମୀସାଗର କେନାଲ ରୋଡ, ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮

---

## କବିତା
ତୁମ ପାଇଁ

### ଭଲ ପିଲା ଆମେରେ
ଶୁଭଦର୍ଶିନୀ ଦାଶ

ବସନ୍ତଋତୁ ପରେ ଗ୍ରୀଷ୍ମ ଆସଇ ମାଡି
ଖାଇବାକୁ ମିଳିବ,
ତରଭୁଜ, ଆମ୍ବ, ପଣସ, ବର କୋଳି
ହେଲେ,ଭଳିକି ଭଳି ଆଇସକ୍ରିମ ସାଙ୍ଗକୁ ଥଣ୍ଡା
ମନ ଆମ ଭାଳିବ ଭାରି ।
ଗୁରୁଜୀ କହନ୍ତି, ନୁହେଁ ଆମେ ବୋକା,
କମ୍ପ୍ୟୁଟର ଯୁଗର ପିଲା ଆମେରେ
ଭଲ ମନ୍ଦ କ'ଣ ଜାଣିଛୁ ଭଲରେ
ଲୋଭରେ ପଡି ଯିବୁନି ଭୁଲି
ଶରୀରକୁ ଯାହା ହିତ, ବସିବୁ ତା ସହ ମିତ।
ସ୍ୱାସ୍ଥ୍ୟ ଅଟେ ଆମ ବଡ଼ ସମ୍ପଦ
ସେଥିରେ କାହାରି ନାହିଁ ଯେ ଭାଗ
ବ୍ୟାୟାମ କରିବାକୁ ହେବ ନିୟମିତ
ଖାଇବୁ ଯାହା ଦେହକୁ ହିତ
ପରିଷ୍କାର ପରିଚ୍ଛନହୋଇ ରହିବୁ ସଦା
ଖାଇବା ଆଗରୁ ଧୋଇବୁ ହାତ ।
ଇନ୍ଦ୍ରିୟକୁ ଆମେ ରଖିବୁ ଯେବେ କରି ଆୟତ
ସ୍ୱଚ୍ଛ ପରିବେଶ ଆଉ ସୁଷମ ଖାଦ୍ୟ
କରିବୁ ଜୀବନ ମନ୍ତ୍ର,
ସୁସ୍ଥ ଓ ସ୍ଥିର ମନରେ ପଢିଲେ ପାଠ
ହୋଇବୁ ଭଲ ମଣିଷ।

+ଭୁବନେଶ୍ୱର
ମୋ:୮୨୦୮୩୧୧୦୦୦

### ମାଙ୍କଡ଼ ବାହା
ଧ୍ରୁବ ଚରଣ ଘିବେଲା

ପଶୁପକ୍ଷୀଙ୍କ ବିବାହ କଥା
ଶୁଣିଛ କିଏ ପିଲେ
ମାଙ୍କଡ଼ ବାହା କଥା ରହିଛି
ଆମ ଏ ଅଂଚଳରେ।
ଖରଦିନରେ ଜଙ୍ଗଲ ପୋଡ଼ି
ଅଭାବିତ ସେ ଦୃଶ୍ୟ
ନିଆଁ ମୁହଁରେ କେତେ ଯେ ଗଛ
ହୋଇଯାନ୍ତି ଅଦୃଶ୍ୟ।
ଗଛ ସହିତ ଜୀବଜନ୍ତୁ ବି
ନାଶ ଯାଆନ୍ତି ତହିଁ
ନିଆଁ ଲଗାଇ କ୍ଷେତ ପ୍ରସ୍ତୁତି
(ପୋଡୁ)ଚାଷ କରିବା ପାଇ।
ସଫେଇ କରି ପୋଡ଼ା ଅଞ୍ଚଳେ
ଚାଷ ଯେ କରାଯାଏ
ପୋଡ଼ି କି ଚାଷ କରୁଥିବାରୁ
ନାଁ ପୋଡୁଚାଷ ଥାଏ ।
ସଂଜ ବେଳକୁ ପିଲା ଅଝଟ
ଯଦିବା କେବେ ହୁଏ
ମାଆ ପିଲାକୁ ଦେଖାଇ କହେ
ମାଙ୍କଡ଼ ବାହା ହୁଏ ।
ବହୁ ଦୂରକୁ ଜଙ୍ଗଲ ପୋଡ଼ି
ଦୃଶ୍ୟ ଯେ ଦିଶିଥାଏ
ଲୋକମୁଖରେ ମାଙ୍କଡ଼ ବାହା
ଆଜି ବି ଶୁଣାଯାଏ ।
ମାଙ୍କଡ଼ କେବେ ସତସତିକା
କେଉଁଠି ହୁଏ ବାହା
କଥା କେବଳ ରହିଛି ବୋଲି
କୁହାଯାଏ ସେଇୟା ।

+ବଉଦରାଜ, ଜି. ବୌଦ୍ଧ
ମୋ.୯୪୩୭୪୭୮୪୬୬

### ହୋଇବା ଆମେ ତା' ପରି
ସୁଧାକର ରାଉତ

ରଙ୍ଗ ତୂଳୀ ଧରି ବସନ୍ତ ଆସି
ସରାଗେ ରଙ୍ଗକୁ ଦିଅଇ ଲେସି
ବୃକ୍ଷଲତା ସବୁଜିମାରେ ଭରି
ଜାତି ଜାତି ଫୁଲ ରଙ୍ଗୀନ କରି
ଡାକଇ କୋଇଲି ଆସ
ଆମ୍ବ ବଉଳ ବି ବାସ ଛୁଟାଉଛି
ତା ଡାଳରେ ଆସି ବସ ।
ବର୍ଷସାରା ସେ କାହିଁ ଲୁଚିଥାଏ
ବସନ୍ତ ଡାକରେ ସେ ଦେଖାଦିଏ
କଳା ରଙ୍ଗ ବୋଳା ଦେହଟି ତାର
ଗଛ ଡାଳେ ଲୁଚି ଛାଡଇ ସ୍ୱର
କୁହୁ କୁହୁ ତାର ଗାନେ
ଜନମନ ବିଭୋର ହୋଇ ଉଠିଣ
ପୁଲକ ଜାଗଇ ମନେ ।
ରଙ୍ଗ ସିନା ତାର ଅଟଇ କଳା
ବିଭୂ ଦତ୍ତ ତାର ସୁନ୍ଦର ଗଳା
ରଙ୍ଗ ତା ପାଶରେ ମାନିଛି ହାର
ଗୁଣଟି ତାହାକୁ କରିଛି ସାର
ତା ପରି ଆମେ ହୋଇବା
ନିଜର ପ୍ରତିଭା ଦୁନିଆ ଆଗରେ
ଦେଖାଇ ଯଶ ଲଭିବା ।
କଳା ଗୋରା ର ହୀନ ଭେଦଭାବ
ଯେ ଭାବେ ନାହିଁ ତା ମଣିଷ ଭାବ
ଗୁଣୀ ଯେ ସଂସାରେ ସୁନାମ ଲଭେ
ପ୍ରଶଂସା ବରଷା ପାଏ ସେ ଭବେ
ଏ କଥା କରି ସ୍ମରଣ
ମଣିଷ ପରି ମଣିଷ ଟେ ହେବାକୁ
ଏବେଠୁ କରିବା ପଣ ।

+ପ୍ରତାପ ନଗରୀ, କଟକ
ମୋ-୮୨୪୯୯୩୨୭୯୨

### ନାଆଁଟି ମୋ' ପାଣି
ଶରତ କୁମାର ଦାସ

ନାଆଁଟି ମୋ' ପାଣି ଭାରି ଦରକାରୀ
ମୋ' ବିନା ତ କିଛି ନାହିଁ,
ଏ ଜୀବଜଗତ ହସେ କିରିକିରି
କେବଳ ମୋହରି ପାଇଁ ।
ତିନିଭାଗ ଜାଗା ମୋ' ପାଇଁ ଟି ଥାଏ
ମହୀମଣ୍ଡଳେ ମୋ' ବାସ ,
ମୋ' ବହୁଳେ ଅବା ମୋ' ବିହୁନେ ପୁଣି
ସୃଷ୍ଟି ହୁଏ ସିନା ନାଶ ।
ତରଳ, କଠିନ, ଗ୍ୟାସୀୟ ଏପରି
ତିନିଟି ବେଶରେ ଥାଏ,
ଉପରୁ ତଳକୁ ଗଡିଗଡି ମୁହିଁ
ଯେଣେ ଇଚ୍ଛା ତେଣେ ଧାଏଁ ।
ତରଳ ରୂପରେ ଭୂଇଁ ତଳେ ଅବା
ହ୍ରଦ-ନଈ-ନାଳେ ରହେ,
ଝରଣା, ସାଗର ଗରଭେ ରହି ମୁଁ
କୁଳୁକୁଳୁ ସୁରେ ବହେ ।
ବରଫ ପରା ମୋ' କଠିନ ରୂପଟି
ଛୁଇଁଲେ ଶୀତଳ ଲାଗେ,
ସୂରୁଯ କିରଣ ମୋ' ଦେହେ ବାଜିଲେ
ଝରିଝରି ଯାଏ ବାଗେ ।
ବାଷ୍ପ ହୋଇ ମୁଁ ଯେ' ବଉଦ ରୂପରେ
ସରଗ ରାଇଜେ ଭାସେ,
ଶୀତଳ ହେଲେ ମୁଁ ଟୁପୁରୁଟୁପୁରୁ
ବରଷା ଆକାରେ ଆସେ ।
ମୋ' ପରଶେ ମାଟି ମହମହ ବାସେ
ଧରଣୀ ସବୁଜ ହୁଏ,
ଗଛଲତା ଦିଶେ କେତେ ଯେ ସୁନ୍ଦର
ମନ ପରାଣକୁ ଛୁଏଁ ।
ରଙ୍ଗହୀନ ମୁହିଁ ପୁଣି ବାସହୀନ
ସେବାରେ ଖାଲି ମୋ ମତି,
ଫୁଟେଇକି ମୋତେ ଅବା ଛାଣି ପିଇଲେଟି
ରୋଗ ମାଡିବନି କତି ।
ମୋ' ପରିକା ଉପକାରୀ ସାଥିଟିଏ
ପାଇବନି ତମେ କେବେ,
ସରାଗରେ ମୋତେ ସାଇତିଲେ ଆଗେ
ଆରାମେ ରହିବ ତେବେ ।
ଅକାରଣେ ମୋତେ ସାରିବନି ଜମା
ଯତନ ମୋହର ନେବ,
ମୁଁ ଅଟେ ଜୀବନ-ଏ ମିଠା ବାରତା
ସଭିଙ୍କୁ ଜଣେଇ ଦେବ ।

+ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧

### ଆମେ ଲଗେଇବୁ ଗଛ
ସୁନୀଲ କୁମାର ପ୍ରଧାନ



କୁନା ଟୁନା ଦୁହେଁ କରିଲେ ବିଚାର
ଲଗାଇବା ଆମେ ଗଛ
ସବୁଜ ସୁନ୍ଦର ଲାଗିବ ଧରାରେ
ଏବେଠୁ କରିବୁ ସଜ ।
ଗାଆଁ ରାସ୍ତା କଡ଼େ ଲଗାଇବା ଚାରା
ନେବାରେ ତାର ଦାୟିତ୍ୱ
ବିଦ୍ୟାଳୟେ ଫୁଲ ଗଛ ଲଗାଇବା
ବଢାଇ ଆମ ଦାୟିତ୍ୱ ।
ଖାଲି ପଡ଼ିଆରେ ମଞ୍ଜି ପୋତି ଦେବା
ଜଳକୁ ଦେବା ଛିଞ୍ଚିଣ
ସମୟ ଆସିଲେ ଆସ୍ତେ ଆସ୍ତେ ଗଛ
ଯିବରେ ଏହା ବଢ଼ିଣ ।
ଗଛଟେ ରହିଲେ ପକ୍ଷୀ ବାସ କରେ
ଗଛର ଶୀର୍ଷ ଭାଗରେ
ସଠିକ୍ ସମୟେ ବରଷା ହୋଇବ
ଥାଅ ଏ କଥା ଜାଣିରେ ।
କୁନା ଟୁନାଙ୍କର ଏ ସବୁ କାର୍ଯ୍ୟକୁ
ଦେଖିଲେରେ ଗୁରୁଜନ
କହିଲେ ଅଟଇ ମହତ୍ତ୍ୱ ବିଚାର
ଖୁସି ହେବେ ଭଗବାନ ।

+ଝାଟିପଦର ,ପାଲୁର, ଗଞ୍ଜାମ
ମୋ - ୭୬୦୯୯୩୪୩୬୬

## ଟ୍ରେନ ରହଣି ଦାବିରେ ରେଲରୋକ ଓ ବେଲବାହାଡ଼ ବନ୍ଦ ପାଳନ

ଝାରସୁଗୁଡ଼ା, ୨୪/୦୩ (ନି.ପ୍ର): ୨୦୧୯ କୋଭିଡ୍ ପୂର୍ବରୁ ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ଷ୍ଟେସନରେ ରହଣି କରୁଥିବା ସମସ୍ତ ପାସେଞ୍ଜର ଓ ଦୃତଗାମୀ ଟ୍ରେନର ପୁନଃ ରହଣି ଦାବିରେ ଆଜି ବେଲପାହାଡ଼ ଷ୍ଟେସନରେ ବେଲପାହାଡ଼ - ଲଖନପୁର ରେଳ ୟୁଜର୍ସ ଫୋରମ୍ ପକ୍ଷରୁ ରେଲରୋକ ଆନ୍ଦୋଳନ କରାଯାଇଛି । ଏଥିସହ ଷ୍ଟେସନ ବାହାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ସକାଳ ୭ଟାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବିଳାଶପୁର ରେଳ ଡିଭିଜନର ହାଓଡ଼ା-ମୁମ୍ବାଇ ରେଳପଥରେ ରେଲରୋକ ଆରମ୍ଭ ହୋଇଛି । ଫଳରେ ସମ୍ପୃକ୍ତ ରୁଟ୍ ରେ ରେଳ ଚଳାଚଳ ବ୍ୟାହତ ହୋଇଛି । ଅଟକି ରହିଛି ଯାତ୍ରୀବାହୀ ଓ ମାଲବାହୀ ଟ୍ରେନ୍ । ଏଥିସହ ସମ୍ପୂର୍ଣ୍ଣ ବେଲପାହାଡ଼ ବନ୍ଦ ପାଳନ କରିଛି ଫୋରମ୍ । ରେଲରୋକ ସମୟରେ ଉତେଜନା ସୃଷ୍ଟି ହେବା ଆଶଙ୍କାରେ ବେଲପାହାଡ଼ ରେଳ ଷ୍ଟେସନରେ ୧୪୪ ଧାରା ଜାରି କରାଯାଇଛି । ଗତକାଲି ସନ୍ଧ୍ୟାଠାରୁ ଝାରସୁଗୁଡ଼ା ଜିଆରପି ପକ୍ଷରୁ ୧୪୪ ଧାରା ଲାଗୁ ହୋଇଥିବା ସୂଚନା ମିଳିଛି ।

କୋଭିଡ୍ ପୂର୍ବରୁ ବେଲପାହାଡ଼ ଷ୍ଟେସନରେ ୭ଟି ଟ୍ରେନ୍ ଅଟକୁଥିଲା । ତେବେ କୋଭିଡ୍ ସମୟରେ ଏହାକୁ ବାତିଲ୍ କରାଯାଇଥିଲା । ଏବେ କୋଭିଡ୍ ପରେ ସେଗୁଡ଼ିକର ପୁନଃ ରହଣି କାର୍ଯ୍ୟକାରୀ କରାଯାଉ ନାହିଁ । ଫଳରେ ରାଜ୍ୟ ତଥା ରାଜ୍ୟ ବାହାରର ବିଭିନ୍ନ ସ୍ଥାନକୁ ଟ୍ରେନରେ ଯାତାୟାତ ପାଇଁ ବେଲପାହାଡ଼ ଓ ଲଖନପୁର ଏବଂ ଏହାର ଆଖପାଖ ଅଂଚଳବାସୀ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେହିପରି ଆଉ ୨ଟି ଏକ୍ସପ୍ରେସ ଟ୍ରେନ୍ ରହଣି ପାଇଁ ମଧ ଦାବି ହେଉଛି । ଏଥିନିମନ୍ତେ ଏହି ଆନ୍ଦୋଳନର ଡାକରା ଦିଅଯାଇଥିବା ଫୋରମ କର୍ମକର୍ତା ସୂଚନା ଦେଇଛନ୍ତି । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସେଠାରେ ବ୍ୟାପକ ପୁଲିସ୍ ଫୋର୍ସ ମୁତୟନ କରାଯାଇଛି ।

## ମହାସିଂରେ ଗଞ୍ଜେଇ ଚାଷ ଓ ଚାଲାଣ ରୋକିବା ନେଇ ସଚେତନତା କାର୍ଯ୍ୟକ୍ରମ

କନ୍ଧମାଳ, ୨୪/୦୩ (ନି.ପ୍ର): କନ୍ଧମାଳ ଜିଲାରେ ଦିନକୁଦିନ ବେଆଇନ ଗଞ୍ଜେଇ ଚାଷ ଓ ଚୋରାଚାଲାଣ ବଢିଚାଲିଥିବାରୁ ଏହାକୁ ରୋକିବା ପାଇଁ ଜିଲ୍ଲା ଅବକାରୀ ବିଭାଗ ସହଯୋଗରେ ଅଗ୍ରଣୀ କଳା ଓ ସଂସ୍କୃତି ଅନୁଷ୍ଠାନ ବନାନୀ କଳାସଙ୍ଗମ ପକ୍ଷରୁ କ.ନୂଆଗାଁ ବ୍ଲକ ଅନ୍ତର୍ଗତ ମହାସିଙ୍ଗ ପଂଚାୟତ କାର୍ଯ୍ୟାଳୟ ପରିସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠାନର ସଂଯୋଜକ ତଥା ପ୍ରେସ କ୍ଲବ ସଭାପତି ସୁନୀଲ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ସରପଂଚ ରଞ୍ଜିତ ମଲିକ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବାବେଳେ ସ୍ଥାନୀୟ ନାଏବ ସରପଂଚ, ସାରଥୀ ବେହେରାଦଳେଇ, ଆଇନଜୀବୀ ସମାଜସେବୀ ତଥା କାର୍ଯ୍ୟକାରୀ ସଭାପତି ପ୍ରେସ କ୍ଲବ ଅଶୋକ ପରିଡା, ଅବକାରୀ ବିଭାଗ ଇନିସପେକ୍ଟର ପୂର୍ଣ୍ଣଚନ୍ଦ୍ର ବେହେରା, ସବ ଇନିସପେକ୍ଟର ସୁମିତ୍ରା ଦଳେଇ, ପଂଚାୟତ ନିର୍ବହୀ ଅଧିକାରୀ କେଶବ କାମ୍ପ, ବାଲିଗୁଡା ଥାନା ସବ ଇନିସପେକ୍ଟର ପ୍ରମୋଦ ଜେନା, ମନୋଜ ବେହେରା, କୁଡୁଟୁଳି ସରପଂଚ ଶ୍ରୀଚନ୍ଦ୍ର ମଲିକ, ଶିବରାମ ନାୟକ ପ୍ରମୁଖ ଯୋଗଦେଇ ଆଜିର ଯୁବ ସମାଜ ପଥଭ୍ରଷ୍ଟ ହୋଇ ରାତାରାତି ଧନୀ ହେବାର ସୁନେଲି ସ୍ୱପ୍ନ ଦେଖି ଦଲାଲ ମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ବେଆଇନ ଗଞ୍ଜେଇ କାରବାର କରି ଶେଷରେ ଧରା ପଡୁଛନ୍ତି, ଆଉ ପରିବାର ଲୋକେ କୋର୍ଟ କଚେରୀ ଦଉଡି ନିଜର ଥିବା ଜମିବାଡ଼ି ବିକି ସର୍ବସ୍ୱାନ୍ତ ହେଉଛନ୍ତି ଯାହାକି ଦୁଃଖ ଦାୟକ ବୋଲି କହିବାସହ ଏଥିରୁ ନିବୃତ ହୋଇ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାରେ ସାମିଲହେବା ଲାଗି ପରାମର୍ଶ ଦେଇଥିଲେ । ଏହାପରେ ବରିଷ୍ଠ ଆଇନଜୀବୀ ତଥା ନାଟ୍ୟକାର ବିଜୟ ପଟନାୟକଙ୍କ ଦ୍ୱାରା ଲିଖିତ ଓ ନିର୍ଦ୍ଦେଶିତ ସଚେତନତାଧର୍ମୀ ପଥପ୍ରାନ୍ତ ନାଟକ' ନୀଳ ଜହର' ପ୍ରଦର୍ଶିତ ହୋଇଥିଲା । ସାମ୍ବାଦିକ ତଥା କଳାକାର ସଂଘ ଉପସଭାପତି ପ୍ରମୋଦ ଦଣ୍ଡସେନାଙ୍କ ନେତୃତ୍ୱରେ ନିଳ ଜହର ପ୍ରଦର୍ଶିତ ହୋଇଥିଲା ।

ପଂଚାୟତର ଲୋକ ପ୍ରତିନିଧିଙ୍କ ସମେତ ଏସଏଚଜି ମହିଳା, ସ୍ୱେଚ୍ଛାସେବୀ, ସ୍ଥାନୀୟ ଜନସାଧାରଣ ବହୁସଂଖ୍ୟାରେ ଏଥିରେ ଯୋଗ ଦେଇଥିଲେ ।

## ଷ୍ଟିଭିଆ ଚାଷ ସଂପର୍କରେ କର୍ମଶାଳା

କେନ୍ଦ୍ରାପଡ଼ା, ୨୪/୦୩ (ନି.ପ୍ର): ଜିଲ୍ଲା କୃଷି ବିଭାଗ ଆତ୍ମା ତରଫରୁ ଷ୍ଟିଭିଆ ଚାଷ ସଂପର୍କରେ ଏକ କର୍ମଶାଳାର ଆୟୋଜନ ହୋଇ ଯାଇଛି । ଆତ୍ମା ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କର୍ମଶାଳାରେ ଆତ୍ମାର ଅଧକ୍ଷ ଅଶୋକ କୁମାର ବରାଳ ଅଧକ୍ଷତା କରିଥିବା ବେଳେ ଜିଲ୍ଲା କୃଷି ଅଧିକାରୀ ତୁଷାରକାନ୍ତି ସାମଲ, ବ୍ଲକ କୃଷି ଅଧିକାରୀ ମନୋରଞ୍ଜନ ରାଉଳ ପ୍ରମୁଖ ଯୋଗ ଦେଇ ଷ୍ଟିଭିଆର ଉପକାରିତା ସଂପର୍କରେ ଉପସ୍ଥିତ ଥିବା ଶତାଧିକ ଚାଷୀ ଭାଇ ଓ ଭଉଣୀମାନଙ୍କୁ ବୁଝାଇବା ସହିତ ସେମାନଙ୍କୁ ଚାରା ବଣ୍ଟନ କରିଥିଲେ । ଆୟୋଜିତ ଏହି କର୍ମଶାଳାରେ କୃଷି ବିଭାଗର ବିଭୁକଲ୍ୟାଣ ସ୍ୱାଇଁ, ଅଶୋକ କୁମାର ମଲିକ, ଗୀତାଞ୍ଜଳି ଦାସ, ଗ୍ରାମ୍ୟ କୃଷି କର୍ମଚାରୀ ତାପସ ସାମଲ, ଶିଶିର ସ୍ୱାଇଁ, ଶିକ୍ଷାରାଣି ଜୟସିଂହ ପ୍ରମୁଖ ସହ ଯୋଗ କରିଥିବା ବେଳେ ଜାନକୀ ନାୟକ, ମୋନାଲିସା ସାହୁ, ଲକ୍ଷ୍ମୀପ୍ରିୟା ସେଠୀ, ସ୍ୱାଧିନ ଦାସ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## କାଗଜ କଳ ଅବସରପ୍ରାପ୍ତ ଶ୍ରମିକ ମାନଙ୍କ ଆନ୍ଦୋଳନ ଚେତାବନୀ

ଜୟପୁର, ୨୪/୦୩ (ନି.ପ୍ର): କାଗଜ କଳ ଶ୍ରମିକ ସଂଘ ସଭାପତି ଏବଂ ଅବସରପ୍ରାପ୍ତ ଶ୍ରମିକ ଆବାହକ ପ୍ରମୋଦ କୁମାର ମହାନ୍ତି କାଗଜ କଳ ୟୁନିଟ୍ ହେଡ୍ ଓ ଏଚ୍ ଆର୍ ହେଡ୍ ଙ୍କୁ ଲେଖି ଜଣେଇଛନ୍ତି ଯେ, ସମସ୍ତ ଜୀବିତ ଅବସରପ୍ରାପ୍ତ ଶ୍ରମିକ ମାନଙ୍କୁ ଗ୍ରାଚ୍ୟୁଇଟି ଓ ବକେୟା ପାଉଣା ତୁରନ୍ତ ପ୍ରଦାନ କର ନଚେତ୍ କାରଖାନା ଗେଟ୍ ବାହାରେ ହେଉ କି ବାସଭବନ ଆଗରେ ପୁଣି ଧାରଣା, ଆନ୍ଦୋଳନ ଆରମ୍ଭ ହେବ ।

ପ୍ରକାଶ ଥାଉକି, ୧୩ ମାର୍ଚ୍ଚ ରାସ୍ତା ଅବରୋଧ ଆନ୍ଦୋଳନରେ ଅବସରପ୍ରାପ୍ତ ଶ୍ରମିକ ଓ ମୃତ ଶ୍ରମିକଙ୍କ ବିଧବା ପତ୍ନୀ ମାନଙ୍କ ସେଥିରେ ଯୋଗଦାନ ପରେ ଶ୍ରମ ବିଭାଗ ଚାପରେ ମ୍ୟାନେଜମେଂଟ ୩୦ ଜଣ ମୃତ ଶ୍ରମିକଙ୍କ ପରିବାରକୁ ୮୧ ଲକ୍ଷ ଗ୍ରାଚ୍ୟୁଇଟି ଦେବାପାଇଁ ଲିଖିତ ଭାବେ ଦେଇଛି । ଶ୍ରମ ବିଭାଗର ଉଦ୍ୟମକୁ ପ୍ରଶଂସା କରିବା ସହ ମ୍ୟାନେଜମେଂଟକୁ ପ୍ରଶ୍ନ କରିଛନ୍ତି ଯେ, ଅବସରପ୍ରାପ୍ତ ଶ୍ରମିକ ମାନେ ମୃତ୍ୟୁ ବରଣ କରିବା ପରେ ଗ୍ରାଚ୍ୟୁଇଟି ଦେବକି ? ମ୍ୟାନେଜମେଂଟ ସବୁ ବେଳେ ଆର୍ଥିକ ଦୁର୍ଗତି କଥା କହି ଆସୁଛି, କିନ୍ତୁ ବାସ୍ତବ କଥା ହେଉଛି ୧୫୦ କୋଟି ଟଙ୍କା ଋଣ ନେଇ ସେଥିରୁ ଗୌତମ ଥାପରଙ୍କୁ ୧୦୦ କୋଟି ଦେଇ ଦେବା ପରେ କାରଖାନାକୁ ଚଳେଇବା ପାଇଁ ଆବଶ୍ୟକ କଂଚାମାଲ୍ କିଣି ଆଣି ପାରୁନାହିଁ । ଅନ୍ୟ ଦିଗରେ ଆର୍ଥିକ ଦୁର୍ଗତି ବେଳେ ମ୍ୟାନେଜମେଂଟ ଅଧିକାରୀ ମାନେ ଶତକଡା ଦଶ ଭାଗ ଦରମାରେ ବୃଦ୍ଧି ପାଉଛନ୍ତି । କେବଳ ଶ୍ରମିକ ମାନଙ୍କୁ ଶୋଷଣ କରି ଚାଲିଛି ।

ଶ୍ରୀ ମହାନ୍ତି କହିଛନ୍ତି ଯେ, ପି ଏଫ୍ ଟଙ୍କା ଡିପୋଜିଟ୍ ୨୦୨୦ ଜୁଲାଇ ପରେ କମ୍ ଦରମାରୁ ହେଉଥିବାରୁ ତାପରେ ଅବସର ନେଉଥିବା ଶ୍ରମିକ ମାନେ ବହୁତ କମ୍ ପେନସନ୍ ପାଇବେ ଏବଂ ମୃତ ଶ୍ରମିକ ମାନଙ୍କ ପରିବାର ବର୍ଗଙ୍କୁ ଇଡିଏଲଆଇ ସ୍କିମ୍ ରୁ ମିଳିବାକୁ ଥିବା ଲକ୍ଷ ଲକ୍ଷ ଟଙ୍କା ସେମାନଙ୍କ ପରିବାର ଲୋକେ ହରେଇବେ । ଏଣୁ ଯଥାଶୀଘ୍ର କାର୍ଯ୍ୟରତ ଶ୍ରମିକ ମାନଙ୍କୁ ପୁରା ଦରମା ଦେବା ସହ ପିଏଫ୍ ଜମାରାଶି ପୈଠ କରନ୍ତୁ । ଏ ସମ୍ବନ୍ଧରେ ଏକ ଚିଠି ୟୁନିଅନ ପକ୍ଷରୁ ଦେଇ ସମସ୍ୟା ସମାଧାନ ପାଇଁ ଶ୍ରୀ ପ୍ରମୋଦ କୁମାର ମହାନ୍ତି ଦାବି କରିଛନ୍ତି ।

## ଦିଲ୍ଲୀ ଅଭିଯାନ ପାଇଁ ଅଭିଯାତ୍ରୀ ଦଳଙ୍କୁ ପାଣିକୋଇଲିରେ ସ୍ୱାଗତ ଓ ପଥପ୍ରାନ୍ତ ସଭା

କୋରେଇ, ୨୪/୦୩ (ନି.ପ୍ର): ଆସନ୍ତା ଏପ୍ରିଲ ୫ ତାରିଖ ୧୫ ତାରିଖ ଦଫା ଦାବିରେ ସିଆଇଟିୟୁ, ଓଡିଶା କୃଷକ ସଭା, ଓଡିଶା କ୍ଷେତମଜଦୁର ୟୁନିଅନ ପକ୍ଷରୁ ଐତିହାସିକ ଦିଲ୍ଲୀ ଅଭିଯାନକୁ ସଫଳ କରିବା ନେଇ ଏକ ଅଭିଯାତ୍ରୀ ଦଳ ଓଡିଶା ଭ୍ରମଣ କରୁଥିବା ବେଳେ ପଥପ୍ରାନ୍ତ ସଭା ଜରିଆରେ ସଚେତନତା କାର୍ଯ୍ୟକ୍ରମ ଚାଲୁ ରଖିଛନ୍ତି । ଏହି ଅଭିଯାତ୍ରୀ ଦଳଙ୍କୁ ଆଜି ପାଣିକୋଇଲିରେ ସିଆଇଟିୟୁ, ଓଡିଶା କୃଷକ ସଭା ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବା ସହ ପାଣିକୋଇଲିରେ ପଥପ୍ରାନ୍ତ ସଭା କରାଯାଇଥିଲା । ମାସିକ ସର୍ବନିମ୍ନ ମଜୁରୀ ୨୬ ହଜାର ସଙ୍କା ଓ ୧୦ ହଜାର ପେନସନ, ଠିକା କାମ ବନ୍ଦ, ଅଗ୍ନିପଥ ଯୋଜନା ବାତିଲ, କୃଷିଜାତ ପଦାର୍ଥ ସଂଗ୍ରହ ବେଳେ ସର୍ବନିମ୍ନ ସହାୟକ ମୂଲ୍ୟ, ଗରିବ ମଧ୍ୟବିତ ଚାଷୀ ଓ କୃଷି ଶ୍ରମିକଙ୍କ ଋଣ ଛାଡ, ୬୦ ବର୍ଷରୁ ଉର୍ଦ୍ଧ ଚାଷୀଙ୍କୁ ପେନସନ, ଚାରିଟି ଲେବର କୋଡ ଓ ବିଦ୍ୟୁତ ସଂଶୋଧନ ବିଲ ବାତିଲ, ସମସ୍ତଙ୍କ ଚାକିରୀ ସୁନିର୍ଶ୍ଚିନ୍ତ, ମନେରେଗା କାମ ବୃଦ୍ଧି, ବକେୟା ମଜୁରୀ ପ୍ରଦାନ ସରକାରୀ ପଦବୀ ପୂରଣ, ସରକାରୀ ସଂସ୍ଥାକୁ ଘରୋଇ କରଣ ବନ୍ଦ, ଦରଦାମ ବୃଦ୍ଧି ବନ୍ଦ, ଅତ୍ୟାବଶକ ସାମଗ୍ରୀ ଉପରୁ ଜିଏସଟି ଛାଡ, ପୋଟ୍ରୋଲ, ଡିଜେଲ, କିରୋସିନ ଓ ରନ୍ଧନ ଗ୍ୟାସ ଉପରୁ ଏକସାଇଜ ଶୁଳ୍କ କମାଇବା, ୧୪ଟି ନିତ୍ୟବ୍ୟବହାର୍ଯ୍ୟ ଜିନିଷକୁ ସରକାରୀ ଗଣ ବଂଟନ ବ୍ୟବସ୍ଥା, ଆୟକର ଦେଉନଥିବା ପରିବାରକୁ ଖାଦ୍ୟ ଓ ଆର୍ଥିକ ସହାୟତା, ଜଙ୍ଗଲ ଅଧିକାର ଆଇନକୁ କଡାକଡି କରିବା, ନିମ୍ନ ବର୍ଗର ଜନସାଧାରଣଙ୍କ ଉପରେ ଦମନଲୀଳା ବନ୍ଦ, ସର୍ବାଜନୀନ ସ୍ୱାସ୍ଥ୍ୟ ଓ ଶିକ୍ଷା ବ୍ୟବସ୍ଥା, ସମସ୍ତଙ୍କୁ ବାସଗୃହ ସୁନିର୍ଶ୍ଚିନ୍ତ, ବୃହତ ପୁଂଜିପତି ଉପରେ ଶୁଳ୍କ ଲାଗୁ, ସାମ୍ପ୍ରଦାୟୀକ ଦଙ୍ଗା ବନ୍ଦ ଆଦି ଦାବିରେ ଦିଲ୍ଲୀ ଚାଲୋ ଡାକରା ଦିଆଯାଇଛି । ଅଭିଯାତ୍ରୀ ଦଳରେ ଉଲ୍ଲାସ ସ୍ୱାଇଁ, ପ୍ରଫୁଲ୍ଲ ନାୟକ, ପ୍ରବୀଣ ଦାସ, ମାନସ ପାଟଯୋଷୀ ପ୍ରମୁଖ ଯୋଗଦେଇଥିବା ବେଳେ ପାଣିକୋଇଲିରେ ଡା. ନିର୍ମଳ ରଥ, ସୁରେଶ ସାହୁ, ପ୍ରତ୍ୟୁଷ ସାହୁ, ବହ୍ମାନନ୍ଦ ବାରିକ, ଅଭୟ ଓଝା, ମାଧବ କୁଣ୍ଟୁ, ସୁବ୍ରତ ଜେନା, ପ୍ରମୋଦ ସାହୁ, ହରିହର ଦାସ, ଗୋଲଖ ମଲିକ, ରତ୍ନାକର ମଲିକ, ହରେକୃଷ୍ଣ ପାଢୀ ପ୍ରମୁଖ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ।

## ଜିଲ୍ଲାସ୍ତରୀୟ ଆଶା, ଗାଁ କଲ୍ୟାଣ ଓ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ ଅନୁଷ୍ଠିତ

ମାଲକାନଗିରି, ୨୪/୦୩ (ନି.ପ୍ର): ମାଲକାନଗିରି ସଦର ମହକୁମା ସଂସ୍କୃତି ଭବନ ଠାରେ ଜିଲ୍ଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି ଓ ମହିଳା ଆରୋଗ୍ୟ ସମିତିର ଜିଲ୍ଲା ସ୍ତରୀୟ ସମ୍ମିଳନୀ ଆଜି ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରତ୍ନାକର ସାହୁ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ନାଏକ ଉପସ୍ଥିତ ଥିଲେ । ଶ୍ରୀ ସାହୁ ଆଶା, ଗାଁ କଲ୍ୟାଣ ସମିତି ଓ ମହିଳା ଆରୋଗ୍ୟ ସମିତିର ମାଆ ମାନଙ୍କୁ ଉଦବୋଧନ ଦେଇ କହିଥିଲେ ଯେ ତୃଣମୂଳ ସ୍ତରରେ ସ୍ୱାସ୍ଥ୍ୟ ସେବା ଯୋଗାଇବାରେ ସେମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି ଯାହାକି ପ୍ରଶଂସନୀୟ । ଏହି କର୍ମୀ ମାନଙ୍କ ନିଷ୍ଠାପର ସେବା ଯୋଗୁଁ ତୃଣମୂଳ ସ୍ତରରେ ସ୍ୱାସ୍ଥ୍ୟ ସେବା ଆଜି ସୁଦୃଢ ହୋଇପାରିଛି ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାଏକ ମତ ପ୍ରକାଶ କରିଥିଲେ । ସେ ଆହୁରି ମଧ କହିଥିଲେ ଯେ କୋଭିଡ ପରିସ୍ଥିତିରେ ତୃଣମୂଳ ସ୍ତରରେ ଏହି ସ୍ୱାସ୍ଥ୍ୟ କର୍ମୀମାନେ ଯେଉଁଭଳି ଭାବେ ଅନବରତ ସେବା ପ୍ରଦାନ କରିଛନ୍ତି ତାହା ସମସ୍ତଙ୍କ ପାଇଁ ଅନୁକରଣୀୟ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରଫୁଲ୍ଲ କୁମାର ନନ୍ଦ ସ୍ୱାଗତ ଭାଷଣ ପ୍ରଦାନ କରି ଏହି ସମ୍ମିଳନୀ ବିଷୟରେ ଆଲୋକପାତ କରିଥିଲେ । ମଶା ବାହିତ ରୋଗ ପରାମର୍ଶଦାତା, ଅଜିତ କୁମାର ଦଳେଇ ସଭା ପରିଚାଳନା କରିଥିବା ବେଳେ ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ସମ୍ପର୍କ ଅଧିକାରୀ, ସତ୍ୟ ନାରାୟଣ ଦେଓ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟତମ ଅତିଥି ଭାବେ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ, ଡାକ୍ତର ସନ୍ଧ୍ୟାରାଣୀ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲା ମଶା ବାହିତ ରୋଗ ଅଧିକାରୀ, ଡାକ୍ତର ଧନେଶ୍ୱର ମହାପାତ୍ର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଅନୁରାଧା ମହାନ୍ତି, ଜାତୀୟ ସ୍ୱାସ୍ଥ୍ୟ ମିଶନ, ପ୍ରକଳ୍ପ ପରିଚାଳକ, ସସ୍ମିତା ସାହୁ ମଂଚାସୀନ ଥିଲେ । ଏହି କାର୍ଯ୍ୟକ୍ରମକୁ ଆୟୋଜନ କରିବାରେ ଗୋଷ୍ଠୀ ପ୍ରକ୍ରିୟାକରଣ ପରିଚାଳକ, ଓମ୍ ପ୍ରକାଶ ସା ଏବଂ ଅତିରିକ୍ତ ଜିଲ୍ଲା ମାତୃ ଓ ଶିଶୁ ପରିଚାଳକ ସଚିନ କୁମାର ଗୌଡ ସହାୟତା କରିଥିଲେ ।

## ଡକାୟତି ମାମଲାରେ ଫେରାର ଅଭିଯୁକ୍ତ ଗିରଫ

ଜୟପୁର, ୨୪/୦୩ (ନି.ପ୍ର): ଡକାୟତି ମାମଲା ରେ ଫେରାର ଅଭିଯୁକ୍ତ କୁ ଗିରଫ କରିଛି ଜୟପୁର ସଦର ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଲା ବାରିଣିପୁଟର ରୋହିତ ମେନନ (୨୫) । ଏହି ମାମଲାରେ ଗତ ୨୧ ତାରିଖରେ ଗଡପଦର ଅଂଚଳର କୃଷ୍ଣ ଟାକରି (୨୨) କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ପୋଲିସ ସୁଚନା ଅନୁଯାଇ ଜୟପୁର ସଦର ଥାନାରେ ଏକ ଅପରାଧିକ ମାମଲା ରହିଥିଲା । ସେହି ଦିନ ଠାରୁ ଅଭିଯୁକ୍ତ ଫେରାର ଥିଲା । ଏହି ଡକାୟତି ମାମଲାରେ ଗତ ୨୨.୧.୨୩ ତାରିଖରେ ଦୁଇ ଅଭିଯୁକ୍ତ ଗଡପଦର ଅଜୟ ହରିଜନ ଓ ଡମ୍ବୁର ବେନିଆ କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ପୋଲିସ ସୁଚନା ଅନୁଯାଇ ଗତ ୧୪.୧୦.୨୨ ରେ ଜଣେ ମଧ ପ୍ରଦେଶର ବୁଲା ବେପାରି ଜୟ ପାଲ ବଞ୍ଜାରା ମାଲକାନଗିରି ଜିଲା ଗୋବିନ୍ଦପାଲ୍ଲି ରୁ ବାଇକ ଯୋଗେ ଜୟପୁର ଆସୁଥିବା ସୁଚନା ପାଇ ଏକ ୭ ଜଣିଆ ଡକାୟତି ଟିମ ପାତ୍ରପୁଟ ନିକଟରେ ଛପିଥିଲେ । ଉକ୍ତ ବେପାରି କୁ କାବୁ କରି ଜଙ୍ଗଲକୁ ନେଇଥିଲେ । ତାଙ୍କୁ ଧମକ ଚମକ ଦେଇ ପ୍ରଥମେ ତାଠାରୁ ୭ ଶହ ଟଙ୍କା ନେବା ସହ ଫୋନ ପେ ରେ ଥିବା ୮ ହଜାର ୮ ଶହ ଟଙ୍କା ନେଇଥିଲେ । ପରେ ଉକ୍ତ ବେପାରିକୁ ଧକମ ଦେଇ ତୋ ଏକାଉଂଟରେ ତୁରନ୍ତ ୫୦ ହଜାର ଟଙ୍କା ଦାବି କରିଥିଲେ ନଚେତ ହତ୍ୟା କରିବାକୁ ଧମକ ଦେଇଥିଲେ । ଫଳରେ ବ୍ୟବସାୟି ଜଣକ ତାଙ୍କ ଭାଇକୁ କଲ କରି ୪୦ ହଜାର ଟଙ୍କା ମାଗାଇଥିଲେ । ପରେ ଡକାୟତି ଦଳ ଫୋନ ପେ ର ଉକ୍ତ ଟଙ୍କା କୁ ନେଇ ଛାଡି ଥିଲେ । ପରେ ଉକ୍ତ ବ୍ୟବସାୟି ଜଣକ ଜୟପୁର ସଦର ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଗୁରୁତର ସହ ନେଇ ପୋଲିସ ମାମଲା ରୁଜୁ କରିଥିଲା । ସେହି ଦିନ ଠାରୁ ଅଭିଯୁକ୍ତ ମାନେ ଫେରାର ଥିବା ବେଳେ ଏହି ମାମଲାରେ ମୋଟ ୩ ଜଣ ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି ସୁଚନା ଦେଇଛନ୍ତି ।

## ଭିତିଭୂମି ପ୍ରକଳ୍ପ ଓ ଜୀବିକା ସଂକ୍ରାନ୍ତରେ ସାଧାରଣ ଅଭିଯୋଗ ଶୁଣାଣି

ଝାରସୁଗୁଡ଼ା, ୨୪/୦୩ (ନି.ପ୍ର): ଆଭାସି ମାଧମରେ ମୁଖ୍ୟମନ୍ତ୍ରୀଙ୍କ ସଚିବ ଭି.କେ.ପାଣ୍ଡିଆନ ଭିତିଭୂମି ପ୍ରକଳ୍ପ ଓ ଜୀବିକା ସଂକ୍ରାନ୍ତରେ ସାଧାରଣ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଜିଲ୍ଲାର ସମସ୍ତ ବ୍ଲକ ଓ ପୌରାଚଂଳର ସାଧାରଣ ଲୋକଙ୍କ ଅଭିଯୋଗ ଶୁଣିଥିଲେ । ଝାରସୁଗୁଡ଼ା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଝାରସୁଗୁଡ଼ା ବ୍ଲକ ଓ ପୌରପରିଷଦ ଅଂଚଳର, ଲଖନପୁର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଲଖନପୁର ବ୍ଲକ, ବ୍ରଜରାଜନଗର ଓ ବେଲପାହାଡ଼ ପୌରପରିଷଦ ଅଂଚଳର ଏବଂ କୋଲାବିରା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ କୋଲାବିରା, କିର୍ମିରା ଓ ଲଇକେରା ବ୍ଲକ ଅଂଚଳର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ତଥା ଶିକ୍ଷକ ଓ ଅଧ୍ୟାପକଙ୍କ ଅଭିଯୋଗ ଶୁଣାଣି କରିଥିଲେ । ଶିକ୍ଷାନୁଷ୍ଠାନରେ ଶ୍ରେଣୀ ଗୃହ ନିର୍ମାଣ, ସ୍ମାର୍ଟ କ୍ଲାସ, ଇ-ଲାଇବ୍ରେରୀ, ପରୀକ୍ଷା ପାଇଁ କକ୍ଷ, ପାଚେରୀ, ବାଳକ ବାଳିକାଙ୍କ ସକାଶେ କମନ ରୁମ୍ ତଥା ବିଭିନ୍ନ ଭିତିଭୂମି ଉନ୍ନୟନ ପାଇଁ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସେହିପରି ବିଭିନ୍ନ ସମାଜ ଓ ସଂଘ ପକ୍ଷରୁ କମ୍ୟୁନିଟି ସେଂଟର ନିର୍ମାଣ, ଚାଷର ଉନ୍ନତି ପାଇଁ ନୂତନ କ୍ଷୁଦ୍ର ଓ ମଧ୍ୟମ ଜଳସେଚନ ପ୍ରକଳ୍ପ, ବିଜୁ ସେତୁ ନିର୍ମାଣ, ନୂତନ ରାସ୍ତା ନିର୍ମାଣ ସହ ପ୍ରଶସ୍ତିକରଣ ଓ ଦୋହରାକରଣ, ପର୍ଯ୍ୟଟନ ସ୍ଥଳୀର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

## କେନ୍ଦ୍ରାଂଚଳ ରାଜସ୍ୱ ଆୟୁକ୍ତଙ୍କ ସମୀକ୍ଷା ବୈଠକ

କେନ୍ଦ୍ରାପଡ଼ା, ୨୪/୦୩ (ନି.ପ୍ର): କେନ୍ଦ୍ରାଂଚଳ ରାଜସ୍ୱ ଆୟୁକ୍ତ ଡ଼ଃ ସୁରେଶ ଚନ୍ଦ୍ର ଦଳାଇ ଦିନିକିଆ କେନ୍ଦ୍ରାପଡା ଗସ୍ତରେ ଆସି ଜିଲ୍ଲାର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଥିବା ଜଣାପଡିଛି । ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଜିଲ୍ଲାପାଳ ଅମ୍ରିତ ଋତୁରାଜ, ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲ, ଦୁର୍ଗା ପ୍ରସାଦ ମହାରଣା (ରାଜସ୍ୱ), ଉପ ଜିଲ୍ଲପାଳ ନିରଞ୍ଜନ ବେହେରାଙ୍କ ସମେତ ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର ଓ ଶ୍ରୀ ବଳଦେବଜୀଉ ମନ୍ଦିର ପରିଚାଳନା କମିଟିର ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ପ୍ରମୁଖଙ୍କ ସହ ଜିଲ୍ଲାର ସମସ୍ତ ଉଚ୍ଚ ପଦସ୍ଥ ଅଧିକାରୀ ମାନେ ଏହି ସମୀକ୍ଷା ବୈଠକରେ ଉପସ୍ଥିତ ଥିଲେ । ଡ଼ଃ ଦଳାଇ ମୁଖ୍ୟତଃ ରାଜସ୍ୱ ସଂଗହ, ଶ୍ରୀ ବଳଦେବଜୀଉ ମନ୍ଦିରର ଉନ୍ନତି ଓ ସୌନ୍ଦର୍ଯ୍ୟକରଣ ଓ ୫ଟି ଅଧିନରେ ଆସୁଥିବା ସ୍କୁଲ ଗୁଡିକୁ ପଟା ପ୍ରଦାନ ପ୍ରସଙ୍ଗରେ ବାଧା ସୃଷ୍ଟି କରୁଥିବା ସ୍କୁଲର ଜମି କିସମ ପରିବର୍ତନ ସଂପର୍କରେ ସମୀକ୍ଷା କରିଥିଲେ । ୫ଟି ଅଧିନରେ ଥିବା ଅଧିକାଂଶ ସ୍କୁଲର ଜମି କିସମ ଜଳାଶୟ ଥିବାରୁ ଏଗୁଡିକର କିସମ ପରିବର୍ତନ କରାଯାଇ ପାରୁନାହିଁ । ଏଭଳି କ୍ଷେତ୍ରରେ ସଂପୃକ୍ତ ସ୍କୁଲଗୁଡିକୁ ପଟା ପ୍ରଦାନରେ ଆଇନଗତ ପ୍ରତିବନ୍ଧକ ସୃଷ୍ଟି ହେଉଛି । ସେହିଭଳି ଶ୍ରୀ ବଳଦେବଜୀଉ ମନ୍ଦିରର ସୌନ୍ଦର୍ଯ୍ୟକରଣ ଓ ପାରିପାର୍ଶ୍ୱିକ ଉନ୍ନତି ସଂପର୍କରେ ପରିଚାଳନା କମିଟିର ସଭାପତି ଉପ ଜିଲ୍ଲାପାଳଙ୍କ ଠାରୁ ତଥ୍ୟ ହାସଲ କରି ଆବଶ୍ୟକୀୟ ନିର୍ଦ୍ଦେଶ ଦେଇଥିଲେ ।

## ଶ୍ରୀ ଗୋପାଳଜୀ ତଡିତ ଶ୍ୱାସ ଯୋଗାଳୟ ସୋନପୁରର ନୂତନ ଯୋଗାଶ୍ରମ ଲୋକାର୍ପିତ

ସୁବର୍ଣ୍ଣପୁର, ୨୪/୦୩ (ନି.ପ୍ର): ପବିତ୍ର ହିନ୍ଦୁ ନବବର୍ଷର ପାବନ ତିଥିରେ ନବନିର୍ମିତ ଗୋପାଳଜୀ ତଡ଼ିତ ଶ୍ୱାସ ଯୋଗାଳୟର ନୂତନ ଯୋଗାଶ୍ରମ ମହାନଦୀ ଯୋଗ ବିହାର ଠାରେ ଲୋକାର୍ପିତ ହୋଇଯାଇଛି । ଏହି ଉତ୍ସବରେ ଯୋଗାଳୟର ପ୍ରତିଷ୍ଠାତା ଯୋଗାଚାର୍ଯ୍ୟ ଜୟଦେବ ଦଣ୍ଡସେନା ସପତ୍ନୀକ ଉପସ୍ଥିତ ରହି ଶୁଭେଚ୍ଛା ଜଣାଇଥିଲେ । ଶ୍ରୀ ବାସୁଦେବ ମିଶ୍ର ସପତ୍ନୀକ ବୈଦିକ ରୀତିରେ ଯଜ୍ଞ କରି ଭବନର ପ୍ରତିଷ୍ଠା ଯଜ୍ଞ ଘୃତାହୁତି ହେବାପରେ ସମସ୍ତ କର୍ମକର୍ତା ଓ ଆମନ୍ତ୍ରିତ ଜ୍ଞାନୀ ଗୁଣୀ ପୁଷ୍ପାଞ୍ଜଳୀ ନେବା ପରେ ଏକ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠାନର ସମ୍ପାଦକ ଶ୍ରୀ ଆର୍ତତ୍ରାଣ ବାବୁ ବିବରଣୀ ପଠନ ପରେ ନିମନ୍ତ୍ରିତ ଅତିଥିମାନଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଗବେଷକ ସୁଦାମ ନାଏକ ସୁବର୍ଣ୍ଣପୁରର ଐତିହାସିକ ଯୋଗ ତତ୍ୱ ଉପରେ ସାରଗର୍ଭକ ଆଲୋଚନା ପରେ, ଶ୍ରୀ ଗୋରେଖ ସାହୁ, ଶ୍ରୀ ସନ୍ୟାସୀ ଦାସ, ଯୋଗାଚାର୍ଯ୍ୟ ଜୟଦେବ ଦଣ୍ଡସେନା ଯୋଗ ବିଷୟ ରେ ବିଭିନ୍ନ ମତ ରଖିଥିଲେ । ସୋନପୁର କଲେଜର ପ୍ରାକ୍ତନ ପ୍ରାଧାପକ ତଥା ଶିକ୍ଷାବିଦ ଡ଼ଃ ସୁଧାକର ଦାସ ଯୋଗଦେଇ ଅଭିନ୍ନ ପ୍ରସ୍ତାବ ରଖି ଏଭଳି ଅନୁଷ୍ଠାନ ଓଡ଼ିଶାରେ ବିରଳ ବୋଲି ଭୁୟସୀ ପ୍ରଶଂସା କରିଥିଲେ । ଶ୍ରୀ ପ୍ରଦୀପ ପୁରୋହିତ ନୂତନ ଭବନ ନିର୍ମାଣର ସଂଘର୍ଷ କାହାଣୀ ସହିତ ଏହା ସମାଜ ପାଇଁ ସମର୍ପିତ ବୋଲି କହିଥିଲେ । ଶ୍ରୀ ଜ୍ୟୋତି ରଞ୍ଜନ ପଟ୍ଟନାୟକଙ୍କ ସଂଯୋଜନାରେ ସଭା ପରିଚାଳନା ହୋଇଥିବାବେଳେ ନିରଞ୍ଜନ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଏସପି ଶ୍ରୀ ଅମରେଶ ପଣ୍ଡା, ଏଡିଏମ ସୂର୍ଯ୍ୟ ନାରାୟଣ ଦାଶ, ସମାଜସେବୀ ଶ୍ରୀବତ୍ସ ମଲ୍ଲିକ, ଶିକ୍ଷଦ୍ୟୋଗୀ ଆନନ୍ଦ ବାବୁ ଆଭାସ ବାବୁ, ଡ଼ଃ କେଦାର ମିଶ୍ର, ଡ଼ଃ ଜ୍ୟୋତି ବହିଦାର, ଶିକ୍ଷାବିଦ ବ୍ରଜ ମୋହନ ଦାନୀ, ଯୋଗଗୁରୁ ମନୋଜ ପଣ୍ଡା, ଡ଼ଃ ସନ୍ତୋଷ ପାଢ଼ୀ, ହରିହର ଶତପଥୀ, ନରେଶ ଅଗ୍ରୱାଲା, ଗାୟତ୍ରୀ ପରିବାର, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ବେଦ ପ୍ରଚାର ସମିତି ଆଦି ଯୋଗ ସାଧକମାନେ ସହଯୋଗ କରିଥିଲେ । ଏହାର ସର୍ବବିଧ ଉନ୍ନତି ଓ ସମୃଦ୍ଧି ପାଇଁ ଶୁଭ କାମନା ପୂର୍ବକ ଜିଲ୍ଲା ପ୍ରଶାସନକୁ ମଧ ସାଧୁବାଦ ଜଣାଇ ସମସ୍ତଙ୍କୁ ସ୍ୱାଦିଷ୍ଟ ଭୋଜନରେ ଆପ୍ୟାୟିତ କରାଯାଇଥିଲା ।

## ମିଳୁନି ବାର୍ଦ୍ଧକ୍ୟ ଭତା : ପେଟ ପାଇଁ ପର ଘରେ ମୁଲ ଲାଗୁଛି ସାଇବାଣୀ

ଚମ୍ପୁଆ, ୨୪/୦୩ (ନି.ପ୍ର): ସରକାରଙ୍କ ଯୋଜନା ଉପରେ ଯୋଜନା ସବୁ ଫେଲ, ଗରିବ ପାଇଁ ସବୁ ଯୋଜନା ସତେ ଯେମିତି ପାଲଟିଛି ସାତ ସପନ । ଯାହାର ଜ୍ୱଳନ୍ତ ଉଦାହରଣ ପାଲଟିଛନ୍ତି ସାଇବାଣୀ ନାଏକ, ବୟସ ୬୫ରୁ ଉର୍ଦ୍ଧ୍ୱ, ସ୍ୱାମୀଙ୍କ ବୟସ ୭୦ ପାଖାପାଖି । ଦୁଇ ଝିଅଙ୍କ ମଧ୍ୟରୁ ଜଣଙ୍କର ଅକାଳ ବିୟୋଗ ପରେ ବଡ଼ ଝିଅ ବାହାହୋଇ ଶ୍ୱଶୁର ଘରେ । ଘରେ କେବଳ ସ୍ୱାମୀ, ସ୍ତ୍ରୀ ଦୁଇ ଜଣ । ପରିଣତି ବୟସରେ ସ୍ୱାମୀ ବାହାରେ କାମ କରି ଘର ଚଳେଇବା ସମ୍ଭବ ନ ହେବାରୁ ପର ଘରେ ମୁଲ ଲାଗି ଦୁଇପରାଣୀଙ୍କ ପେଟ ପାଇଁ ଦାନା ଯୋଗାଡ଼ କରୁଛନ୍ତି ସାଇବାଣୀ । ଚମ୍ପୁଆ ଏନଏସି ଅନ୍ତର୍ଗତ ୧ ନମ୍ବର ୱାର୍ଡ ଗୋଧୂଳି ଗ୍ରାମର ଗୌତମ ନାଏକଙ୍କ ସ୍ତ୍ରୀ ସାଇବାଣୀ ନାଏକ କ୍ଷ ବୟସ ପ୍ରାୟ ୬୫ରୁ ଅଧିକ । ବାର୍ଦ୍ଧକ୍ୟ ଭତା ପାଇଁ ଚମ୍ପୁଆ ଏନଏସି କାର୍ଯ୍ୟାଳୟ ଧାଇଁ ଧାଇଁ ନୟାନ୍ତ ହୋଇ ପଡ଼ିଥିଲେ ବି କୌଣସି ଲାଭ ହୋଇ ନାହିଁ । ଭତା ମିଳିବାର ଆଶା ଛାଡି ଦେଇଛନ୍ତି ସାଇବାଣୀ । ମାତ୍ରାଧିକ ବୟସ ଯୋଗୁଁ ସ୍ୱାମୀ କାମଧନ୍ଦା କରିପାରୁ ନଥିବାରୁ ପେଟକୁ ମୁଠେ ଆହାର ପାଇଁ ପର ଘରେ ମୁଲ ଲାଗିବାକୁ ପଡୁଛି । ତେବେ ସୂଚନା ଯୋଗ୍ୟକି, ସାଇବାଣୀଙ୍କ ଦୁଇ ଝିଅ ମଧ୍ୟରୁ ବଡ଼ ଝିଅ ବାହାହୋଇ ଶ୍ୱଶୁର ଘରକୁ ଚାଲି ଯାଇଥିବାବେଳେ ନିକଟରେ ସାନ ଝିଅର ଅକାଳ ବିୟୋଗ ଘଟିଛି । ମାତ୍ରାଧିକ ବୟସ ଯୋଗୁଁ ସ୍ୱାମୀ କାମ କରିପାରୁ ନଥିବାରୁ ପେଟ ପାଇଁ ବାଧ ହୋଇ ଘରୁ ଗୋଡ଼ କାଢିଛନ୍ତି । ତେବେ ସବୁଦିନ ମୁଲ ପାଇଁ କାମ ମିଳୁ ନ ଥିବାରୁ ବାଧ ହୋଇ ଚମ୍ପୁଆ ଏନଏସିରେ ଫେବରବ୍ଲକ କାମରେ ରାଜମିସ୍ତ୍ରୀ ସହିତ କାମ କରି ପେଟ ପାଇଁ ଦୁଇ ଓଳି ଖାଦ୍ୟ ଯୋଗାଡ଼ କରୁଥିବା ସାଇବାଣୀ ପ୍ରତି ଚମ୍ପୁଆ ଏନଏସି କର୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## ଜିଲ୍ଲାସ୍ତରୀୟ ପୋଷଣ ପକ୍ଷ ଉଦଘାଟିତ

ସମ୍ବଲପୁର, ୨୪/୦୩ (ନି.ପ୍ର): ସ୍ଥାନୀୟ ଏସଏସଏ ସମ୍ମିଳନୀ କକ୍ଷ ପରିସରରେ ଆଜି ଜିଲ୍ଲାସ୍ତରୀୟ ପୋଷଣ ପକ୍ଷ ଉଦଘାଟିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଅନନ୍ୟା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆୟୋଜିତ ପୋଷଣ ପକ୍ଷକୁ ଉଦଘାଟନ କରିଛନ୍ତି । ଜିଲ୍ଲା ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଆୟୋଜିତ ଏହି ପୋଷଣ ପକ୍ଷ ଚଳିତ ମାର୍ଚ୍ଚ ୨୦ ତାରିଖରୁ ଆରମ୍ଭ ହୋଇ ଏପ୍ରିଲ ମାସ ୩ ତାରିଖ ପର୍ଯ୍ୟନ୍ତ ପାଳିତ ହେବ । ଏହି ପକ୍ଷ ପାଳନର ମୁଖ୍ୟ ଉଦ୍ଦେଶ୍ୟ ଜନଆନ୍ଦୋଳନ ତଥା ସହଭାଗିତା ମାଧ୍ୟମରେ ପୋଷଣର ଗୁରୁତ୍ୱ ଓ ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବା ଅଭ୍ୟାସ ସମ୍ପର୍କରେ ସଚେତନତା ସୃଷ୍ଟି କରିବା, ସାମଗ୍ରିକ ଭାବରେ ପୋଷଣ ର ଉନ୍ନତି କରିବା । ଏହି କାର୍ଯ୍ୟକ୍ରମ ଅବସରରେ ଜିଲ୍ଲାସ୍ତରରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କ ଦ୍ୱାରା ପଦଯାତ୍ରା, ସାଇକେଲ ରାଲି, ସ୍କୁଲ ଛାତ୍ରଛାତ୍ରୀ ଙ୍କ ଦ୍ୱାରା ପ୍ରଭାତଫେରି, ଯୁବ ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ପୋଷଣ ପକ୍ଷ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ପାଇଁ କାର୍ଯ୍ୟକ୍ରମ ରହିଛି । ଏହାଛଡା ପ୍ରତ୍ୟେକ ପ୍ରକଳ୍ପସ୍ତରରେ ଓ ପ୍ରକଳ୍ପ ଅନ୍ତର୍ଗତ ଅଙ୍ଗନୱାଡି କେନ୍ଦ୍ର ମାନଙ୍କରେ ମଧ ସଚେତନତା କାର୍ଯ୍ୟକ୍ରମ କରାଯିବ । ଆଜିର ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଆଇସିଡିଏସ ପ୍ରକଳ୍ପ ଦ୍ୱାରା ବିଭିନ୍ନ ପୋଷଣଯୁକ୍ତ ଖାଦ୍ୟ ପ୍ରଦର୍ଶନ କରାଯାଇଥିଲା । ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଗୀତାଞ୍ଜଳି ମହାପାତ୍ର, ଅତିରିକ୍ତ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ରମେଶ ହାଁସଦା, ଜିଲ୍ଲା ମଙ୍ଗଳ ଅଧିକାରୀ ଭାଗିରଥି ପଟେଲ, ଡିପିଏମ, ଓଏଲଏମ ଡ଼ ପୁଷ୍ପଶ୍ରୀ ନାୟକ, ଜିଲ୍ଲା ଯୁବ ଅଧିକାରୀ ମାରିଆନୁସ ବିଲୁଙ୍ଗ ସମେତ ସିଡିପିଓ, ଆଇସିଡିଏସ ସୁପରଭାଇଜର ସମେତ ବହୁ ଅଙ୍ଗନୱାଡି କର୍ମୀ ଉପସ୍ଥିତ ଥିଲେ ।

## ଆଙ୍ଗ ଗ୍ରାମରେ ଚୋରି

ବସ୍ତା, ୨୪/୦୩ (ନି.ପ୍ର): ରୂପସା ଥାନା ଅନ୍ତର୍ଗତ ଆଙ୍ଗ ଗ୍ରାମରେ ରଘୁନାଥ ପାତ୍ରଙ୍କ ଘରୁ ଗତ କାଲି ବିଳମ୍ବିତ ରାତ୍ରିରେ କେହି ଦୁର୍ବୃତ୍ତ ଘରେ ପଶି ଏକ ବାକ୍ସକୁ ବାହାରକୁ ନେଇ ଚାବି ଭାଙ୍ଗି ବାଇସି ହଜାର ଟଙ୍କା, ପାଉଜର ଏକ ହଳ, ସୁନା ପଲା ଏକ ହଳ, ସୁନା ପାଷା ଏକ ହଳ ଏବଂ ବିଭିନ୍ନ ଦରକାରୀ କାଗଜପତ୍ର ନେଇ ବାକ୍ସକୁ ଭାଙ୍ଗି ପଡିଶା ଘର ବାଡିକୁ ଫିଙ୍ଗି ପଳାଇ ଯାଇଛି । ଏନେଇ ରଘୁନାଥ ପାତ୍ର ରୂପସା ଥାନାରେ ଅଭିଯୋଗ କରିଛନ୍ତି । ଶ୍ରୀ ପାତ୍ରଙ୍କ ଘରେ କବାଟ ନଥିବାରୁ ଏଭଳି ଘଟଣା ଘଟିଛି ସେ ଜଣେ ଦିନ ମଜୁରିଆ ଭାବେ ମାଲ ଗୋଦାମରେ କାମ କରନ୍ତି ରୂପସା ଥାନା ଉକ୍ତ ଚୋରି କେଶରେ ତଦନ୍ତ ଚଳାଇଛନ୍ତି।

## ଗ୍ରୀଷ୍ମ ଲହର ପରିପ୍ରେକ୍ଷୀରେ ନିୟନ୍ତ୍ରଣ କକ୍ଷ ଦୂରଭାଷ ନମ୍ବର ଜାରି

ଭୁବନେଶ୍ୱର/ଖୋର୍ଦ୍ଧା, ୨୪/୦୩ (ନି.ପ୍ର): ଚଳିତ ବର୍ଷ ଗ୍ରୀଷ୍ମଋତୁ ପରିପ୍ରେକ୍ଷୀରେ ତଥା ଆଗାମୀ ଦିନରେ ଗ୍ରୀଷ୍ମ ଲହରକୁ ଦୃଷ୍ଟିରେ ରଖି ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ତରଫରୁ ଏକ ନିୟନ୍ତ୍ରଣ କକ୍ଷ (ଦୂରଭାଷ ନମ୍ବର ୦୬୭୫୫-୨୨୦୦୦୨) ଖୋଲା ଯାଇଛି । ଜିଲ୍ଲାରେ ରୌଦ୍ରତାପ ତଥା ଗ୍ରୀଷ୍ମ ଲହର ପରିପ୍ରେକ୍ଷୀରେ ଯଦି କୌଣସି ସ୍ଥାନରେ ଜଳ ଶଙ୍କଟ ବା ଜଳାଭାବ ଦେଖାଯାଏ, ତେବେ ଜନସାଧାରଣ ଉପରୋକ୍ତ ଦୂରଭାଷ ନମ୍ବରରେ ଜିଲ୍ଲା ନିୟନ୍ତ୍ରଣ କକ୍ଷକୁ ଯୋଗାଯୋଗ କରିପାରିବେ ବୋଲି ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅପାତକାଳୀନ ବିଭାଗ ତରଫରୁ ସୂଚନା ପ୍ରଦାନ କରାଯାଇଛି ।

## ଶିଖରଚଣ୍ଡୀ ପାହାଡ଼ ଉପରେ ୪ ହାତୀ

ଭୁବନେଶ୍ୱର, ୨୪/୦୩ (ନି.ପ୍ର): ଭୁବନେଶ୍ୱର ଶିଖରଚଣ୍ଡୀ ପାହାଡ଼ ଉପର ଜଙ୍ଗଲରେ ୪ ହାତୀ ଦେଖିବାକୁ ମିଳିଛି। କାଲି ରାତିରୁ ହାତୀ ଗୁଡିକ ପଶି ଆସିଥିବା ବେଳେ ବନ କର୍ମଚାରୀ ନଜର ରଖିଛନ୍ତି। ଭରତପୁର ଜଙ୍ଗଲରୁ ଆସିଥିବା କହିଛନ୍ତି ଚନ୍ଦକା ଡିଏଫଓ ମହମ୍ମଦ ଜମିଲ।

## ୟୁନିୟନ ବ୍ୟାଙ୍କ ପକ୍ଷରୁ ଛାତ୍ରୀ ହଷ୍ଟେଲକୁ ଆକ୍ୱାଗାର୍ଡ଼ ପ୍ରଦାନ

ବାଲେଶ୍ୱର, ୨୪/୦୩ (ନି.ପ୍ର): ନାରୀ ସଶକ୍ତିକରଣକୁ ଆଗେଇନେବା ଓ ନାରୀ ଶିକ୍ଷାକୁ ଗୁରୁତ୍ୱ ଦେଇ ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆ ପକ୍ଷରୁ ସତ୍ୟସାଇ ବିଦ୍ୟାବିହାରର ଛାତ୍ରୀମାନଙ୍କ ପାଇଁ ଏକ ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା (ୱାଟର ପିୟୁରିଫାଏ ମେସିନ-ଆକ୍ୱାଗାର୍ଡ଼) ପ୍ରଦାନ କରାଯାଇଛି। ସତ୍ୟସାଇ ବିଦ୍ୟାବିହାରର ଛାତ୍ରୀ ନିବସରେ ଏହି ୱାଟର ପିୟୁରିଫାଏ ମେସିନ ସ୍ଥାପନ କରାଯାଇଛି। ୟୁନିୟନ ବ୍ୟାଙ୍କ ଆଞ୍ଚଳିକ ମୁଖ୍ୟ ପ୍ରବନ୍ଧକ ନିରଂଜନ ବାରିକ ଓ ଉପ-ମୁଖ୍ୟ ପ୍ରବନ୍ଧକ ଗଜେନ୍ଦ୍ରେ ନାଥ ଦାସଙ୍କ ଉପସ୍ଥିତିରେ ଏହି ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା ବିଦ୍ୟାଳୟକୁ ହସ୍ତାନ୍ତର କରାଯାଇଥିଲା। ହଷ୍ଟେଲର ଛାତ୍ରୀମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣରେ ଏହି ବ୍ୟବସ୍ଥା ବେଶ ସହାୟକ ହେବ ବୋଲି ଦୁଇ ପ୍ରବନ୍ଧକ ଆଶା ପ୍ରକାଶ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଦାମୋଦର ନାୟକ ସନ୍ତୋଷ ପ୍ରକାଶ ସହ ବ୍ୟାଙ୍କର ଏତାଦୃଶ ପଦକ୍ଷେପକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ପାନୀୟଜଳ ବ୍ୟବସ୍ଥା ଉଦଘାଟନ ବେଳେ ୟୁନିୟନ ବ୍ୟାଙ୍କର ଅନ୍ୟାନ୍ୟ କର୍ମଚାରୀଙ୍କ ସମେତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ୩୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଏହି ବିଶୁଦ୍ଧ ପାନୀୟଜଳ ବ୍ୟବସ୍ଥା ସ୍ଥାପନ କରାଯାଇଥିବା ଜଣାପଡ଼ିଛି।

## ବାପ ଛେଉଣ୍ଡ କନ୍ୟାର ଦୁଃଖ : ବିଦ୍ୟାଳୟର ମାଟି ମାଡ଼ି ପାରିଲା ନାହିଁ 'ଆରତି'



ଉଦଳା, ୨୪/୦୩ (ନି.ପ୍ର): ଏହା କେଉଁ ଉପାନ୍ତ ଅଂଚଳର ଘଟଣା ନୁହେଁ । ଉଦଳା ସହରକୁ ଲାଗିକରିଥିବା ଆମ୍ବଡ଼ିହା କଲୋନିସାହିର ଦୃଶ୍ୟ । ଏହି ସାହି ଦେଇ ନିୟମିତ ଶତାଧିକ ଶିକ୍ଷକ, ଶିକ୍ଷୟିତ୍ରୀ ଯାତାୟତ କରୁଥିବା ବେଳେ ଅଧିକାଂଶ ସମୟରେ ଶିକ୍ଷା ବିଭାଗର ଅଧିକାରୀ ମାନେ ଏଠାକୁ ପରିଦର୍ଶନରେ ଆସୁଛନ୍ତି । ଅଥଚ କାହାରି ନଜର କିପରି 'ଆରତି' ଉପରେ ପଡ଼ିଲା ନାହିଁ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିପକାଇଛି । ଏହା ଉଦଳା ବ୍ଲକର ବଡ଼ସିଙ୍ଗାରିଆ ପଂଚାୟତ ଅନ୍ତର୍ଗତ ଅଟେ । ଏଠାକାର ବାସିନ୍ଦା ଶ୍ରୀନାଥ ଦେହୁରୀଙ୍କର କିଛି ବର୍ଷ ପୂର୍ବେ ଦେହାନ୍ତ ହେଲା । ଫଳରେ ତାଙ୍କର କନ୍ୟା 'ଆରତି' ସବୁଦିନ ପାଇଁ ବାପ ଛେଉଣ୍ଡ ହୋଇଗଲେ । ଆରତିର ବର୍ତ୍ତମାନ ବୟସ ୮ ବର୍ଷ ଛୁଇଁଲା । ଘରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବା ବେଳେ ମା' ସବିତା କାମ କରିବାକୁ ବାଧହୋଇ ବାହାରକୁ ଯାଆନ୍ତି । କନ୍ୟା ଆରତି ମଧ ମା'ଙ୍କୁ କାମରେ ସାହାଯ୍ୟ କରିବା ପାଇଁ ବାହାରକୁ ଯିବାକୁ ବାଧ ହୋଇ ଥାଆନ୍ତି । ଫଳରେ କେବଳ ଅଙ୍ଗନୱାଡ଼ି ପାଠ ସାରିବା ପରେ ଆଉ ବିଦ୍ୟାଳୟର ମାଟି ମାଡ଼ି ନାହାଁନ୍ତି ' ଆରତି' । ପ୍ରଥମରୁ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ମାଗଣା ଓ ବାଧତାମୂଳକ ଶିକ୍ଷା ବୋଲି ସରକାର ଯେଉଁ ଢ଼ୋଲ ପିଟୁଛନ୍ତି ତାହାଯେ ଏକ ଫଟା ଢ଼ୋଲର ଶବ୍ଦ ତାହା ଏବେ ଲୋକଙ୍କୁ ବୁଝାଇବାକୁ ପଡୁ ନାହିଁ । ତାହାଛଡ଼ା ମୟୂରଭଞ୍ଜ ଜିଲ୍ଲାରେ ବସବାସ କରୁଥିବା ଜନଜାତିଙ୍କ ମଧରେ ଖଡ଼ିଆ, ମାଙ୍କିଡ଼ିଆ ଓ ଲୋଧା ଜନଜାତିକୁ ପ୍ରାରମ୍ଭିକ ସମ୍ବେଦନଶିଳ ଜନଜାତି ବା (ପିଟିଜି) ଗୃପ ଭାବରେ ଚିହ୍ନଟ କରାଯାଇଛି । ସେଥିପାଇଁ ଜିଲ୍ଲା ପ୍ରଶାସନ ଏହି ଜନଜାତିର ଉନ୍ନତି ପାଇଁ ସତର୍କ ଦୃଷ୍ଟି ରଖିବା ସହ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ କରୁଛି । 'ଆରତି' ଖଡ଼ିଆ ଜନଜାତିର ହୋଇଥିବା ବେଳେ ଉଦଳାରେ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ କରୁଛି , ଅଥଚ 'ଆରତି' ପ୍ରାଥମିକ ଶିକ୍ଷାରୁ ବଂଚିତ ରହିଛି । ଏହାଠାରୁ ଅଧିକ ଦୁଃଖଦାୟକ ବିଷୟ କଣ ଥାଇପାରେ ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି ।

## ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପେନସନ ମେଳା



ବାରିପଦା, ୨୪/୦୩ (ନି.ପ୍ର): ମୟୂରଭଂଜ ଜିଲ୍ଲା ଶିକ୍ଷାଧକାରୀଙ୍କ ସମ୍ମିଳନୀ କକ୍ଷରେ ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା), ମୟୂରଭଂଜ ସହଯୋଗରେ ଫେବୃଆରୀ- ୨୦୨୩ ରେ ଚାକିରୀରୁ ଅବସର ନେଇଥିବା ମାଧ୍ୟମିକ ସ୍କୁଲ ଶିକ୍ଷକ-କର୍ମଚାରୀ ମାନଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ସହିତ ପ୍ରୋଭିଜନାଲ୍ ପେନ୍‌ସନ୍‌ର କାଗଜପତ୍ର ପ୍ରଦାନ କରାଯାଇଥିଲା । ଏହି ଅବସରରେ ଆୟୋଜିତ ଉତ୍ସବରେ ଜିଲ୍ଲା ଶିକ୍ଷାଧୀକାରୀ ନବକିଶୋର ଗିରି, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଂଜନ ଆଚାର୍ଯ୍ୟଙ୍କ ଉପସ୍ଥିତିରେ ଜିଲ୍ଲା ସମ୍ପାଦକ ଚିତରଂଜନ ପଳତା ଆଜିର କାର୍ଯ୍ୟକ୍ରମ ସମ୍ପର୍କରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ । ଅବସର ନେଉଥିବା ଶିକ୍ଷକ-କର୍ମଚାରୀ ମାନେ ସେମାନଙ୍କ ପାଇଁ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ନିଜ ନିଜର ଚାକିରୀ ଜୀବନର ଅନୁଭୂତି ବର୍ଣ୍ଣନା କରିବା ସହିତ ସଂଗଠନର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ଅବସର ନେଇଥିଲେ ମଧ ନିଜକୁ ସଦା ସର୍ବଦା ବିଭିନ୍ନ ଗଠନମୂଳକ କାର୍ଯ୍ୟକ୍ରମରେ ନିଯୁକ୍ତ କରି ରଖି ପାରିଲେ ସମାଜର ଅଶେଷ ଉନ୍ନତି ହେବା ସହିତ ଅବସର ଜୀବନ ସୁଖମୟ ଓ ଶାନ୍ତିପ୍ରଦ ହୋଇ ପାରିବ ବୋଲି ଉତ୍ସବରେ ମତ ପ୍ରକାଶ ପାଇଥିଲା । ଅବସର ନେଉଥିବା ୭ ଜଣ ପ୍ରଧାନ ଶିକ୍ଷକ, ୭ ଜଣ ସହକାରୀ ଶିକ୍ଷକ ଓ ୬ ଜଣ ପିଅନ୍, ଏହିପରି ମୋଟ୍ ୨୦ଜଣଙ୍କୁ ଜିଲ୍ଲା ଶିକ୍ଷା ଅଧିକାରୀ ପେନ୍‌ସନ୍ ସଂକ୍ରାନ୍ତୀୟ କାଗଜପତ୍ର ସହିତ ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଅଫିସର ବରିଷ୍ଠ ସହାୟକ ଶିବପ୍ରସାଦ ବେହେରା, ସତ୍ୟରଂଜନ ଦାସ, ଦେବବ୍ରତ ମହାନ୍ତ, କ୍ଷେତ୍ରମୋହନ ବେହେରା ଓ ମନରଂଜନ ଜେନା ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ବାରିପଦା ବ୍ଲକ୍ ସଂପାଦକ ପ୍ରଦୀପ ଚନ୍ଦ୍ର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

## ଓଡ଼େଶି ୱାର୍ଲ୍ଡ ସ୍କୁଲର ବାର୍ଷିକ ଉତ୍ସବ

ବାଲେଶ୍ୱର, ୨୪/୦୩ (ନି.ପ୍ର): ଓଡ଼େଶି ୱାର୍ଲ୍ଡ ସ୍କୁଲର ବାର୍ଷିକ ଉତ୍ସବ ସ୍ଥାନୀୟ ଆତିଥ୍ୟ ଭବନରେ ଅନୁଷ୍ଠିତ ହୋଇଯାଛ। ସ୍କୁଲ୍‌ର ପ୍ରତିଷ୍ଠାତା ହେମନ୍ତ କୁମାର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଯନ୍ତ୍ରୀ ଡ. ହୃଷୀକେଶ ସାହୁ, ମୁଖ୍ୟବକ୍ତା ଭାବେ ଓଡ଼ିଶା ସାହିତ୍ୟ ଏକାଡ଼େମୀର ସଦସ୍ୟ କବି କାଳୀପଦ ପଣ୍ଡା, ସମ୍ମାନିତ ଅତିଥି ଶିକ୍ଷକ ପ୍ରଭାତ ମହାରଣା ପ୍ରମୁଖ ଯୋଗଦେଇ ପୂର୍ଣ୍ଣ ବ୍ୟକ୍ତିତ୍ୱ ବିକାଶର ବିଭିନ୍ନ ଦିଗ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଡିଗ୍ରୀଧାରୀ ହେବା ଅପେକ୍ଷା ଜଣେ ମହତ ମଣିଷ ହେବାର ନୈତିକ ଶିକ୍ଷା ଉପରେ ଦୃଷ୍ଟିନିକ୍ଷେପ କରିବା ଉଚିତ ବୋଲି ଅତିଥିମାନେ କହିଥିଲେ। ଶ୍ରାବଣୀ ଜେନାଙ୍କ ସଞ୍ଚାଳନାରେ ଅନୁଷ୍ଠିତ ଉତ୍ସବରେ ଶିକ୍ଷୟିତ୍ରୀ ନମିତା ଦାସ, ଅନିତା ମହାପାତ୍ର, ସୁମିତା ନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲା ବେଳେ ବିଦ୍ୟାଳର ଛାତ୍ରଛାତ୍ରୀ ଓଡ଼ିଆ ଭାଷାରେ ପରିବେଶ ସଚେତନତା ଧର୍ମୀ ନାଟକ ମଞ୍ଚସ୍ଥ କରିଥିଲେ। ଏଥି ସହିତ ଛାତ୍ରଛାତ୍ରୀମାନେ ସଙ୍ଗୀତ, ନୃତ୍ୟ, କବିତା ଆବୃତ୍ତି ଏବଂ କ୍ଷୁଦ୍ରଗଳ୍ପ ଆଦି ପରିବେଷଣ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷକ ପ୍ରଭାତ ମହାର୍ନା ଶେଷକଥା ରଖିଥିବା ବେଳେ ଶିକ୍ଷୟିତ୍ରୀ ସୁସ୍ମିତା ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ଅମିୟ କୁମାର ରଥ ହେଲେ ବିପିୟୁଟି କୁଳପତି

ଭୁବନେଶ୍ୱର, ୨୪/୦୩ (ନି.ପ୍ର): ବିଜୁ ପଟ୍ଟନାୟକ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି (ବିପିୟୁଟି) ର କୁଳପତି ଭାବେ ନିଯୁକ୍ତି ପାଇଛନ୍ତି ପ୍ରଫେସର ଅମିୟ କୁମାର ରଥ। ରାଜ୍ୟପାଳ ତଥା କୁଳାଧିପତି ପ୍ରଫେସର ଗଣେଶୀ ଲାଲ୍ ଏହି ନିଯୁକ୍ତି ଦେଇଛନ୍ତି। ଆସନ୍ତା ୫ ବର୍ଷ ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱରେ ରହିବେ। ପ୍ରଫେସର ରଥ ବର୍ତ୍ତମାନ ବାଙ୍ଗାଲୋର ସ୍ଥିତ ନାକ୍ ରେ ଆଡଭାଇଜର (ଆଇସିଟି) ଅଛନ୍ତି। ତାଙ୍କ ନିକଟରେ ୩୩ ବର୍ଷର ଶିକ୍ଷକତାର ଅଭିଜ୍ଞତା ରହିଛି। ପ୍ରଫେସର ରଥ ୯ଟି ବହି ରଚନା କରିଥିବା ବେଳେ ୧୨ ଜଣ ପିଏଚଡି ଓ ୧୭ ଜଣ ପିଜି ସ୍କଲାରଙ୍କୁ ଗାଇଡ୍ କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

### କେବଳ ରାହୁଲ ଗାନ୍ଧୀ ନୁହଁନ୍ତି....

ହୋଇଥିଲା । ଇନ୍ଦିରା ଗାନ୍ଧୀଙ୍କ ସଦସ୍ୟତା ରଦ୍ଦ ହେବା ପୂର୍ବରୁ ବିରୋଧୀଦଳମାନେ ଏକଜୁଟ ହୋଇଥିଲେ । ଇନ୍ଦିରା ଗାନ୍ଧୀ ସରକାରୀ କର୍ମଚାରୀଙ୍କୁ ଅପମାନିତ କରିବା ଓ ନିଜ ପଦର ଦୁରୋପଯୋଗ କରିବା ମାମଲାରେ ସେତେବେଳେ ପ୍ରଧାନମନ୍ତ୍ରୀ ମୋରାଜୀ ଦେଶାଇ ଇନ୍ଦିରା ଗାନ୍ଧୀଙ୍କ ବିରୋଧରେ ପ୍ରସ୍ତାବ ଆଣିଥିଲେ । ୭ଦିନର ଆଲୋଚନା ପରେ ଇନ୍ଦିରା ଗାନ୍ଧୀଙ୍କ ବିରୋଧରେ ବିଶେଷଅଧିକାର ସମିତି ଗଠନ କରାଯାଇଥିଲା । ଏହି କମିଟି ଯାଞ୍ଚ ରିପୋର୍ଟରେ ଦର୍ଶାଇଥିଲା କି ଇନ୍ଦିରାଙ୍କ ବିରୋଧରେ ଆସିଥିବା ଅଭିଯୋଗ ସତ୍ୟ ଅଟେ । ଏହାପରେ ଇନ୍ଦିରା ଗାନ୍ଧୀଙ୍କ ସାଂସଦ ପଦ ରଦ୍ଦ ହୋଇଥିଲା । ସେହିଭଳି ୨୦୦୬ ମସିହାରେ ସୋନିଆ ଗାନ୍ଧୀଙ୍କୁ ମଧ ସମାନ ଅବସ୍ଥା ଭୋଗିବାକୁ ପଡିଥିଲା । ସେ ସାଂସଦ ଥାଇ ଏକ ଲାଭଜନକ ପଦବୀରେ ଥିବା ଅଭିଯୋଗରେ ତାଙ୍କ ସଦସ୍ୟତା ରଦ୍ଦ ହୋଇଥିଲା । ସେତେବେଳେ ସୋନିଆ ଗାନ୍ଧୀ ରାଏବରେଲୀରୁ ସାଂସଦ ଥିଲେ ଓ ୟୁପିଏ ସରକାର ସମୟରେ ଗଠିତ ରାଷ୍ଟ୍ରୀୟ ପରାମର୍ଶଦାତା ପରିଷଦର ଚେୟାରମ୍ୟାନ ମଧ ଥିଲେ । ଏହି କାରଣରୁ ସୋନିଆ ଗାନ୍ଧୀଙ୍କୁ ଲୋକସଭା ସଦସ୍ୟତା ପଦରୁ ଇସ୍ତଫା ଦେବାକୁ ପଡିଥିଲା ।

### ୨୭ରେ ରାଜ୍ୟମାନଙ୍କର....

ଭାବେ ଉପର ମୁହାଁ ହୋଇ ଚାଲିଛି। ଏନେଇ ଗତ ବୁଧବାର ଦିନ ପ୍ରଧାନମନ୍ତ୍ରୀ ସ୍ଥିତି ସମୀକ୍ଷା କରିଥିଲେ। ତେବେ ଆସନ୍ତା ସୋମବାର କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ସମସ୍ତ ରାଜ୍ୟର ସ୍ୱାସ୍ଥ୍ୟ ବିଭାଗ ସହ କୋଭିଡ ସ୍ଥିତି ନେଇ ସମୀକ୍ଷା କରିବେ। କୋଭିଡ ନେଇ ଯଦି କୌଣସି ନିର୍ଦ୍ଦେଶବଳୀ ଆସେ ତାକୁ ପୁଣି କାର୍ଯ୍ୟକାରୀ କରାଯିବ। ରାଜ୍ୟରେ ବର୍ତ୍ତମାନ ଉଦବେଗଜନକ ସ୍ଥିତି ନାହିଁ। ସର୍ଭେଲାନ୍ସ, ଟ୍ରାକିଂ ଓ ଟେଷ୍ଟିଂ ଚାଲିଛି। ସବୁ ଡାକ୍ତରଖାନାରେ ଆଇସୋଲେସନ, ଆଇସିୟୁ ବେଡ୍ ମହଜୁଦ ରହିଛି। ରୋଗୀ ଆସିଲେ ଅସୁବିଧା ହେବ ନାହିଁ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର ସୂଚନା ଦେଇଛନ୍ତି।

## ଜିଲ୍ଲାସ୍ତରୀୟ ଡାକ୍ତରଖାନା ଜୈବ ବର୍ଜ୍ୟବସ୍ତୁ ପରିଚାଳନା ପରିଷଦ ବୈଠକ

ଭଦ୍ରକ, ୨୪/୦୩ (ନି.ପ୍ର): ସାଧାରଣ ସ୍ୱାସ୍ଥ୍ୟ ସେବା ପ୍ରଦାନ କ୍ଷେତ୍ରରେ ପ୍ରଣୀତ ବିଭିନ୍ନ ସରକାରୀ ଯୋଜନା ସବୁ ଭଦ୍ରକ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା କିପରି କାର୍ଯ୍ୟକାରୀ ହେଉଛି ସେ ସବୁର ସମୀକ୍ଷା ପାଇଁ ଆଜି ୨୪-୩-୨୦୨୩ ସକାଳେ ଜିଲ୍ଲାସ୍ତରରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧକ୍ଷତାରେ ଜୁମ୍ ଜରିଆରେ ଜିଲ୍ଲାସ୍ତରୀୟ ଡାକ୍ତରଖାନା ଜୈବ ବର୍ଜ୍ୟବସ୍ତୁ ପରିଚାଳନା ପରିଷଦ ବୈଠକ ସହିତ ବୈଠକର ଆବାହକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା. ସନ୍ତୋଷ କୁମାର ପାତ୍ର, ଅତିରିକ୍ତ ଏସ୍.ପି. ବିଜୟ ରଞ୍ଜନ କେର୍କେଟା, ଭଦ୍ରକ ପୌରପରିଷଦର ନର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ, ସଂପୃକ୍ତ ଡ଼ାକ୍ତର ସ୍ୱାସ୍ଥ୍ୟ ବିଭାଗ ଏବଂ ଅନ୍ୟ ସରକାରୀ ବିଭାଗୀୟ ଅଧିକାରୀମାନେ ଯୋଡ଼ି ହୋଇଥିଲେ । ବୈଠକର କାର୍ଯ୍ୟସୂଚୀ ଅନୁଯାୟୀ ଖାଦ୍ୟ ନିରାପତ୍ତା, ଡ଼ାକ୍ତରଖାନାର ବର୍ଜ୍ୟବସ୍ତୁ ନିଷ୍କାସନର ସଠିକ ପରିଚାଳନା, ଏଡ଼୍‌ସ ନିୟନ୍ତ୍ରଣ, ଜାତୀୟ ଗୁଣବତ୍ତା ଆଧାରରେ କାୟାକଳ୍ପ ପୁରସ୍କାର ପାଇଁ ଯୋଗ୍ୟତା ହାସଲ ନେଇ ଧାର୍ଯ୍ୟ ଲକ୍ଷ୍ୟ ପୂରଣ, ସୁରକ୍ଷିତ ମାତୃତ୍ୱ, ପରିବାର ନିୟୋଜନ ଯୋଜନା ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରାଯିବା ସହିତ କେତେକ କ୍ଷେତ୍ରରେ ଆଖିଦୃଶିଆ ପଦକ୍ଷେପ ନେବା ପାଇଁ ଜିଲ୍ଲାପାଳ ପରାମର୍ଶ ଓ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ଏପ୍ରିଲ-୨୨ରୁ ମାର୍ଚ୍ଚ ୨୩ ପର୍ଯ୍ୟନ୍ତ ଖାଦ୍ୟ ନିରାପତ୍ତା ସ୍କ୍ୱାଡ୍ ଦ୍ୱାରା ଖାଦ୍ୟ ଗୁଣବତ୍ତା ଧାରା ୬୯ ଅବମାନନାର ଧରପଗଡ଼ରେ ୪୭ ଜଣଙ୍କ ଠାରୁ ସମୁଦାୟ ୫୧,୪୦୦ଟଙ୍କା ଆଦାୟ କରାଯାଇଛି । ଏଥିସହ ଲାଇସେନସ୍ ରେଜିଷ୍ଟ୍ରେସନ ସାର୍ଟିଫିକେଟ୍ ଆଦି ରୁ ଆଦାୟ ରାଜସ୍ୱ ବାବଦ ସମୁଦାୟ ୧୮,୬୩,୭୦୦ଟଙ୍କା ଜମା ଦିଆଯାଇଛି । ବର୍ଷ ମଧରେ ୩୭୦ଟି ଲାଇସେନସ୍ ୭୮୦ଟି ରେଜିଷ୍ଟ୍ରେସନ୍ ସାର୍ଟିଫିକେଟ୍ ପ୍ରଦାନ କରାଯାଇଛି । ନିୟମିତ ଭାବେ ୩୯ଟି ଓ ଧରପଗଡ଼ରେ ୯୪ଟି ନମୂନା ସଂଗ୍ରହ କରାଯାଇଛି । ସମୁଦାୟ ୧୮୦ଟି ଇନିସ୍‌ପେକସନ୍ ପରିଚାଳନା କରାଯାଇଛି । ସୂଚନାଯୋଗ୍ୟକି ବାର୍ଷିକ ୧୨ଲକ୍ଷରୁ ୨୦ କୋଟି ପର୍ଯ୍ୟନ୍ତ କାରବାର କରୁଥିବା ଖାଦ୍ୟ ବ୍ୟବସାୟୀମାନଙ୍କ ପାଇଁ ଲାଇସେନସ୍ ଓ ୧୨ ଲକ୍ଷରୁ କମ୍ ପାଇଁ ପଞ୍ଜିକରଣ ବ୍ୟାବସ୍ଥା ଅଛି । ଏହି ବ୍ୟବସ୍ଥା ନେଇ ସଂପୃକ୍ତ ବ୍ୟବସାୟୀମାନଙ୍କ ମଧରେ ଅଧିକରୁ ଅଧିକ ସଚେତନତା ପାଇଁ ପଦକ୍ଷେପ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏଥିପାଇଁ ୮ଟି ଶିବିର, ଖାଦ୍ୟ ନିରାପତ୍ତା ସଚେତନତା ପାଇଁ ଖାଦ୍ୟ ବ୍ୟବସାୟୀଙ୍କୁ ନେଇ ୫୦ଟି ତାଲିମ୍ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ନେଇ ସୂଚନା ଦିଆଯାଇଥିଲା । ଭଦ୍ରକରେ ୧୪ଟି ରେଷ୍ଟୁରାଣ୍ଟରେ ସ୍ୱାସ୍ଥ୍ୟପ୍ରଦ ପରିବେଶ ଥିବା ଓ ଇଟ୍ ରାଇଟ୍ ସ୍କୁଲ ଭାବେ ଜୱାହର ନବଦୋୟ ବିଦ୍ୟାଳୟ, ଭଦ୍ରକକୁ ସୂଚିତ କରାଯାଇଥିବା ନେଇ ଖାଦ୍ୟ ନିରାପତ୍ତା ଅଧିକାରୀ ବିଭୁଦତ୍ତ ଦାସଙ୍କ ଦ୍ୱାରା ଉପସ୍ଥାପନ କରାଯାଇଥିଲା ।

## ଟର୍ଣ୍ଣାଡୋରେ ମୃତ୍ୟୁବରଣ କରିଥିବା ଶିକ୍ଷକ ଓ ୨୧ଜଣ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମୃତି ସଭା



ଜଳେଶ୍ୱର, ୨୪/୦୩ (ନି.ପ୍ର): ଗତ ୧୯୯୮ ମସିହା ମାର୍ଚ୍ଚ ୨୪ ତାରିଖରେ ଜଳେଶ୍ୱରର ଗୋବରଘଟା ପଞ୍ଚାୟତରେ ହୋଇଥିବା ଟର୍ଣ୍ଣାଡୋରେ ମୃତ୍ୟୁବରଣ କରିଥିବା ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ ରାଉଳ ଓ ୨୧ଜଣ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇ ଯାଇଛି । ୨୫ବର୍ଷ ପୂର୍ତ୍ତି ଉପଲକ୍ଷେ ଆଜି ଅପରାହ୍ନରେ ଗୋବରଘଟାଠାରେ ଥିବା ଯଦୁନାଥ ସୀମାନ୍ତ ଉଚ୍ଚ ବିଦ୍ୟାଳୟ ଓ ସାଧୁ ବିନୋଦିନୀ ଉପ୍ରା ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପଂଚାୟତରେ ଥିବା ସ୍ମୃତିପୀଠରେ ପୁଷ୍ପାର୍ଘ୍ୟ ଦେବା ସହିତ ସ୍ମୃତିଚାରଣ କରିଥିଲେ। ପ୍ରଧାନ ଶିକ୍ଷକ ରାମକୃଷ୍ଣ ଦତ୍ତ, ଚନ୍ଦ୍ରଶେଖର ଆଚାର୍ଯ୍ୟ ଏବଂ ଉଭୟ ବିଦ୍ୟାଳୟର ସମସ୍ତ ଶିକ୍ଷକ/ଶିକ୍ଷୟତ୍ରୀଙ୍କ ସହିତ ସରପଂଚ ପ୍ରତିନିଧି ଚନ୍ଦନ କର, ବ୍ଲକ ସଦସ୍ୟ ନାଥୁରାମ ହେମ୍ବ୍ରମ, ଅନନ୍ତ ଘୋଷ, ଶିଶିର ଭୂୟାଁ, ତପନ ପ୍ରଧାନ, ଦେବେନ୍ଦ୍ର କର, ଧର୍ମିଷ୍ଠା ଗିରି, ବସନ୍ତ ଦାସ, ଅଜୟ ପଣ୍ଡା ଓ ଗ୍ରାମବାସୀମାନେ ଉପସ୍ଥିତ ରହି ସମବେତ ପ୍ରାର୍ଥନା କରିବା ସହିତ ସ୍ୱର୍ଗତ ଆତ୍ମାର ସ୍ମୃତିଚାରଣ କରିଥିଲେ ।

## ଜୀ-ସାର୍ଥକରେ ବିବାହ ମହୋତ୍ସବ




ଭୁବନେଶ୍ୱର, ୨୩/୦୩ (ନି.ପ୍ର): ଜୀ-ସାର୍ଥକରେ ଆସିଛି ବିବାହ ଋତୁ । ତିନୋଟି ମେଗା ଧାରାବାହିକରେ ହେବ ମହାମିଳନ । ଦର୍ଶକଙ୍କୁ ଛୁଇଁବ ଏହି ସବୁ ମେଗା ଧାରାବାହିକ କାହାଣୀର ଟ୍ୱିଷ୍ଟ । ଜୀ ସାର୍ଥକରେ ଲୋକାଦୃତ ପାଲଟିଥିବା 'ସୁନା ଝିଅ', 'ତୁ ଖରା ମୁଁ ଛାଇ' ଏବଂ 'ଖୁସିର ଛୁଙ୍କ' ର ସମାହରରେ ହେବ ବିବାହ ମହୋତ୍ସବ । ଖାଲି ଏତିକିରେ ସର ନାହିଁ ଜୀ-ସାର୍ଥକର ବିବାହ ଋତୁ, ଏହା ବ୍ୟତୀତ ଦିଦି ନଂ -୧ ଏବଂ ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସ ରେ ମଧ ଦେଖିବାକୁ ପାଇବେ ବିବାହ ମହୋତ୍ସବକୁ ନେଇ ନିଆରା ଏପିସୋଡ । ସମୟର ଚକ ବୁଲୁଛି । ପରିସ୍ଥିତିର ଦାସ ଏ ମଣିଷ କେମିତି ପରିସ୍ଥିତିର ସାମ୍ନା କରୁଛି । ହାତ ଧରି ସାଥି କରିଥିବା ମଣିଷ ମଧ ଅନ୍ୟ ଜଣଙ୍କୁ ସାଥି ଭାବେ ଗ୍ରହଣ କରିବାକୁ ବାଧ ହେଉଛି । ଆଉ ସେ ସମୟରେ କଣ ଘଟୁଛି ? କେମିତି ଆଗକୁ ଅତିବାହିତ ହେଉଛି ସମ୍ପର୍କର ନାଆ... । ଏଭଳି ତିନୋଟି ମେଗା ଧାରାବାହିକର ମହାମିଳନକୁ ନେଇ ଆସୁଛି ବିବାହ ମହୋତ୍ସବ । କାହାଣୀ 'ସୁନା ଝିଅ' ରେ ଆସିଛି ଅଦ୍ଭୁତ ପରିବର୍ତ୍ତନ । ସୁନା ଝିଅ ହେଉଛି ପ୍ରିୟା, ଜଣେ ସ୍ୱାଧୀନ ଝିଅର କାହାଣୀ, ଯାହାର ଇଚ୍ଛା ଜଣେ ବିଡିଓ ହୋଇ ନିଜ ମା'କୁ ଗର୍ବିତ କରିବ । ଏବେ କାହାଣୀରେ ବିଷ୍ଣୁ ନେତ୍ରା ବଦଳରେ ପ୍ରିୟାକୁ ସିନ୍ଦୁର ପିନ୍ଧେଇ ଦେଉଛି । ହେଲେ ପ୍ରିୟା କଣ ବିଷ୍ଣୁକୁ ସ୍ୱାମୀ ଭାବରେ ଗ୍ରହଣ କରିବ ? କଣ ହେଉଛି ଆଗକୁ, ଏମିତି ସବୁ ପ୍ରଶ୍ନର ଉତ୍ତର ଦେବାକୁ ଜୀ-ସାର୍ଥକରେ ଖୁବ ଶୀଘ୍ର ଦେଖିବାକୁ ପାଇବେ ବାହାଘର ମହୋତ୍ସବ ର ନିଆରା ଅଧ୍ୟାୟ। ଯାହାକୁ ଦେଖିବାକୁ ପାଇବେ ସନ୍ଧ୍ୟା ୭.୩୦ ରେ । 'ତୁ ଖରା ମୁଁ ଛାଇ' ଯାହାର ମୁଖ୍ୟ ଚରିତ୍ର ମାନିନୀର କାହାଣୀକୁ ନେଇ ପ୍ରସ୍ତୁତ ଏହି ଧାରାବାହିକ । ମାନିନୀ ଏମିତି ଏକ ଚରିତ୍ର ଯିଏ ଆଡେ ଯାଏ କିଛି ନା କିଛି ବିଗାଡି ଦିଏ, ନାୟକ ଅଭିମନ୍ୟୁ ଙ୍କୁ କିନ୍ତୁ ସବୁକିଛି ପରଫେକ୍ଟ ଦରକାର କ୍ଷ କିନ୍ତୁ ଏବେ ଏହି କାହାଣୀରେ ଘଟୁଛି କିଛି ଟ୍ୱିଷ୍ଟ । ଏଜେକୁ ବାହା ହେବା ପାଇଁ ଈଶିତା ପୁରା ପ୍ରସ୍ତୁତ ହେଲେ ଠିକ୍ ସମୟରେ ମିଳନ କିଡନ୍ୟାପ କରୁଛି ସିଦ୍ଧିକୁ ଆଉ ତା ଭଉଣୀ ମାନିନୀକୁ ବାଧ କରୁଛି ଏଜେକୁ ବାହା ହେବା ପାଇଁ, ନହେଲେ ସେ ସିଦ୍ଧି କୁ ମାରିଦେବା ପାଇଁ ଧମକ ଦେଉଛି । ଏବେ ମାନିନୀ କ'ଣ କରିବ ? ତେବେ ଅପ୍ରତ୍ୟାଶିତ ଭାବରେ ଦୁଇ ଜଣ ବାହା ହେଉଛନ୍ତି କିନ୍ତୁ ପରେ ଦୁଇଜଣ ଏକାଠି କେମିତି ରହିପାରିବେ କାରଣ ମାନିନୀ ସବୁବେଳେ କିଛି ନା କିଛି ବିଗାଡି ଦିଏ ଓ ଏଜେକୁ ସବୁକିଛି ପର୍ଫେକ୍ଟ ଦରକାର ! ରାତି ୮.୩୦ ରେ ଦେଖିବେ କାହାଣୀର ମୋଡ଼ କେମିତି ବଦଳୁଛି । 'ଖୁସିର ଛୁଙ୍କ' ଏକ ଗତିଶୀଳ କାହାଣୀ । ଆଉ ଏହାରି ଭିତରେ କରନ୍ ଖୁସି ପ୍ରତି ଥିବା ନିଜ ଭଲ ପାଇବାର କଠିନ ପରୀକ୍ଷା ଦିଏ। ତାପରେ ସୂର୍ଯ୍ୟକାନ୍ତ ଘୋଷଣା କରନ୍ତି କରନ୍ ଏବଂ ଖୁସିର ବିବାହ। କିନ୍ତୁ ବିବାହ ଦିନ ସୁଷମାର ଷଡ଼ଯନ୍ତ୍ର ଅନୁଯାୟୀ ଅନ୍ୟ ଜଣେ ଝିଅ ଆସି ନିଜକୁ କରନ୍ ର ସ୍ତ୍ରୀ ବୋଲି ଦାବି କରେ, ଆକ୍ସିଡେଣ୍ଟ ପରେ କରନ୍ ସ୍ମରଣ ଶକ୍ତି ହରେଇଥିବା ଯୋଗୁଁ ନିଜ ସ୍ତ୍ରୀ କୁ ଭୁଲି ଯାଇଛନ୍ତି ବୋଲି କୁହେ। ଏସବୁ ଘଟଣା ପରେ ସୁଷମାଙ୍କ ପରାମର୍ଶ ମୁତାବକ ସୂର୍ଯ୍ୟକାନ୍ତ ନିଷ୍ପତ୍ତି ନିଅନ୍ତି ଖୁସିର ବିବାହ ରଜତ ସହ କରିବାକୁ । ଏମିତି କିଛି ଘଟଣାକୁ ନେଇ କାହାଣୀ ଏବେ ଗତିଶୀଳ। କଣ ଅଲଗା ହୋଇଯିବେ ଖୁସି କରନ ? ଏବେ ଖୁସି କଣ ରାଜି ହେବ ରଜତକୁ ବାହା ହେବା ପାଇଁ? ଦେଖନ୍ତୁ ରାତି ୯ ଟାରେ 'ଖୁସିର ଛୁଙ୍କ' । ସମ୍ପୂର୍ଣ୍ଣ ଓଡିଆ ଘର ବାହାଘର ପରି କାହାଣୀ ରେ ରହିଛି ସଙ୍ଗୀତ, ହଳଦୀ ଓ ଆହୁରି ଅନେକ ସମାରୋହ ଓ ପର୍ବ । ପୁରା ନାଚ ଗୀତ ସହିତ ପାରିବାରିକ ମିଳନ ହେବ କେବଳ ଜୀ-ସାର୍ଥକରେ । ଦର୍ଶକଙ୍କୁ ନିଶ୍ଚୟ ଏହି କାହାଣୀ ସବୁ ଛୁଇଁବ ବୋଲି ଆଶା ପ୍ରକାଶ କରିଛନ୍ତି ଜୀ-ସାର୍ଥକ ଚିଫ୍ ଚ୍ୟାନେଲର ଅଫିସର ପ୍ରତୀକ ସିଲ୍ ।

## ଆଠ ବର୍ଷ ଧରି ସରୁନି ପୋଲ ନିର୍ମାଣ : ପାଞ୍ଚ ବର୍ଷ ଧରି ଠିଆ ହୋଇଛି ଦୁଇଟି ପିଲର



ଲଙ୍ଗଳେଶ୍ୱର, ୨୪/୦୩ (ନି.ପ୍ର): ପୋଲ ନିର୍ମାଣ ହେବ, ଯାତାୟାତ ର ସୁବିଧା ହେବ ଭାବି ଲୋକ ମାନେ ଆନନ୍ଦିତ ଥିଲେ।କିନ୍ତୁ ଏଇ ଖୁସି ,ଖୁସିରେ ହିଁ ରହିଗଲା।ପାଞ୍ଚ ବର୍ଷ ଧରି ଦୁଇଟି ପିଲର ଠିଆ ହେବା ପରେ କାର୍ଯ୍ୟ ବନ୍ଦ ହୋଇ ପଡିଛି।ଏମିତି ଏକ ଦୁର୍ଭାଗ୍ୟ ଜନକ ଘଟଣା ଦେଖିବାକୁ ମିଳିଛି ବାଲିଆପାଳ ବ୍ଲକ ଅନ୍ତର୍ଗତ ଜାମକୁଣ୍ଡା ପଞ୍ଚାୟତ ର ବଡ଼ତାଳପଦା ଗ୍ରାମରେ। ବଡ଼ତାଳପଦା ଠାରୁ କୁହ୍ଲାଚଡ ଗ୍ରାମ ଏବଂ ବାଲିଆପାଳ ସଦର ମହକୁମା କୁ ଯାତାୟାତ ପାଇଁ କୋଷ୍ଟକେନାଲ ଉପରେ ପୋଲ ନିର୍ମାଣ ପାଇଁ ଗ୍ରାମଉନ୍ନୟନ ବିଭାଗ ରୁ ମଞ୍ଜୁର ହୋଇଥିଲା ୩କୋଟି୮୦ଲକ୍ଷ ଟଙ୍କା । ୨୦୧୭ମସିହା ଜୁଲାଇ ମାସ ରେ ପୋଲ କାର୍ଯ୍ୟ ସହିତ ସଂଯୋଗ ରାସ୍ତା କାର୍ଯ୍ୟ ଶେଷ କରିବା ପାଇଁ ସୁମନ୍ତ ସୋ ନାମକ ଠିକାଦାରଙ୍କ ସହିତ ୨୦୧୬ମସିହା ଅଗଷ୍ଟ ମାସରେ ଚୁକ୍ତିପତ୍ର ସ୍ୱାକ୍ଷର ହୋଇଥିଲା। କିନ୍ତୁ କେନାଲ ର ଦୁଇ ପାଖରେ କେବଳ ଦୁଇଟି ପିଲର ଉଠିବାକୁ ଠିକାଦାର ନେଲେ ଦୁଇ ବର୍ଷ।କୋଟିଏ ଟଙ୍କା ମୂଲ୍ୟରେ ଦୁଇଟି ପିଲର ଉଠାଇ ୩କୋଟି ଟଙ୍କା ଆତ୍ମସାତ କରି ଠିକାଦାର ଛୁ ମାରିଥିବା ଲୋକେ ଅଭିଯୋଗ କରିଛନ୍ତି।ବିଭାଗୀୟ ଯନ୍ତ୍ରୀ ଏବଂ ଠିକାଦାରଙ୍କ ମଧୁଚନ୍ଦ୍ରିକା କରି ସରକାରୀ ଅର୍ଥ ର ମାଲେ ମାଲ ହୋଇଥିଲା ବେଳେ ଏ ଅଞ୍ଚଳ ଲୋକଙ୍କ ଦୁର୍ଦଶା ହଟିଲା ନାହିଁ।ବିପଦ ସଂକୁଳ ହାତ ତିଆରି ପୋଲରେ ଯାତାୟାତ କରୁଛନ୍ତି ଅଞ୍ଚଳ ବାସୀ।ଅଧିକାଂଶ ସମୟରେ ଦୁର୍ଘଟଣା ଗ୍ରସ୍ତ ହୋଇ ବହୁ ଲୋକ ନଦୀକୁ ଖସିପଡିବାର ଅଭିଯୋଗ ହୋଇଛି।ବନ୍ୟା ସମୟରେ ଯାତାୟାତ ପୁରାପୁରି ଠପ ହୋଇଯାଏ।ପାଞ୍ଚ ବର୍ଷ ଧରି କେବଳ ପିଲର କୁ ଚାହିଁ ପୋଲରେ ଚାଲିବେ ବୋଲି ଆଶା ବାନ୍ଧି ବସିଛନ୍ତି ଲୋକେ। ପୋଲ ନିର୍ମାଣ ସାରିବାକୁ ଆଉ କେତେବର୍ଷ ଲାଗୁଚି ଦେଖିବାକୁ ବାକି ରହିଲା। ଏ ବାବଦରେ ବିଭାଗୀୟ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ କ୍ଷୀରୋଦ ସାମଲ ସହିତ ଯୋଗାଯୋଗ କରିବାରୁ ସେ କହିଲେ କିଛିମାସ ପୂର୍ବେ ବିଭାଗୀୟ ମୁଖ୍ୟ ଯନ୍ତ୍ରୀ ଆସି ପୋଲ କାର୍ଯ୍ୟ ନିରୀକ୍ଷଣ କରିଥିଲେ।କାର୍ଯ୍ୟ ପୂର୍ଣ୍ଣାଙ୍ଗ ପାଇଁ କଲିକତାର ଦୁଇ ଏଜେନ୍ସି ଗାର୍ଡେନ ଏଣ୍ଡ ରିଚ ଓ ବ୍ରିଜ ଏଣ୍ଡ ରୋଡ଼ ଠାରୁ ଅଫର ଲେଟର ମାଗିଥିଲୁ ।ପୁଣି ତିନି କୋଟି ୮୦ ଲକ୍ଷ ଟଙ୍କାର ନୂଆ ଟେଣ୍ଡର ହୋଇ କାର୍ଯ୍ୟ ହେବ ବୋଲି କହିଛନ୍ତି।ତେବେ କେବେ ପୋଲ କାର୍ଯ୍ୟ ନିର୍ମାଣ ହେବ ଦେଖିବାକୁ ବାକି ରହିଲା।ପିଲର କାର୍ଯ୍ୟ କରି ଛୁ ମାରିଥିବା ଠିକାଦାର ଙ୍କ କାର୍ଯ୍ୟର ଭିଜିଲାନ୍ସ ତଦନ୍ତ କରିବାକୁ ସାଧରଣରେ ଦାବି ହେଉଛି।

# ପଖାଳ ଦିବସରେ ମନ୍ତ୍ରୀଙ୍କ ବିବୃତିକୁ ନେଇ ଜଳେଶ୍ୱର ବିଜେପି ପକ୍ଷରୁ ବିକ୍ଷୋଭ

ଜଳେଶ୍ୱର, ୨୪/୦୩ (ନି.ପ୍ର): ମାର୍ଚ୍ଚ ୨୦ ତାରିଖ ଭୁବନେଶ୍ୱର ଠାରେ ପଖାଳ ଦିବସରେ ଆୟୋଜିତ ହୋଇଥିବା ଉତ୍ସବରେ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇ କେତେକ ବିବୃତ୍ତିରେ ଚର୍ଚ୍ଚାକୁ ଆସିଛନ୍ତି । ଓଟିଡିସି ପକ୍ଷରୁ ଆୟୋଜିତ ଉତ୍ସବର ମଂଚ ବେନାରରେ ପଖାଳ ଦିବସକୁ ଇଂରାଜୀରେ ଲେଖିବା ଏବଂ ବିଭାଗୀୟ ମନ୍ତ୍ରୀ ଓଡିଆ ଭାଷାକୁ କୁତ୍ସିତ କରିବାକୁ ନେଇ ଆଜି ଜଳେଶ୍ୱର ବିଜେପି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଓଟିଡିସିର ଚେୟାରମ୍ୟାନ ତଥା ବିଜେଡି ରାଜ୍ୟ ପ୍ରବକ୍ତା ଲେଲିନ୍ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ ପାତ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ । ମଂଚରେ ଲାଗିଥିବା ବ୍ୟାନର ଇଂରାଜୀ ଭାଷାରେ ଲେଖା ଯାଇଥିବା ସଂପର୍କରେ କେତେକ ସାମ୍ବାଦିକ ପ୍ରଶ୍ନ କରିଥିବା ବେଳେ ଭାଷା ଓ ଲେଖାର କୌଣସି ଗୁରୁତ୍ୱ ନାହିଁ ବୋଲି ଦେଇଥିବା ଟିପ୍ପଣୀ ବିରୋଧରେ ଆଜି ଜଳେଶ୍ୱର ବିଜେପି ପକ୍ଷରୁ ବିକ୍ଷୋଭ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇ ଯାଇଛି । ବିଜେପି ନଗର ସଭାପତି ଫାଲଗୁନୀ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଜଳେଶ୍ୱର ବାସନ୍ତୀପଡିଆଠାରେ ଅନୁଷ୍ଠିତ ସଭାରେ ବିଭାଗୀୟ ମନ୍ତ୍ରୀ ଓଡିଆ ଭାଷା ଓ ସଂସ୍କୃତିକୁ ଅପମାନିତ କରିଥିବାରୁ ଓଡିଶାବାସୀଙ୍କୁ କ୍ଷମା ପ୍ରାର୍ଥନା ମାଗନ୍ତୁ ବୋଲି ଦାବି କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଷ୍ଟ୍ରୀୟ ପରିଷଦ ସଦସ୍ୟ ସମୀର ପାତ୍ର, ସାଂସଦ ପ୍ରତିନିଧି ଶାନ୍ତନୁ ପଟ୍ଟନାୟକ, ଜିଲା ଉପସଭାପତି ପ୍ରବୀର ପ୍ରଧାନ, ସାବିତ୍ରୀ ଜେନା, ଯୁବନେତା ସିଦ୍ଧାର୍ଥ ଶଂକର ପାଳ, ସୁମତୀ ଦେ, ତପନ ବିଶ୍ୱାଳ, ବିଶ୍ୱରୂପ ଦାସ, ରାମକୃଷ୍ଣ ସାହୁ, ସତ୍ୟବ୍ରତ ପଣ୍ଡା ପ୍ରମୁଖ ଯୋଗ ଦେଇ ମନ୍ତ୍ରୀଙ୍କ ଏପରି କାର୍ଯ୍ୟକୁ ଦୃଢ ନିନ୍ଦା କରିଥିଲେ । ଏ ସଂପର୍କରେ ମନ୍ତ୍ରୀଙ୍କୁ ପଚାରିବାରୁ ଏହା ଏକ ପ୍ରାସଙ୍ଗିକତା ନୁହେଁ ବରଂ ବହୁ ଅଣ ଓଡିଆ ଏହାକୁ ପାଳନ କରୁଥିବାରୁ ତାହା ଓଡିଶାବାସୀଙ୍କ ଲାଗି ଗୌରବ ବୋଲି କହିଥିଲେ ।

# ଜିଲ୍ଲାସ୍ତରୀୟ ବିଶ୍ୱ ଯକ୍ଷ୍ମା ଦିବସ ଅନୁଷ୍ଠିତ



ବାଲେଶ୍ୱର, ୨୪/୦୩ (ନି.ପ୍ର): ବିଶ୍ୱ ଯକ୍ଷ୍ମା ଦିବସ ଅବସରରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆଶାକର୍ମୀ ଓ ଏଏନଏମଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଜିଲାମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦୁଲାଲ ସେନ ଜଗଦେବ ପତାକା ଦେଖାଇ ଏହି ଶୋଭାଯାତ୍ରାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହିତ ବିଶ୍ୱ ଯକ୍ଷ୍ମା ଦିବସ ପାଳନର ଯଥାର୍ଥତା ସମ୍ପର୍କରେ ଆଲୋଚନା କରିଥିଲେ । ବୈଜ୍ଞାନିକ ରବର୍ଟ କଚ ଯକ୍ଷ୍ମା ଜୀବାଣୁ ଉଦ୍‌ଭାବନ କରିଥିବା ବେଳେ ସେହିଦିନ ଠାରୁ ସମଗ୍ର ବିଶ୍ୱରେ ମାର୍ଚ୍ଚ ୨୪ ତାରିଖକୁ ଯକ୍ଷ୍ମା ଦିବସ ଭାବେ ପାଳନ କରାଯାଉଛି ବୋଲି ସେ କହିଥିଲେ । ତେବେ ଔଷଧ ସେବନରେ ଯକ୍ଷ୍ମା ରୋଗ ଅନ୍ୟାୟସରେ ଦୂର ହୋଇ ପାରୁଥିଲେ ମଧ୍ୟ ରୋଗଗ୍ରସ୍ତ କିଛି ବ୍ୟକ୍ତି ଅନିୟମିତ ଔଷଧ ବ୍ୟବହାର ଏଥିରେ ଅନ୍ତରାୟ ହୋଇଛି ବୋଲି ସିଡିଏମଓ ଡାକ୍ତର ଜଗଦେବ କହିଥିଲେ । ତେବେ ଆସନ୍ତା ୨୦୨୫ ମସିହା ସୁଦ୍ଧା ଜିଲାରୁ ଯକ୍ଷ୍ମା ରୋଗର ମୂଳ ଉତ୍ପାଟନର ଲକ୍ଷ୍ୟ ରଖାଯାଇଥିବା ବେଳେ ଏନେଇ ସବୁ ମହଲରୁ ଉଦ୍ୟମର ଆବଶ୍ୟକତା ରହିଛି ବୋଲି ସିଡିଏମଓ ମତ ଦେଇଥିଲେ । ସମ୍ପ୍ରତି ମାଗଣା ଔଷଧ ସାଙ୍ଗକୁ ପଥ୍ୟ ବାବଦକୁ ଯକ୍ଷ୍ମାରୋଗୀଙ୍କୁ ସରକାରଙ୍କ ପକ୍ଷରୁ ମାସିକ ୫ଶହ ଟଙ୍କା ପ୍ରଦାନ କରାଯାଉଥିବା ବେଳେ ରୋଗୀ ପରିବାର ଟିକିଏ ଯତ୍ନବାନ ହେଲେ ସହଜରେ ଜଣେ ରୋଗମୁକ୍ତ ହୋଇ ପାରିବ ବୋଲି ଡାକ୍ତର ଜଗଦେବ ପ୍ରକାଶ କରିଥିଲେ । ଯକ୍ଷ୍ମା ରୋଗ ନିରାକରଣ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ବିଶ୍ୱରଞ୍ଜନ ନାୟକ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ । ୨୦୨୨ ମସିହାରେ ଜିଲ୍ଲା ଯକ୍ଷ୍ମା ବିଭାଗ ପକ୍ଷରୁ ମୋଟ ୬୯ ହଜାର ୮୭୩ ଜଣଙ୍କର କଫ ପରୀକ୍ଷା କରାଯାଇ ୨ହଜାର ୩୩୬ ଜଣ ଯକ୍ଷ୍ମା ରୋଗୀଙ୍କୁ ଚିହ୍ନଟ କରାଯାଇଥିଲା । ତନ୍ମଧ୍ୟରୁ ଡଟ୍ସ ମାଧ୍ୟମରେ ଔଷଧ ଖାଇ ମୋଟ ୨ହଜାର ୧୫୬ ଜଣ ରୋଗମୁକ୍ତ ହୋଇଛନ୍ତି । ତେବେ କିଛିଦିନ ଖାଇବା ପରେ ଔଷଧ ବନ୍ଦ କରିଥିବା ୧୪୬ ଜଣଙ୍କ ମଧ୍ୟରୁ ୩୪ ଜଣଙ୍କର ମୃତ୍ୟୁ ହୋଇଥିବା ଶ୍ରୀ ନାୟକ ପ୍ରକାଶ କରିଥିଲେ ।

# ରାହୁଲ ଗାନ୍ଧୀଙ୍କୁ ଦଣ୍ଡାଦେଶ ନେଇ କଂଗ୍ରେସର ପ୍ରତିବାଦ




ବାଲେଶ୍ୱର, ୨୪/୦୩ (ନି.ପ୍ର): କୋର୍ଟ ପକ୍ଷରୁ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ କାରାଦଣ୍ଡ ଆଦେଶ ବିରୋଧରେ ଦେଶବ୍ୟାପୀ ପ୍ରତିବାଦ ଓ ବିକ୍ଷୋଭ ଚାଲିଥିବା ବେଳେ ବାଲେଶ୍ୱରରେ ମଧ୍ୟ ଅନୁରୂପ ପ୍ରତିଫଳନ ପରିଲକ୍ଷିତ ହୋଇଛି । ଜିଲା କଂଗ୍ରେସ କମିଟି ପକ୍ଷରୁ ଶୁକ୍ରବାର ସହରର ଫକୀର ମୋହନ ଗୋଲେଇ ଠାରେ ବିକ୍ଷୋଭ ପ୍ରଦର୍ଶନ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା । ଏହି ଅବସରରେ ଜିଲ୍ଲା କଂଗ୍ରେସ ସଭାପତି ସଂଜୀବ ଗିରିଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ଫକୀର ମୋହନ ଗୋଲେଇରେ ପହଞ୍ଚିଥିଲା । ସେଠାରେ କେନ୍ଦ୍ର ସରକାର ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଭିନ୍ନ ଦୁର୍ନୀତି ସମ୍ବଳିତ କାର୍ଯ୍ୟଧାରାକୁ ତୀବ୍ର ସମାଲୋଚନା କରାଯାଇଥିଲା । କଂଗ୍ରେସ କର୍ମୀମାନେ ବିଭିନ୍ନ ସ୍ଲୋଗାନ ଦେବା ସହ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ । ଆସନ୍ତା ସୋମବାର ଦିନ ମଧ ଏହି ପ୍ରତିବାଦ ଆହୁରି ଜୋରଦାର ହେବା ସହ ପଦଯାତ୍ରା ମାଧ୍ୟମରେ ଜନସାଧାରଣଙ୍କୁ କେନ୍ଦ୍ର ସରକାରଙ୍କ ଦୁର୍ନୀତପୂର୍ଣ୍ଣ କାର୍ଯ୍ୟଧାରା ସମ୍ପର୍କରେ ସଚେତନ କରାଯିବ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି । ଜିଲା ସଭାପତି ଶ୍ରୀ ଗିରି କହିଥିଲେ କି ନୀରବ ମୋଦିଙ୍କ ଠାରୁ ଆରମ୍ଭ କରି ଲଳିତ ମୋଦି ପର୍ଯ୍ୟନ୍ତ ମୋଟ ୨୩ ଜଣ ଗୁଜୁରାଟୀ ବ୍ୟକ୍ତିତ୍ୱ ଦେଶର ୧୭ଟି ରାଷ୍ଟ୍ରୟତ ଓ ଘୋରାଇ ବ୍ୟାଙ୍କରୁ ଲକ୍ଷ ଲକ୍ଷ କୋଟି ଟଙ୍କା ଋଣ ନେଇ ପରିଶୋଧ ନକରି ଦେଶ ଛାଡ଼ି ଚମ୍ପଟ ମାରଛନ୍ତି । ସେତେବେଳେ ପ୍ରଧାନମନ୍ତ୍ରୀ ନୀରବ ରହିଲେ ଓ ଲଳିତ ମୋଦିଙ୍କ ବିରୋଧରେ ଲୁକ ଆଉଟ ନୋଟିସ ପ୍ରତ୍ୟାହାର ପାଇଁ ଷଡ଼ଯନ୍ତ୍ର କଲେ । ରାହୁଲ ଗାନ୍ଧୀ ଅଦାଲତରେ ନିଜ ବିବୃତ୍ତି ପାଇଁ କ୍ଷମା ପ୍ରାର୍ଥନା ନକରି ଦଣ୍ଡ ଭୋଗିବାକୁ ପ୍ରସ୍ତୁତ ବୋଲି କହିଲେ । ରାହୁଲ ଗାନ୍ଧୀ ଆରଏସଏସ ନେତାଙ୍କ ଭଳି କ୍ଷମା ମାଗିବାକୁ ରାଜି ନଥିଲେ । ସାବରକାର ଇଂରେଜଙ୍କୁ କ୍ଷମା ମାଗି ଇଂରେଜ ସରକାରଙ୍କ ବିରୋଧରେ ଆନ୍ଦୋଳନ ନ କରିବାକୁ ସ୍ୱୀକାରୋକ୍ତି ଲେଖି ଭତ୍ତା ନେଉଥିଲେ, ମାତ୍ର ଏହି କ୍ରମରେ ରାହୁଳ ଗାନ୍ଧୀ ଭିନ୍ନ ବୋଲି ଶ୍ରୀ ଗିରି କହିଥିଲେ । ଏହି କାର୍ଯ୍ୟକ୍ରମରେ ଉପ-ସଭାପତି ଗୋପୀନାଥ ପାଢ଼ୀ, ଅର୍ଚ୍ଚନା ନନ୍ଦୀ, ପ୍ରଜ୍ଞା ପାରମିତା ମହାନ୍ତି, ଜୋସ୍ନା ସେନାପତି, ଯୁବ କଂଗ୍ରେସ ସଭାପତି ରଞ୍ଜନ ଦାସ, ଛାତ୍ର ସଭାପତି ଗୌତମ ସାହୁ, ଜୀବନ ମହାପାତ୍ର, ସରୋଜ ଲେଙ୍କା, ବିକାଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ବଲାଙ୍ଗୀରରେ ଶିଳ୍ପ ସ୍ଥାପନା ପାଇଁ ଦାବି କଲେ ନରସିଂହ

ଭୁବନେଶ୍ୱର, ୨୪/୦୩ (ନି.ପ୍ର): ବଲାଙ୍ଗୀର-ନୂଆପଡା ଅଂଚଳ ଦାଦନ ପ୍ରବଣ ଅଂଚଳ ହୋଇଥିବା କାରଣରୁ ବଲାଙ୍ଗିର ଜିଲ୍ଲାରେ ସରକାର ଅଗ୍ରାଧିକାର ଭିତିରେ ଶିଳ୍ପ ସ୍ଥାପନା କରିବାକୁ ପଦକ୍ଷେପ ନେବାକୁ ଦାବି କରିଛନ୍ତି କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର । ପ୍ରଶ୍ନୋତର କାର୍ଯ୍ୟକ୍ରମରେ ଶିକ୍ଷ ବିଭାଗ ସମ୍ପର୍କିତ ପ୍ରଶ୍ନରେ ଆଲୋଚନା ବେଳେ ଏଥିରେ ଭାଗ ନେଇ ସେ କହିଛନ୍ତି ଯେ ବଲାଙ୍ଗୀରରେ ଟେକ୍ସଟାଇଲ ପାର୍କ ପ୍ରତିଷ୍ଠା କରାଯିବା ଆବଶ୍ୟକ । ସେହିପରି ଦେଓଗାଁ ଠାରେ ଥିବା ଚିନି କଳକୁ ପୁଣି ଥରେ ଚଳାଇବା କିମ୍ବା କଂଟାବାଂଜୀ ଠାରେ ଥିବା ୭ ଶହ ଏକର ଜମିରେ ରେଳ ୱାଗନ ଫ୍ୟାକ୍ଟ୍ରି ସ୍ଥାପନା କରିବାକୁ ପ୍ରୟାସ କରାଯିବା ଆବଶ୍ୟକ ବୋଲି ସେ କହିଛନ୍ତି ।

## ଶୂନ୍ୟକାଳରେ ଉଠିଲା ରାଜ୍ୟରେ ଅପପୁଷ୍ଟି ଜନିତ ପ୍ରସଙ୍ଗ

ଭୁବନେଶ୍ୱର, ୨୪/୦୩ (ନି.ପ୍ର): ରାଜ୍ୟରେ ଅପପୁଷ୍ଟି ପ୍ରସଙ୍ଗ ବିଧାନସଭାରେ ଉଠିଛି । ବିରୋଧୀ ଦଳର ନେତା ଜୟ ନାରାୟଣ ମିଶ୍ର ଏହି ପ୍ରସଙ୍ଗ ଉଠାଇଛନ୍ତି । ଏହି ପ୍ରସଙ୍ଗକୁ ନେଇ ରାଜ୍ୟ ସରକାରଙ୍କୁ କାଠଗଡ଼ାରେ ଠିଆ କରାଇ୍ବା ସହ ବିଭାଗୀୟ ମନ୍ତ୍ରୀ ଏ ପ୍ରସଙ୍ଗରେ ବିଧାନସଭାରେ ବକ୍ତବ୍ୟ ପାଇଁ ନିର୍ଦ୍ଦେଶ ଦେବାକୁ ସେ ବାଚସ୍ପତିଙ୍କ ନିକଟରେ ଦାବି କରିଥିଲେ । ଶୂନ୍ୟକାଳରେ ସେ ଏବବି ପ୍ରସଙ୍ଗ ଉଠାଇ କହିଛନ୍ତି ଯେ କିଛି ବର୍ଷ ତଳେ ଆମେ ନଗଡାର ଚିତ୍ର ଦେଖିଥିଲେ । ଏବେ କଳିଙ୍ଗନଗରର ଚିତ୍ର ଆହୁରି କଦର୍ଯ୍ୟ ରହିଛି । କେବଳ ନଗଡ଼ା କି କଳିଙ୍ଗ ନଗର ନୁହେଁ ଓଡିଶାରେ ୧୯ ପ୍ରତିଶତ ଛୁଆ କମ ଓଜନର ଜନ୍ମ ହେଉଛନ୍ତି । ୩୧ ପ୍ରତିଶତ ଛୁଆ ପୃଷ୍ଟି ହୀନତା ର ଶିକାର, ୬୪ ପ୍ରତିଶତ ଶିଶୁ ରକ୍ତହୀନତାର ଶିକାର ହେଉଛନ୍ତି ସେହିଭଳି ୬୧.୮ ପ୍ରତିଶତ ଗର୍ଭବତୀ ମହିଳା ରକ୍ତହୀନତାର ଶିକାର ହେଉଛନ୍ତି । ସେ ପ୍ରଶ୍ନ କରିଛନ୍ତି ଯେ ଏଇଟା କଣ ମୋ ସରକାର, ଏଇଟା କଣ ଫାଇଭ ଟି । କଣ ଓଡ଼ିଶାର ବିକାଶ ବୋଲି କଲେ ପ୍ରଶ୍ନ କଲେ ଜୟନାରାୟଣ ।

## କମ୍ପ୍ୟୁଟର ସଚେତନତା ରଥର ଶୁଭ ଉଦ୍‌ଘାଟନ




ଭଦ୍ରକ, ୨୪/୦୩ (ନି.ପ୍ର): ଓ.କେ.ସି.ଏଲ୍. ତରଫରୁ କମ୍ପୁଟର ଶିକ୍ଷାର ଆବଶ୍ୟକତାକୁ ପ୍ରସାର ପ୍ରଚାର କରିବା ପାଇଁ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ସଚେତନତା ରଥ ପରିକ୍ରମା କାର୍ଯ୍ୟ ଆରମ୍ଭ ହୋଇଛି । ଭଦ୍ରକ ଜିଲ୍ଲାରେ ମଧ ଏହି ସଚେତନତା ରଥ ର ଶୁଭାରମ୍ଭ ହୋଇଯାଇଅଛି । ଆଜି ସକାଳ ୮ଘଟିକାରେ ଏହି ରଥକୁ ଓ.କେ.ସି.ଏଲ୍. ଅଧିକୃତ ମାକ୍ରୋୱେବ ଟେକ୍ନୋଲୋଜି କମ୍ପ୍ୟୁଟର ଶିକ୍ଷାନୁଷ୍ଠାନ ନିକଟରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିଲା । ଏହି ଅବସରରେ ଶିକ୍ଷାକେନ୍ଦ୍ରର ପରିଚାଳନା ନିର୍ଦ୍ଦେଶକ ମନୋଜ କୁମାର ରାୟ ଓ ନିର୍ଦ୍ଦେଶିକା ନମ୍ରତା ରାୟ ପରିଚାଳନା କରିଥିଲେ । ଏହି ଆଧାରରେ ରାଜ୍ୟ ସରକାରଙ୍କ ଦ୍ୱାରା ଅନୁବନ୍ଧିତ ଓ ଅନୁମୋଦିତ ପାଠ୍ୟକ୍ରମ ଓ.ସେ.ସି.ଇ.ଟି. ସମସ୍ତ ସରକାରୀ ଚାକିରୀ ପାଇଁ ଉପଯୋଗୀ ଯାହାକି ସରକାରଙ୍କ ଆ.ଟି. ଓ ପ୍ରଯୁକ୍ତି ବିଭାଗ ଦ୍ୱାରା ପରିଚାଳିତ ହେଉଥିବା ସଂପର୍କରେ ସଭିଙ୍କୁ ସଚେତନ କରାଇବା ଏହି ରଥର ଆଭିମୁଖ୍ୟ ବୋଲି ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ମନୋଜ କୁମାର ରାୟ ପ୍ରକାଶ କରିଛନ୍ତି । ଅନ୍ୟାନ୍ୟ ଅତିଥିମାନଙ୍କ ମଧରେ ମୋଗଲ ତାମସାର ପ୍ରତିଷ୍ଠାତା ବାଦଲ ସିକ୍‌ଦାର, ବରିଷ୍ଠ ସାମ୍ବାଦିକ ପ୍ରମୋଦ ରାୟ, ଅନୁଷ୍ଠାନର କର୍ମକର୍ତ୍ତା ଓ ଛାତ୍ରଛାତ୍ରୀମାନେ ଯୋଗଦାନ କରିଥିଲେ ।

## ପାକିସ୍ତାନୀ ଡ୍ରୋନର ଅନୁପ୍ରବେଶ ଉଦ୍ୟମ

ଚଣ୍ଡୀଗଡ଼, ୨୪/୦୩ (ନି.ପ୍ର): ପାକିସ୍ତାନ ପକ୍ଷରୁ ବିଳମ୍ବିତ ରାତିରେ ପୁଣିଥରେ ଆନ୍ତର୍ଜାତିକ ସୀମାରେ ଅନୁପ୍ରବେଶ ଉଦ୍ୟମ ହୋଇଛି । ଡେରା ବାବା ନାନକ ସ୍ଥିତ ବିଏସଏଫର ମେଟଲା ଚୌକି ଠାରେ ବିଏସଏଫ ଯବାନ ମାନେ ପାକିସ୍ତାନ ଡ୍ରୋନର ଏଭଳି ଅନୁପ୍ରବେଶ ଉଦ୍ୟମ ଦେଖିବାକୁ ପାଇଥିଲେ । ଘଟଣାସ୍ଥଳରେ ଯବାନ ମାନେ ୫୪ ରାଉଣ୍ଡ ଫାଇରିଂ କରିଥିଲେ । ଏହାପରେ ଆଜି ସକାଳେ ସେଠାରେ ବିଏସଏଫ ପକ୍ଷରୁ ସର୍ଚ୍ଚ ଅପରେସନ ବେଳେ ୫ଟି ପିସ୍ତଲ, ୧୦ଟି ମାଗାଜିନ ଜବତ ହୋଇଛି । ଏଠାରେ ଉଲ୍ଲେଖଯୋଗ୍ୟ, ପାକିସ୍ତାନୀ ଡ୍ରୋନ ଲଗାତର ଭାରତୀୟ ସୀମାରେ ଅନୁପ୍ରବେଶ ଉଦ୍ୟମ କରି ଆସୁଛି ।

## ବାଲେଶ୍ୱରରେ ମାନବାଧିକାର ଆୟୋଗଙ୍କ କ୍ୟାମ୍ପକୋର୍ଟ

ବାଲେଶ୍ୱର, ୨୪/୦୩ (ନି.ପ୍ର): ଓଡ଼ିଶା ମାନବାଧିକାର ଆୟୋଗଙ୍କ ଏକ କ୍ୟାମ୍ପ କୋର୍ଟ ସ୍ଥାନୀୟ ଜିଲାପରିଷଦ ସଭାଗୃହରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଆୟୋଗର ସଭ୍ୟ ଅସୀମ ଅମିତାଭ ଦାଶ ଏହି କ୍ୟାମ୍ପ କୋର୍ଟ ଜରିଆରେ ଏକାଧିକ ମାମଲାର ଶୁଣାଣି କରିଥିଲେ । କୋର୍ଟ ଆରମ୍ଭ ପୂର୍ବରୁ ଅୟୋଜିତ ଅଧିବେଶନରେ ଜିଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେ ଯୋଗଦେଇ ଆୟୋଗକଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ । ଜନସାଧାରଣଙ୍କୁ ନ୍ୟାୟ ପ୍ରଦାନରେ ଏହି କ୍ୟାମ୍ପ ସହାୟକ ହେବ ବୋଲି ଶ୍ରୀ ଶିନ୍ଦେ ଆଶା ପ୍ରକାଶ କରିଥିଲେ । ବାଲେଶ୍ୱର ଏସପି ସାଗରିକା ନାଥ ଓ ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର ଏହି କ୍ୟାମ୍ପ କୋର୍ଟରେ ଯୋଗଦେଇ ମାନବାଧିକାର ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ଜନସାଧାରଣଙ୍କୁ ନ୍ୟାୟ ପ୍ରଦାନ ପ୍ରକ୍ରିୟାକୁ ଏହି କୋର୍ଟ ତ୍ୱରାନ୍ୱିତ କରିପାରିଛି ବୋଲି କହିଥିଲେ । ଏହି ଅଧିବେଶନରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରବୀନ୍ଦ୍ର କୁମାର ସାହୁ ଏବଂ ରାଜ୍ୟ ମାନବ ଅଧିକାର କମିଶନଙ୍କ ସହକାରୀର ସଚିବ ବିଶ୍ୱଜିତ ମହାପାତ୍ର ଉପସ୍ଥିତ ଥିଲେ । ଆୟୋଜିତ ଏହି କ୍ୟାମ୍ପକୋର୍ଟରେ ସମୁଦାୟ ୩୨ ଗୋଟି ମାମଲା ଫଇସଲା ହୋଇଥିବା ବେଳେ ବିଦ୍ୟୁତ ଆଘାତ ଜନିତ ମୃତ୍ୟୁ ପାଇଁ ୨୨ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ ବିଭାଗୀୟ ଅଧିକାରୀଙ୍କୁ କୋର୍ଟ ନିର୍ଦ୍ଦେଶ ଦିଆଯାଇଛି ।

## ଏମସିଏଏମ କଲେଜ ଛାତ୍ର ଛାତ୍ରୀଙ୍କ ଶିକ୍ଷାଭିତ୍ତିକ ପରିଭ୍ରମଣ



ବାରିପ, ୨୪/୦୩ (ନି.ପ୍ର): ମହାରାଜ ଶ୍ରୀରାମ ଚନ୍ଦ୍ର ଭଂଜଦେଓ ବିଶ୍ୱବିଦ୍ୟାଳୟର ଶେଷ ବର୍ଷ ଛାତ୍ର ଛାତ୍ରୀ ମାନଙ୍କ ପାଇଁ ଶିକ୍ଷା ଭିତିକ ପରିଭ୍ରମଣ ଏବଂ ଛାତ୍ର ଛାତ୍ରୀଙ୍କ ଦ୍ୱାରା ତତ ସମ୍ବନ୍ଧୀୟ ପ୍ରୋଜେକ୍ଟ ରିପୋର୍ଟ ଦାଖଲ ବାଧତାମୂଳକ କରାଯାଇଥିବା ବେଳେ, ମହାରାଜପୁର ସ୍ଥିତ ମୟୂରଭଂଜ କଲେଜ ଅଫ ଆକାଉଂଟେନସି ଆଣ୍ଡ ମ୍ୟାନେଜମେଂଟ ପ୍ରାଣୀ ବିଜ୍ଞାନ ଛାତ୍ର ଛାତ୍ରୀ, ଅଧାପିକା ଅଭିପ୍ସା ନାୟକ ଓ ଅଙ୍କିତା ସାହୁଙ୍କ ନେତୃତ୍ୱରେ ବୈଶିଙ୍ଗା ସ୍ଥିତ ମାଛ ଉତ୍ପାଦନ କେନ୍ଦ୍ରକୁ ପରିଭ୍ରମଣରେ ଯାଇଥିଲେ । ସେମାନେ ଅସ୍ତପୁରା ସ୍ଥିତ କୈଳାଶ ଫିସାରି ଆଣ୍ଡ ଆକ୍ୱାଟିକ୍ସ ପରିଦର୍ଶନ କରିଥିଲେ । ସେଠାରେ ମାଛ ଚାଷର କୌଶଳ ପରଖିବା ସହ କେନ୍ଦ୍ର ର ନିର୍ଦ୍ଦେଶକ ଅକ୍ଷୟ କୁମାର ସାହୁଙ୍କ ଠାରୁ ମାଛ ଚାଷର ବିଭିନ୍ନ ପ୍ରଣାଳୀ ଓ ଲାଳନ ପାଳନ ସହ ଇଣ୍ଟରଗ୍ରେଟେଡ଼ ଫିଶ ଫାର୍ମିଂ ସମ୍ବନ୍ଧ ଜ୍ଞାନ ଆହରଣ କରିଥିଲେ । ସେଠାରେ ଥିବା ଟେକନିସିଆନ ଗୌରାଙ୍ଗ ମଲ୍ଲିକ ଛାତ୍ର ଛାତ୍ରୀ ମାନଙ୍କୁ ବିଭିନ୍ନ ପ୍ରଜାତି ର ମାଛ ଜାଆଁଳ ସମ୍ପର୍କ ରେ ସୂଚନା ଦେଇଥିଲେ । ମାଛ ଚାଷ ସହିତ ଗାଈ ଓ ବିଭିନ୍ନ ଫୁଲ ଫଳ କିପରି ଗୋଟେ ସ୍ଥାନ ରେ ଚାଷ କରାଯାଇପାରିବ ତାହା ବୁଝାଇ ଥିଲେ । ଛାତ୍ର ଆୟୁଷ୍ମାନ ଭୁଆଁ ଓ ବିକାଶ ରଂଜନ ମହାପାତ୍ର, ଛାତ୍ରୀ ନିବେଦିତା ମହାନ୍ତି ଏଥିରେ ନେତୃତ୍ୱ ନେଇଥିଲେ ।

# ହତୀ ମୃତ୍ୟୁ ଓ ଦାନ୍ତ ଲୁଟ ଘଟଣାରେ ସମ୍ବାଦିକ ସମ୍ମିଳନୀ

## ଦାନ୍ତକୁ ନେଇ ବିଭ୍ରାନ୍ତିକର ତଥ୍ୟ ଦେଲେ ଡି.ଏଫ.ଓ



ନୀଳଗିରି, ୨୪/୦୩ (ନି.ପ୍ର): କୁଳଡିହା ଅଭୟାରଣ୍ୟର ବାବନ୍ଧ ବିଟ୍ ଅଧିନସ୍ଥ କଳମାଚତୁରୀ ଠାରେ ୩ଦିନ ପୂର୍ବରୁ ଏକ ଗଳିତ ଦନ୍ତାର ଶବ ବନବିଭାଗ ଠାବ କରିଥିବା ବେଳେ ଦନ୍ତାର ୨ଟି ଦାନ୍ତ ନ ଥିବା ଦେଖିବାକୁ ପାଇଥିଲେ । ତେବେ ଦନ୍ତାଟିକୁ ଶିକାରୀମାନେ ଗୁଳିକରି ମାରିଥିବା ବେଳେ ଦାନ୍ତ ୨ଟିକୁ ଲୁଟ କରିନେଇଥିବାର ସାଧାରଣରେ ଚର୍ଚ୍ଚା ଚାଲିଥିବା ବେଳେ ଦନ୍ତାହାତୀ ମୃତ୍ୟୁର ସବିଶେଷ ତଥ୍ୟ ସଂଗ୍ରହ ପାଇଁ ଯାଇଥିବା ଗଣମାଧମ ପ୍ରତିନିଧିଙ୍କୁ ବନବିଭାଗ ପକ୍ଷରୁ ବାରଣ କରାଯାଇଥିଲା । କାଳେ ବନବିଭାଗର ଗୁମର କଥା ପଦାର ପଡ଼ିବ ସେଥିପାଇଁ ଗଣମାଧ୍ୟମକୁ ବାରଣ କରାଯାଇଥିଲା । ଏକ ବର୍ଷରେ ୭ଟି ହାତୀର ମୃତ୍ୟୁ ଘଟିବା କୁଳଡିହା ବନବିଭାଗ ପାଇଁ ଏକ ପ୍ରକାର ଚାଲେଞ୍ଜ ପାଲଟିଛି । ଶୁକ୍ରବାର ଦିନ ଆର.ସି.ସି.ଏଫ. ପ୍ରକାଶ ଗୋଗିନାନି, ବାଲେଶ୍ୱର ଡି.ଏଫ.ଓ. ଖୁସଓ୍ୱନ୍ତ ସିଂ, ଏ.ସି.ଏଫ.ଓ. ଶୋଭନ ବିଗନ୍ତ ଚାନ୍ଦ, ଭୁବନେଶ୍ୱର ସ୍ପେଶାଲ ଟାସ୍କ ଫୋର୍ସ, ପ୍ରାଣୀ ଚିକିତ୍ସକ, ରେଞ୍ଜର ଅନନ୍ତ କୁମାର ଜେନା ପ୍ରମୁଖ ଦନ୍ତା ହାତୀ ମୃତ୍ୟୁ ଘଟଣାସ୍ଥଳକୁ ଯାଇଥିଲେ । ସମସ୍ତ ପ୍ରକାର ତଦନ୍ତ୍ କଲା ପରେ ଶବ ବ୍ୟବଚ୍ଛେଦ କରି ଦନ୍ତାଟିକୁ ଘଟଣାସ୍ଥଳରେ ପୋଡ଼ି ଦିଆଯାଇଥିଲା । ଏନେଇ ଶୁକ୍ରବାର ଅପରାହ୍ନ ୫ଘଟିକା ସମୟରେ କୁଳଡିହା ରେଞ୍ଜ ଅଫିସ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀରେ ୨ଟି ଦାନ୍ତ ଉଦ୍ଧାର କରିଥିବା ସାମ୍ବାଦିକ ସମ୍ମିଳନୀରେ ଡି.ଏଫ.ଓ. ସୂଚନା ଦେଇଛନ୍ତି । ତେବେ ଏହି ସାମ୍ବାଦିକ ସମ୍ମିଳନୀରେ ବନବିଭାଗ ର ଦୁର୍ବଳତା କୁ ଲୁଚାଇବା ପାଇଁ ସାମ୍ବାଦଦାତା ସମ୍ମିଳନୀ କରାଯାଇଥିବା ନେଇ ସାଧାରଣରେ ଚର୍ଚ୍ଚା ଚାଲିଥିବା ବଳେ ଡାହାଣ ପାଖ ଦାନ୍ତଟିର ଓଜନ ୭.୧କେଜି, ଲମ୍ବା ୩ଫୁଟ, ୭ଇଂଚ ମୋଟେଇ ୧୧ଇଂଚ ଥିବା ବେଳେ ବାମ ପଟ ଦାନ୍ତଟି ୬.୯କେଜି ଓଜନ ଥିବା ବେଳେ ଲମ୍ବ ୩ଫୁଟ ୧୦ଇଂଚ ଏବଂ ମୋଟେଇ ୧୧ଇଂଚ ବୋଲି ଡି.ଏଫ.ଓ. ସୂଚନା ଦେଇଛନ୍ତି । ଦାନ୍ତ ଦୁଇଟିକୁ ଖୁମକୁଟ ଅଂଚଳରୁ ଉଦ୍ଧାର କରାଯାଇଥିବା ବେଳେ ଅଭିଯୁକ୍ତ ବାବଦରେ ତଦନ୍ତ ଚାଲିଥିବାର ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି । ଆର.ସି.ସି.ଏଫ. ଓ ଡି.ଏଫ.ଓ. ଙ୍କ ସୂଚନାକୁ ନେଇ ପାର୍ଥକ୍ୟ ଦେଖାଦେଇଛି । ଆର.ସି.ସି.ଏଫ ମୃତ ଦନ୍ତାହାତୀର ୧୫ଦିନ ପୂର୍ବରୁ ମୃତ୍ୟୁ ଘଟିଥିବା ସୂଚନାଦେଇଥିବା ବେଳେ ଆଜି ସମ୍ବାଦିକ ସମ୍ମିଳନୀରେ ୧୦ଦିନ ପୂର୍ବରୁ ମୃତ୍ୟ ହୋଇଥିବା ଡି.ଏଫ.ଓ. ସୂଚନା ଦେଇଛନ୍ତି । ତେବେ ପ୍ରକାଶ ଥାଉକି କୌଣସି ହାତୀ ମୃତ୍ୟୁ ୧୫ଦିନ ପରେ ଦାନ୍ତ ପଚି ବାହାରିବା କଥା ଆର.ସି.ସି.ଏଫ. କହୁଥିବା ବେଳେ ୧୦ଦିନ ମଧରେ ହାତୀ ମୃତ୍ୟୁ ହୋଇଥିବା ନେଇ ଡି.ଏଫ.ଓଏି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି । ଉଭୟ ଅଧିକାରୀଙ୍କ କଥାରେ ତାଳମେଳ ରହି ନ ଥିବା ଯୋଗୁଁ ଘଟଣାର ସତ୍ୟାସତ୍ୟ ସନ୍ଦେହ ଘେରରେ । ଡି.ଏଫ.ଓ. ସାମ୍ବାଦିକ ସମ୍ମିଳନୀରେ ଦାନ୍ତ ୨ଟି ଖୁମକୁଟ ଅଂଚଳର ଜବତ ହୋଇଥିବା କଥା କହୁଥିବା ବେଳେ ପ୍ରକୃତରେ ଦାନ୍ତ ଗୁଡ଼ିକ କେଉଁ ନିର୍ଦ୍ଦିଷ୍ଟ ସ୍ଥାନରେ ଜବତ କରାଯାଇଛି ତାହା ଡି.ଏଫ.ଓ. ପ୍ରକାଶ ନ କରି ତଦନ୍ତ ଚାଲିଥିବା କଥା କହି ସତ୍ୟ ଘଟଣାକୁ ଚପାଇବାକୁ ଅପଚେଷ୍ଟା କରୁଛନ୍ତି । ଯାହା ଜଣାପଡୁଛି ହାତୀ ଦାନ୍ତ ଲୁଟ ଘଟଣାକୁ ଚପାଇବା ଲାଗି ଡି.ଏଫ.ଓ. ନିରୀହ କୌଣସି ବ୍ୟକ୍ତିଙ୍କ ମୁଣ୍ଡରେ ଅଠାବୋଳି ପ୍ରକୃତ ଅଭିଯୁକ୍ତକୁ ଖସାଇ ଦେବା ଯୋଜନା ରଖି ଥିବା ଅଭିଯୋଗ ଉଠିଛି । ତେବେ ପ୍ରଶ୍ନ ଉଠେ ସ୍ଥାନୀୟ ବନପାଳ ଭାଗ୍ୟଶ୍ରୀ ଦ୍ୱିବେଦୀ କାର୍ଯ୍ୟଦକ୍ଷତାକୁ ନେଇ ପୁରସ୍କୃତ ହୋଇଥିବା ବେଳେ ତାଙ୍କରି ଅଧିନରେ ୭ଗୋଟି ହାତୀ ମୃତ୍ୟୁ ଘଟିବା ଏବଂ ଗୋଟିଏ ହାତୀର ଦାନ୍ତା କାଢ଼ିନେବା ଭଳି ଘଟଣା ପରେବି ବିଭାଗ ତରଫରୁ ତାଙ୍କୁ ପୁରସ୍କୃତ କରାଯିବା ଏକ ନିନ୍ଦନୀୟ ଘଟଣା ବୋଲି ପରିବେଶବିତମାନେ କ୍ଷୋଭର ସହ ପ୍ରକାଶ କରିଛନ୍ତି । ତେବେ ପ୍ରକୃତ ଘଟଣା କେବେ ଉନ୍ମୋଚନ ହେବ ତାହା ଦେଖିବାକୁ ବାକି ରହିଲା ।

## ଏମକେସି ହାଇସ୍କୁଲରେ ଶକ୍ତି ସଂରକ୍ଷଣ ଉପରେ ଆଲୋଚନାଚକ୍ର




ବାରିପଦା, ୨୪/୦୩ (ନି.ପ୍ର): ରାଜ୍ୟ ସରକାରଙ୍କ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତନ ବିଭାଗ ଅନୁବନ୍ଧିତ ସେଣ୍ଟର ଫର ଏନଭରମେଂଟାଲ ଷ୍ଟଡିଜ ସହଯୋଗ ରେ ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ଶକ୍ତି ସଂରକ୍ଷଣ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା ।ଛାତ୍ରଛାତ୍ରୀ ମାନେ ବିଭିନ୍ନ ସ୍ଲୋଗାନ ଦେଇ ଜନସାଧାରଣ ଙ୍କୁ ଶକ୍ତି ସଂରକ୍ଷଣ ଉପରେ ସଚେତନ କରାଇଥିଲେ । ଶକ୍ତି ସଂରକ୍ଷଣ ଉପରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାରେ ଆଶୁତୋଷ ଗିରି, ଲଳିତ କୁମାର ନାୟକ, ଭାଗ୍ୟଜ୍ୟୋତି ଦାସ ଯଥାକ୍ରମେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଚିତ୍ରାଙ୍କନ ପ୍ରତିଯୋଗିତାରେ ସୁଲଗ୍ନା ଘଡେଇ, ସ୍ନେହା ପ୍ରଦୀପକ୍ଷ ସେଠୀ ଓ ଶୁଭଶ୍ରୀ ମହକ୍ଷନ୍ତି ଯଥାକ୍ରମେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ କୁଂଜବାଳା ମହାନ୍ତ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନ ରଂଜନ ଆଚାର୍ଯ୍ୟ, ମୁଖ୍ୟବକ୍ତା ଭାବେ କଂଟାପାଳ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅମିତାଭ ମିଶ୍ର ଯୋଗଦେଇ ଶକ୍ତିସଂରକ୍ଷଣର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ବିଦ୍ୟାଳୟର ଇକୋକ୍ଲବ ଶିକ୍ଷକ ରାଜୀବ ଲୋଚନ ଜେନା, ଶିକ୍ଷକ ଲକ୍ଷ୍ମୀ ନାରାୟଣ ମହାନ୍ତ, ଶିକ୍ଷକ ମନୋଜ କୁମାର ପରିଡା, ଶିକ୍ଷୟିତ୍ରୀ ସୋନାଲି ପରିଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Managing & Executive Editor : Srustidhar Parida
❒ Editor: Sairindhree Sahoo